
ତୃଷଣ-21

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ

# ଚରମ


✿ ପଞ୍ଚମ ପୁଷ୍ପ ✿ ଦ୍ୱିତୀୟ ପାଖୁଡ଼ା ✿ ଏକବିଂଶତମ ସଂଖ୍ୟା ✿

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଜବ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।


✿ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ✿

❋ କେଶବାବ୍ଦ : ପଞ୍ଚପଞ୍ଚାଶତ୍ ❋ ମତ୍ସ୍ୟାବତାର ମାସ ❋ ଚୈତ୍ର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ପଞ୍ଚମ ପୁଷ୍ପ ❋
ଦ୍ୱିତୀୟ ପାଖୁଡ଼ା
ଏକବିଂଶତମ ସଂଖ୍ୟା

ତୃତୀୟ ମହକ, ମତ୍ସ୍ୟାବତାର ମାସ, ଚୈତ୍ର ପୂର୍ଣ୍ଣିମା, ୨୦୧୦

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଜଣାଣ | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| ଶ୍ରଦ୍ଧାଞ୍ଜଳି | ୯ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୧ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଓ ମୀମାଂସାଖଣ୍ଡ | ୧୨ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୪ |
| ଚରମାର୍ଥ ହିଁ ପରମାର୍ଥ | ୧୬ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୨ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୪ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୬ |
| ଜିଜ୍ଞାସା : ଜିଜ୍ଞାସୁ : | ୩୦ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୩ |
| କଲ୍ୟାଣ ହେଲି ତୋତେ | ୩୬ |
| କେଶବ କୈବଲ୍ୟ କଣିକା | ୪୧ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶର ମୀମାଂସା ଖଣ୍ଡ | ୪୩ |
| ଅଚ୍ୟୁତଙ୍କ 'ଶୂନ୍ୟବାଣୀ'ର ସରଳ ବ୍ୟାଖ୍ୟା | ୪୬ |
| ଚ୍ୟାଗହିଁ ଭକ୍ତର ମୁଖ୍ୟ ଭୂଷଣ | ୪୯ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୫୩ |
| ଶାଖା ପରିଚିତି | ୫୫ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।

୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।

୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।

୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।

୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।


୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

– ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର    ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ    ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର    ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା    ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣିମା



ମଙ୍ଗଳାଚରଣ

ଅନନ୍ତଦେବଃ ତ୍ରିଗୁଣାମ୍ ରୂପମ୍
ବିଶ୍ୱେଶ୍ୱର ସ୍ତଂ ସଚରାଚରସ୍ୟ ।
ତେଂଖଣ୍ଡ ତେଜଃ ମୁଖବଲ୍ଲନେତ୍ରମ୍
ତଂପାହି ସର୍ବାନ୍ ମମ ଗୁରୁଦେବଃ ।।

## ଶ୍ରୀପାଦ ବନ୍ଦନା

ପାଦଠିଁ ସାଷ୍ଟାଙ୍ଗ ପ୍ରଣାମ ମୋର ।
ପାଦ ପାରିକର ଭବ ସାଗର ।।
ପାଦସେବା ସୂକ୍ଷ୍ମଭାବର ମୂଳ ।
ପାଦ ଠିଁ ସକଳ ବିଭୂତି ଠୁଳ ।।
ପାଦ ସର୍ବସିଦ୍ଧି କୈବଲ୍ୟ ଦାତା ।
ପାଦ ହର୍ତ୍ତାକର୍ତ୍ତା ଦୈବ ବିଧାତା ।।
ପାଦ ଚିନ୍ତି ଯାତ୍ରା ଆରମ୍ଭ କର ।
ପାଦଠିଁ ସମର୍ପି ପାଦକୁ ଧର ।।
ପାଦ ଇହ ପର କାଳ କରତା ।
ପାଦ ମୁକ୍ତି ମୋକ୍ଷ ଚରମ ଦାତା ।।
ପାଦରେ ଲୟରଖି ଧ୍ୟାନ କର ।
ପାଦ ଯୁଗ୍ମ ଅନୁବ୍ରତେ ସୁମର ।।
ପାଦ କଳିଯୁଗ ଧର୍ମ ଦେବତା ।
ପାଦ କଳିବଳୁ ରକ୍ଷା କରତା ।।
ପାଦଧୂଳି କର ଲଲାଟେ ଚିତା ।
ପାଦ ପୀଠ ବେଦ ବେଦାନ୍ତ ଗୀତା ।।
ପାଦ ଠିଁ ରହିଛି ଜ୍ଞାନ ବିଜ୍ଞାନ ।
ପାଦ ଦେଇପାରେ ତତ୍ତ୍ୱ ମହାନ ।।
ପାଦ ପିତାମାତା ବନ୍ଧୁ ସ୍ୱଜନ ।
ପାଦଠିଁ ନ ଥାଏ ପର ଆପଣ ।।
ପାଦ ପଦ୍ମପୀଠେ ଏହି ବନ୍ଦନ ।
ପାଦରଜ ମୋ ଲଲାଟ ଚନ୍ଦନ ।।



ପାଦର ମହିମା କାଳୀୟ ଜାଣେ ।
ପାଦର ମହିମା ଉଦ୍ଧବ ଭଣେ ।
ପାଦ ଦାନନେଲା ବଳି ସଦନେ ।
ପାଦେ ବିଭୀଷଣ ରହେ ଶରଣେ ।।
ପାଦ ଉଦ୍ଧରିଲା ଗୌତମ ନାରୀ ।
ପାଦ ଅହଲ୍ୟାକୁ ଦେଲାକ ତାରି ।।
ପାଦ ଧୌତ କରିଥିଲା କୈବର୍ତ୍ତ ।
ପାଦ ନାଶିଥାଏ ଆର୍ତ୍ତିର ଆର୍ତ୍ତ ।।
ପାଦ ପାଦୁକାରେ ବଳାଇ ମନ ।
ଭରତ ପାଇଲା ଅମୂଲ୍ୟ ଧନ ।।
ପାଦରେ ଆଘାତ କଲା ଭକତ ।
ପାଦ ହୃଦେ ଧରି ପ୍ରଭୁ ଉଷତ ।।
ପଦରେ ପ୍ରକାଶ ଆଜ୍ଞା ଆଦେଶ ।
ପାଦରେ ବିଭୂତି ଜ୍ୟୋତି ପ୍ରକାଶ ।।
ପଦ ନ ସେବିଲେ ଚରଣ ସେବା ।
ପାଦ ସେବାରେ ସେ ଗଣନା କିବା ।।
ପଦ ସେବାହିଁତ ଚରଣ ସେବା ।
ପଦ ମାନି ପାଦେ ଶରଣ ନେବା ।।
ପାଦଚିନ୍ତି ପଦ ମାନି କରମ ।
କରୁଥିଲେ ସାଧ ସର୍ବ ଧରମ ।।
ପାଦ ମୋର ପ୍ରଭୁ ମୁଁ ଦୀନ ଦାସ ।
ପାଦେ ଭାବ ଥିଲେ ନ ଲାଗେ ପ୍ରାସ ।




## ଜଣାଣ

ଅରକ୍ଷଜନଙ୍କ ରକ୍ଷାକାରୀ ବୋଲି
ଜଗତେ ପଡୁଛି ହୁରି ।
ଅନାଥର ନାଥ ଜୟଜଗନାଥ
ଜୟ ନୀଳାଦ୍ରିବିହାରୀ ।୧।

ଆରତ ଫେଡ଼ିଛ ଭକ୍ତଜନଙ୍କର
ଯୁଗେ ଯୁଗେ ଅବତରି
ଆର୍ତ୍ତତ୍ରାଣ ନାମ ଅଟଇ ତୁମ୍ଭର
ଶୁଣିଛ କେତେ ଗୁହାରି ।।୨।।

ଇତର ପରାୟେ ଦେଖପଛେ ପ୍ରଭୁ
କାତରେ ଡାକୁଛି ମୁହିଁ ।
ଇଷ୍ଟଦେବ ମୋର ନୀଳାଦ୍ରି ମଣ୍ଡନ
ପାରିକର ବେଳ ତାହିଁ ।।୩।।

ଉଦ୍ଧାରି ଉଦ୍ଧବ ଯେଉଁପରି କଲ
ମୂଳପୋଛ ଯଦୁକୁଳ ।
ଉଦ୍ଧାରିବା ପାଇଁ ଡାକୁଛି କହ୍ନାଇ
ଫେଡ଼ ଦୁର୍ଗତି ସକଳ ।।୪।।

ଋଷିନାରୀପରା ଉଦ୍ଧାର କରିଛ
ଫେଡ଼ିଛ ଦ୍ରୌପଦୀ ତ୍ରାସ ।
ଋଷିଗଲେ ଥରେ ଦୀନଜନ ପରେ
ଦୀନ ହେବ ସର୍ବନାଶ ।।୫।।

ଐରି-ନାଶବାନା ନିନ୍ଦାକୁ ଲଭିବ
ଦାସଯେବେ ନାଶ ଯିବ ।
ଏକେ ଦୀନଜନ ନାହିଁ ବୁଦ୍ଧିଜ୍ଞାନ
ଜାଣି ନାହଁ କି କେଶବ ??୬।।

କରୁଣା ସାଗର ନ କରିବ ପର
ଶରଣ ମାଗେ ସନ୍ତାନ ।
ଖଣ୍ଡିବ ଦୁରିତ ଆହେ ଲକ୍ଷ୍ମୀକାନ୍ତ
ନମୋ ନମୋ ନିରଞ୍ଜନ ।।୭।।

***

## ଭଜନ

ଠାକୁର ହେ, ତୁମେ ଅଖିଳ ବିହାରି
ଜଡ଼ କି ଚେତନ ତନୁ ମନ ପ୍ରାଣ ସବୁଠି ରହିଛ ପୂରି ।।୦।।
କେ ପୂଜେ ଗଣେଶ କେବା ଲକ୍ଷ୍ମୀଈଶ
ପୂଜେ କେ ଭାସ୍କର ଉମା ଉମାଈଶ
ତୁମେ ପରଂବ୍ରହ୍ମ ଘେନ ସବୁ ପୂଜା ନାନା ଭାବରୂପ ଧରି ।।୧।।
ତୁମେ ନିରାକାର ଅନାଦି ଅନନ୍ତ
ବିଦ୍ୟାବୁଦ୍ଧିଜ୍ଞାନ କଳ୍ପନା ଅତୀତ
ଲୀଳାର କାରଣ ଭାବରୂପଗୁଣ ସ୍ୱଇଚ୍ଛାରେ ଥାଅ ଧରି ।।୨।।
ଅବ୍ୟକ୍ତରୁ ବ୍ୟକ୍ତ ଇଚ୍ଛାରୁ କାରଣ
ତହୁଁ ସୂକ୍ଷ୍ମ ସ୍ଥୂଳ ସୂକ୍ଷ୍ମରୁ ସୃଜନ
ଅନୁପମ ଲୀଳା କର ଲୀଳାମୟ ଯୁଗେଯୁଗେ ଅବତରି ।।୩।।
ବ୍ରହ୍ମାବିଷ୍ଣୁଶିବ ଲକ୍ଷ୍ମୀ ସରସ୍ୱତୀ
ଦୁର୍ଗା କାଳୀଚଣ୍ଡୀ ଅବା ଭଗବତୀ
ଯିଏ ଯେଉଁ ଭାବେ ଭଜେ ତାକୁ ତୁମେ ଦେଖାଦିଅ ସେହିପରି ।।୪।।
କଳି ଶେଷେ ପାପ ବଢ଼ନ୍ତେ ବିସ୍ତର
ସହି ନ ପାରିଲା ମହୀ ପାପଭାର
ସନାତନ ଧର୍ମ ରକ୍ଷାପାଇଁ ପ୍ରଭୁ ଆସିଅଛ ଅବତରି ।।୫।।
ଆଣିଅଛ ସାଥେ ଲୀଳାଙ୍ଗ ଯୋଗାଙ୍ଗ
ଲୟାଙ୍ଗ ବେଦାଙ୍ଗ ଭକ୍ତ ଚତୁରଙ୍ଗ
ଅବିରତ ଲୀଳା ରଚିଯାଉଅଛ ପଞ୍ଚଭୂତ ଦେହ ଧରି ।।୬।।
ଆଣିଛ ସାଥିରେ କେତେ ସୁଜ୍ଜନର
କରିବାକୁ ତୁମ ଲୀଳାର ପ୍ରଚାର
ସିଦ୍ଧସ୍ଥାନ ବାଛି ବାଛିରଖିଅଛ ସେହିଭାବେ ସେହିପରି ।।୭।।

***

# ମୁଖଶାଳା

## ସମ୍ପାଦକୀୟ

ଭଗବଦ୍‌ଭକ୍ତିପରାୟଣ ଭକ୍ତଶିରୋମଣି ବିଲ୍ୱମଙ୍ଗଳଙ୍କ କଣ୍ଠରେ ସୁଲଳିତ ସୁମଧୁର ସ୍ୱରରେ ଫୁଟିଉଠେ ହରିନାମ କୀର୍ତ୍ତନର ମହତ୍ତ୍ୱ ଓ ମହିମା:

''ଆତ୍ୟାନ୍ତାପଦାଃ ବିହରଂ ଜନାନାଂ
ଚିକିତ୍ସକଂ ବେଦବିଦୋ ବଦନ୍ତି ।
ସଂସାରତାପଃ ତ୍ରୟନାଶ ବୀଜଂ
ଗୋବିନ୍ଦ ଦାମୋଦର ମାଧବେତି ।।''

ଇହ ସଂସାରରେ ଘର କରି ଆପଦ ବିପଦ, ରୋଗ ବିରୋଗ ତଥା ତ୍ରିତାପ-ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ତାପ ଅବା କାହାର ନାହିଁ ? ଏ ସକଳ ବିପତ୍ତିରୁ ରକ୍ଷା ପାଇବାର ସହଜ ସୁନ୍ଦର ବ୍ୟବସ୍ଥା ହେଉଛି ଈଶ୍ୱରଙ୍କର ପବିତ୍ର ନାମ ଗାନ କରିବା । ଏହାହିଁ ବେଦବିଦ୍ ମହାପୁରୁଷମାନଙ୍କର ସଂସାରୀମାନଙ୍କ ପ୍ରତି ସର୍ବଶ୍ରେଷ୍ଠ ଉପଦେଶ ।

କାୟମନୋବାକ୍ୟରେ ଈଶ୍ୱରଙ୍କୁ ଭଜନ କରିବାର ନାମ ହିଁ ଭକ୍ତି । କାୟା ଅର୍ଥାତ୍ ଶରୀରର ବିଭିନ୍ନ ସ୍ଥୂଳ ଅଙ୍ଗପ୍ରତ୍ୟଙ୍ଗ ଯଥା ହାତ ଦ୍ୱାରା ତାଙ୍କର ପୂଜା ଓ ସେବା କରିବା, ପାଦରେ ତାଙ୍କ ପୀଠକୁ ଯିବା, କାନଦ୍ୱାରା ତାଙ୍କର ତତ୍ତ୍ୱ ଓ ଲୀଳାଦି ବିଶ୍ୱାସର ସହିତ ଶୁଣିବା, ଆଖିଦ୍ୱାରା ତାଙ୍କ ଶ୍ରୀବିଗ୍ରହ ଓ ଶ୍ରୀସ୍ୱରୂପ ଦର୍ଶନ କରିବା, ମନ ଦ୍ୱାରା ତାଙ୍କର ଧ୍ୟାନ ଓ ଚିନ୍ତା କରିବା, ଲୀଳା ପ୍ରସଙ୍ଗାଦି ଶ୍ରବଣପରେ ବାରମ୍ବାର ସ୍ମରଣ ଓ ମନନ କରିବା ଏବଂ ବାକ୍ୟ ଦ୍ୱାରା ତାଙ୍କର ସ୍ତବସ୍ତୁତି କଥା ତାଙ୍କର ନାମ ଓ ଗୁଣ କୀର୍ତ୍ତନ କରିବା ଦ୍ୱାରା ବ୍ୟକ୍ତିର ଅନ୍ତଃକରଣରେ ଭକ୍ତିଭାବ ଉଦ୍ରେକ ହୋଇଥାଏ । ଏହିପରି ଭାବରେ ଭଜନ କୀର୍ତ୍ତନ କଲେ ସେ ଭକ୍ତକୁ ଚରମ ପ୍ରାପ୍ତି ରୂପକ ଅଭୟ ଆଶ୍ରୟ ଦେଇଥାଆନ୍ତି ।

କଳି ଯୁଗରେ ଭକ୍ତିଯୋଗ ହିଁ ସର୍ବୋତ୍ତମ । ଭକ୍ତିଯୋଗ ହିଁ ଏ ଯୁଗର ଯୁଗଧର୍ମ । ଏଥିରେ ଅନ୍ୟାନ୍ୟ ପଥ ଅପେକ୍ଷା ଅତି ସହଜରେ ଈଶ୍ୱରଙ୍କୁ ପାଇହୁଏ । ଜ୍ଞାନଯୋଗ, କର୍ମଯୋଗ, ବା ଅନ୍ୟାନ୍ୟ ଯୋଗ ମାର୍ଗରେ ଯାଇ ମଧ୍ୟ ଈଶ୍ୱରଙ୍କୁ ପାଇ ହୁଏ ସତ୍ୟ, ମାତ୍ର ତାହା ଭକ୍ତିଯୋଗ ଅପେକ୍ଷା କଠିନତର । ଶ୍ରୀମଦ୍‌ଭଗବଦ୍ ଗୀତାର ଦ୍ୱାଦଶ ଅଧ୍ୟାୟ (ଭକ୍ତିଯୋଗଃ)ରେ ଭଗବାନ ସଗୁଣ ବ୍ରହ୍ମୋପାସକଙ୍କର ଶ୍ରେଷ୍ଠତା ସମ୍ବନ୍ଧରେ କହି ଅଛନ୍ତି-''ଯେଉଁମାନେ ସର୍ବଜ୍ଞତ୍ୱାଦିଗୁଣବିଶିଷ୍ଟ ପରମେଶ୍ୱର ଯେ ମୁଁ, ସେହି ମୋଠାରେ ଏକାଗ୍ରଚିତ୍ତ ଓ ପରମଶ୍ରଦ୍ଧାଯୁକ୍ତ ହୋଇ ମୋର ଆରାଧନା କରନ୍ତି, ମୋ ମତରେ ସେହିମାନେ ହିଁ ଯୁକ୍ତତମ ଅର୍ଥାତ୍ ଶ୍ରେଷ୍ଠ ଯୋଗୀ ।''

ଶ୍ରୀମଦ୍‌ଭାଗବତ ମହାପୁରାଣର ତୃତୀୟସ୍କନ୍ଧ ନବମ ଅଧ୍ୟାୟରେ ମଧ୍ୟ ସ୍ପଷ୍ଟ ଉଲ୍ଲେଖ ଅଛି:

''ଯସ୍ୟାବତାର-ଗୁଣକର୍ମ-ବିଡ଼ମ୍ବନାନି
ନାମାନି ଯେଽସୁବିଗମେ ବିବଶା ଗୃଣନ୍ତି ।
ତେଽନୈକ-ଜନ୍ମ-ଶମଳଂ ସହସୈବ ହିତ୍ୱା
ସଂଯାନ୍ତ୍ୟପାବୃତମୃତଂ ତମଜଂ ପ୍ରପଦ୍ୟେ ।।'' (୩/୯/୧୫)

ଅର୍ଥାତ୍, ଯେଉଁ ଲୋକ ପ୍ରାଣତ୍ୟାଗ କରିବା ମୁହୂର୍ତ୍ତରେ ଆପଣଙ୍କର (ଭଗବାନ ଈଶ୍ୱରଙ୍କର) ଗୁଣ ଓ କର୍ମ ଏବଂ ଅବତାରକୁ ସୂଚିତ କରୁଥିବା ନାମ (ଯଥା: ଗୋବିନ୍ଦ, ଦାମୋଦର, ମାଧବ, ଦେବକୀନନ୍ଦନ, ଯଦୁନନ୍ଦନ, ଜନାର୍ଦ୍ଦନ, କଂସନିକେତନ, ସୁକାନ୍ତିସୁତ, କେଶବ, ଭକ୍ତପ୍ରିୟ, ଭାବଗ୍ରାହୀ, ମୁକୁନ୍ଦ ଆଦି)କୁ ବିବଶ ହୋଇ ମଧ ଉଚ୍ଚାରଣ କରନ୍ତି, ସେ ଅନେକ ଜନ୍ମର ସଞ୍ଚିତ ପାପ ସକଳରୁ ସେହି ମୁହୂର୍ତ୍ତରେ ସହସା ମୁକ୍ତ ହୋଇ ମାୟାଦି ଆବରଣମୁକ୍ତ ବ୍ରହ୍ମପଦକୁ ପ୍ରାପ୍ତ କରନ୍ତି । ହେ ଈଶ୍ୱର ! ଆପଣ ନିତ୍ୟ ଅଜନ୍ମା ଅଟନ୍ତି ଏବଂ ମୁଁ ଆପଣଙ୍କ ଠାରେ ଶରଣ ପଶୁଛି ।

ସେହିପରି ଭାଗବତର ଷଷ୍ଠସ୍କନ୍ଧ ଦ୍ୱିତୀୟ ଅଧ୍ୟାୟ (ଅଜାମିଳ ଉପାଖ୍ୟାନ)ରେ ମଧ ନାମର ମହିମା ପ୍ରକଟିତ ହୋଇଛି:

> "ନ ନିଷ୍କୃତୈ ରୁଦିତୈ ର୍ବ୍ରହ୍ମବାଦିଭି
> ସ୍ତଥା ବିଶୁଦ୍ଧ୍ୟତ୍ୟଧବାନ୍ ବ୍ରତାଦିଭିଃ ।
> ଯଥା ହରେ ନାମ ପଦୈରୁଦାହୃତୈ-
> ସ୍ତଦୁତ୍ତମଶ୍ଳୋକ ଗୁଣୋପଳମ୍ଭକମ୍ ।।" (୬/୨/୧୧)

ଅର୍ଥାତ୍, ବଡ଼ ବଡ଼ ବ୍ରହ୍ମବାଦୀ ଋଷିମାନେ ପାପକୁ ନାନାପ୍ରକାର ଯଥା କୃଚ୍ଛ୍ର, ଚାନ୍ଦ୍ରାୟଣ, ପୁରଶ୍ଚରଣାଦି ପ୍ରାୟଶ୍ଚିତ୍ତ ବା ବ୍ରତ ଅନୁଷ୍ଠାନ ଦ୍ୱାରା ଧୋଇବାର ବ୍ୟବସ୍ଥା ବତାଇଯାଇ ଅଛନ୍ତି । ମାତ୍ର ଏହି ସବୁ ପ୍ରାୟଶ୍ଚିତ୍ତ ଦ୍ୱାରା ସେପରି ସକଳ ଜଡ଼ତାରୁ ପାପର ଶୁଦ୍ଧି ହୋଇପାରେ ନାହିଁ ଯେପରି ଭଗବାନଙ୍କର ନାମ ଏବଂ ଭଗବାନଙ୍କ ନାମ ସହିତ ଗୁନ୍ଥାହୋଇଥିବା ପଦ ସକଳର ଉଚ୍ଚାରଣରୁ ସହଜସୁନ୍ଦର ଭାବରେ ହୋଇପାରେ ।

ପ୍ରାୟଶ୍ଚିତ ବା ପୁରଶ୍ଚରଣ ପରେ ଯଦି ମନ ପୁଣି ପାପକର୍ମ କରିବା ନିମନ୍ତେ କୁମାର୍ଗରେ ଦୌଡ଼େ, ତେବେ ମହାପୁରାଣ ଶ୍ରୀମଦ୍‌ଭାଗବତ ଶ୍ରୀଭଗବାନଙ୍କର ଅବତାର, କର୍ମ ଓ ଗୁଣାଦି ବୈଶିଷ୍ଟ୍ୟପୂର୍ଣ୍ଣ ପବିତ୍ର ନାମ ଗାନକରିବା ନିମନ୍ତେ ଉପଦେଶ ଦେଇ କହନ୍ତି:

> "ନୈକାନ୍ତିକଂ ତଦ୍ଧିକୃତେଽପି ନିଷ୍କୃତେ
> ମନଃ ପୁନ ର୍ଧାବତି ଚେଦସତ୍ପଥେ ।
> ତତ୍କର୍ମଣି ର୍ହାର ମ ଭୀପ୍ସତାଂ ହରେ-
> ଗୁଣାନୁବାଦଃ ଖଳୁ ସତ୍ତ୍ୱଭାବନଃ ।।(୬/୨/୧୨)

କାରଣ, ଏହି ନାମଗାନ ଓ ମନନ ଦ୍ୱାରା ଚିତ୍ତ ସର୍ବଥା ଶୁଦ୍ଧ ହୋଇଯାଏ । ତେଣୁ, ସଂସାରୀ ଭକ୍ତମାନଙ୍କ ନିମନ୍ତେ ବୀଜମନ୍ତ୍ରର ମାନସ ଜପ ହିଁ ଏକାନ୍ତ ପ୍ରୟୋଜନୀୟ ସାଧନା । ସଙ୍କେତରେ ହେଉ, ଯେ କୌଣସି ଅଭିପ୍ରାୟ/ ଉଦ୍ଦେଶ୍ୟରେ ହେଉ, ପରିହାସରେ ହେଉ, ତାନ ଆଳାପନାରେ ହେଉ, ଅନ୍ୟକୁ ଅବହେଳା କରିବା ପାଇଁ ହେଉ ବା ଯେ କୌଣସି ଭାବରେ ହେଉ, ଯେଉଁ ବ୍ୟକ୍ତି ଶ୍ରୀଭଗବାନଙ୍କର ନାମ ଉଚ୍ଚାରଣ କରେ, ତାହାର ସମସ୍ତ ପାପ ନଷ୍ଟ ହୋଇଯାଏ । ତେଣୁ, ଏହି ମହାପୁରାଣ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି :

> "ସାଙ୍କେତ୍ୟଂ ପାରିହାସ୍ୟଂ ବା ସ୍ତୋଭଂ ହେଳନମେବା ।
> ବୈକୁଣ୍ଠ ନାମ ଗ୍ରହଣମଶେଷାଘହରଂ ବିଦୁଃ ।(୬/୨/୧୪)

ଶ୍ରୀଶୁକଦେବ ରାଜା ପରୀକ୍ଷିତଙ୍କୁ ଶ୍ରୀମଦ୍ ଭାଗବତ ବୁଝାଇବାକୁ ଯାଇ କହନ୍ତି:

"ଏତାବାନ୍ ସାଂଖ୍ୟଯୋଗାଭ୍ୟାଂ ସ୍ୱଧର୍ମ ପରିନିଷ୍ଠୟା ।
ଜନ୍ମଲାଭଃ ପରଃ ପୁଂସାମନ୍ତେ ନାରାୟଣ ସ୍ମୃତିଃ ।"

ଅର୍ଥାତ୍, ହେ ରାଜେନ୍ଦ୍ର ! ଯେଉଁ ଗୃହସ୍ଥ ଘରର କାମଧନ୍ଦାରେ ସର୍ବଦା ବ୍ୟସ୍ତ, ସେ ଆପଣାର ସ୍ୱରୂପକୁ ଚିହ୍ନିପାରେ ନାହିଁ କି ଜାଣି ମଧ୍ୟ ପାରେ ନାହିଁ । ତା' ପାଇଁ ହଜାରେ କଥା କହିବା, ଶୁଣିବା ବା ଚିନ୍ତା କରିବା ପାଇଁ ସମୟ କାହିଁ ? ତା'ର ଏକମାତ୍ର ସାଧନ ହେଉଛି, 'ପିଣ୍ଡରୁ ଆତ୍ମା ଚାଲିଯିବା ସମୟରେ କେବଳ ଥରେ ମାତ୍ର ସେହି ଅଜନ୍ମା ପରମପୁରୁଷ ଶ୍ରୀମନ୍ନାରାୟଣଙ୍କର ପବିତ୍ର ନାମକୁ ସ୍ମରଣ କରିବା । ଏତକ କଲେ ମଧ୍ୟ ପୁନର୍ଜନ୍ମରୁ ସେ ମୁକ୍ତି ପାଇ ଯାଇପାରେ । ତେଣୁ, ସେହି ପରଶମଣି ଚିନ୍ତାମଣି ହିଁ ଜୀବର ଏକମାତ୍ର ଆଶ୍ରୟସ୍ଥଳ ।

ମହାତ୍ମା ତୁଳସୀଦାସ କହନ୍ତି:

"ପାରଶ୍ ରୂପୀ ରାମ ହୈ ଲୋହା ରୂପୀ ଜୀବ୍ ।
ଜବ୍ ଜା ପାରଶ୍ ଭେଟି ହୈ ତବ୍ ଜୀବ୍ ହୋଗି ଶିବ୍ ।।"

ଲୁହାରୂପୀ ଜୀବ ପରଶମଣି ରୂପକ ପରମପୁରୁଷଙ୍କୁ ଭେଟିଲେ ହିଁ ଶିବ ସ୍ୱରୂପରେ ପରିଣତ ହୋଇଯାଏ । ଲୁହା ସିନା ସୁନାରେ ପରିଣତ ହୁଏ, ମାତ୍ର ଅହଂକାର ବଶତଃ ଆପଣା ଜୀବଧର୍ମ କ'ଣ ଛାଡ଼ି ପାରେ ? ତେଣୁ, ମହାତ୍ମା ତୁଳସୀଦାସଙ୍କ ଭାଷାରେ:

"ପାରଶ୍ କି ପରଶହ୍ୱତେ କାଞ୍ଚନ୍ ଭୈ ତଲ୍ୱାର୍ ।
ତୁଲସୀ ତିନୋ ନା ଗୟେ ଧାର୍, ମାର୍, ଆକାର ।।"

ପରମ ପୁରୁଷଙ୍କ ସ୍ପର୍ଶ ପାଇ ଜୀବରୂପ ଲୁହା ତରବାରୀ ସିନା ସୁନା ତରବାରୀରେ ପରିଣତ ହେଲା, ମାତ୍ର ନିଜର ଜୀବଧର୍ମ ରୂପକ ଧାର, ହିଂସା ଓ ଦେହାଭିମାନ କ'ଣ ତୁଟିଲା ? ନା, ତୁଟି ନାହିଁ । ସେଥିପାଇଁ ସେହି ମହାପୁରୁଷ କହନ୍ତି:

"ଜ୍ଞାନ ହାଥୋଡ଼ା ହାଥ୍‌ଲେ ସଦ୍‌ଗୁରୁ ମିଲା ସୁନାର୍ ।
ତୁଲସୀ ତିନୋମିଟ୍‌ଗୟେ ଧାର୍, ମାର୍, ଆକାର୍ ।"

ଆଜି ସଗୁଣବ୍ରହ୍ମ ସ୍ୱରୂପ ଠାକୁର ଶ୍ରୀକେଶବଚନ୍ଦ୍ର ସଦ୍‌ଗୁରୁ ଭୂମିକାରେ ଅବତୀର୍ଣ୍ଣ ହୋଇ ସୁନାରୀ ଭାବରେ ସୁନାର ତରବାରୀକୁ ଆଉଟି ତା'ର ଜୀବଧର୍ମ, ହିଂସା ଓ ଦେହାଭିମାନ ତୁଟାଇବା ନିମନ୍ତେ ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ସରଳ ବ୍ୟବସ୍ଥା ଅନବରତ ସୂକ୍ଷ୍ମକ୍ରିୟାରେ କରିଚାଲିଛନ୍ତି । ତାଙ୍କ ଶ୍ରୀପାଦପଦ୍ମରେ ଶରଣ ନିଅ ।

ଶ୍ରୀକେଶବଚରଣାର୍ପିତ, ଓମିତି ନମସ୍କାରାନ୍ତେ,

– ସଂପାଦକ, 'ଚରମ' ।

ଗୁରୁବିନା ଆନ କେହିତ
ନାହିଁ ଭବ ସଂସାରେ ।
ଜୀବକୁ ଯାତନା କୂପରୁ
ଉଦ୍ଧାର କରିପାରେ ।।

## 'ଆତ୍ମା'ର ଚିନ୍ତନ : ଏ ପାଖୁଡ଼ାରେ :

# ସଚ୍ଚିଦାନନ୍ଦ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!!**

ସତ୍, ଚିତ୍ ଏବଂ ଆନନ୍ଦର ସମାହାର ହିଁ ସଚ୍ଚିଦାନନ୍ଦ । ସଚ୍ଚିଦାନନ୍ଦ ହିଁ ପରଂବ୍ରହ୍ମ । ଏହି ପରଂଭାବ ପ୍ରାପ୍ତି ହିଁ ସାଧନାର ସର୍ବୋଚ୍ଚ ଶିଖର । ସାଧକ ମାତ୍ରେ ସ୍ଥୂଳ ଆସନରୁ ସାଧନା ଆରମ୍ଭ କରି କ୍ରମପର୍ଯ୍ୟାୟରେ ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ ଓ ଅତିକ୍ରମ କରି ଏହି ପରଂଭାବକୁ ପ୍ରାପ୍ତି କରନ୍ତି, କରିବା ବିଧେୟ ମଧ୍ୟ । ପରଂଭାବସମ୍ପନ୍ନ ସଚ୍ଚିଦାନନ୍ଦ ପ୍ରାପ୍ତିରେ ସାଧକ ଭକ୍ତ ତଲ୍ଲୀନ ହୋଇ ନିଜେ ବ୍ରହ୍ମମୟ ହୋଇଯାଆନ୍ତି । ସେହି ଅବସ୍ଥାରେ ସେ ଉପଲବ୍ଧି କରନ୍ତି: 'ସୋଽହଂ ବା ଅହଂବ୍ରହ୍ମୋଽସ୍ମି' । ସେହି କାରଣରୁ ତତ୍ତ୍ୱ କହେ: 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି' ।

ଆନନ୍ଦ ହିଁ ବ୍ରହ୍ମ । ଯାହାର ଅନ୍ତର ଯେତେ ଆନନ୍ଦରେ ମଗ୍ନ ସେ ବ୍ରହ୍ମଙ୍କର ସେତେ ନିକଟବର୍ତ୍ତୀ । ପାର୍ଥିବ ଅଭିଳାଷ ପୂର୍ଣ୍ଣ ହେଲେ ସୁଖ ଅବଶ୍ୟ ମିଳେ, ମାତ୍ର ଶାନ୍ତି କିମ୍ବା ଆନନ୍ଦ ମିଳେନା । ସୁଖ ଓ ଆନନ୍ଦ ମାନସିକ ସ୍ଥିତିର ଦୁଇଟି ଭିନ୍ନ ଭିନ୍ନ ଅବସ୍ଥା । ଜାଗତିକ କାମନା ବାସନାର ପରିତୃପ୍ତିରେ ସାମୟିକ ସୁଖ ମିଳେ, ଏହା କ୍ଷଣସ୍ଥାୟୀ । କାମନାବାସନା ରଜଃ ଓ ତମ ଗୁଣର ମିଶ୍ରିତ ଉପାଦାନରେ ଉତ୍ପନ୍ନ ହୋଇଥିବାରୁ ତଜ୍ଜନିତ ସୁଖ ଏହି ଦୁଇଗୁଣର ମୀମାଂସା କରିଥାଏ । ଏଥିରେ ସତ୍ତ୍ୱଗୁଣର ଲେଶମାତ୍ର ନ ଥାଏ, ତେଣୁ ଏଥିରୁ ସାତ୍ତ୍ୱିକ ଆନନ୍ଦ କିମ୍ବା ଶାନ୍ତି ମିଳିପାରେନା । ଅଜ୍ଞାନ ଜୀବ ଭ୍ରମରେ ପଡ଼ି କାମନାବାସନାର ବଶବର୍ତ୍ତୀ ହୋଇ ପାର୍ଥିବ ସୁଖର ବଳୟରେ ବନ୍ଦୀ ହୋଇ ଜ୍ୱାଳାଯନ୍ତ୍ରଣାରେ ଧନ୍ଦି ହୁଏ ସିନା, ପ୍ରକୃତ ଶାନ୍ତି ବା ଆନନ୍ଦର କଣିକାଏ ସୁଦ୍ଧା ଜୀବନକାଳ ମଧ୍ୟରେ ଆସ୍ୱାଦନ ବା ଉପଲବ୍ଧି କରିପାରେ ନାହିଁ । କାମନାର ବିନାଶ ବା କାମନାର ଅନୁପସ୍ଥିତି ଯେଉଁଠି ଘଟେ, ସେଇଠିହିଁ ତମ ଓ ରଜଃଗୁଣର ପରିସମାପ୍ତି ହୁଏ । ତତ୍ପର ଅବସ୍ଥାରେ ଶୁଦ୍ଧ ସତ୍ତ୍ୱଗୁଣର ଅଭ୍ୟୁଦୟ ଘଟେ, ଏହି ଅବସ୍ଥାରେ ଶୁଦ୍ଧଚିତ୍ତରାଜ୍ୟରେ ପ୍ରକୃତ ସାତ୍ତ୍ୱିକ ଆନନ୍ଦର ପ୍ରେମଘନରସ କ୍ଷରିତ ହୋଇ ଜୀବକୁ ଆନନ୍ଦ ରସାଣିତ କରି ତୋଳେ । କାମନାର ଶେଷରେ ସତ୍ତ୍ୱଗୁଣର ଉଦ୍ରେକ ହେଉଥିବାରୁ ଆନନ୍ଦ ହିଁ ସତ୍ତ୍ୱଗୁଣର ମୀମାଂସା ଦିଏ । ତେଣୁ ବ୍ରହ୍ମଙ୍କୁ ଆନନ୍ଦ ସ୍ୱରୂପରେ ଉପଲବ୍ଧି କରାଯାଏ ।

ଜଡ଼ତାହୀନ ଚୈତନ୍ୟ ସ୍ୱରୂପ ହିଁ ବ୍ରହ୍ମ । ବ୍ରହ୍ମ ହିଁ ଚିଦ୍‌ଘନ ସ୍ୱରୂପ । ଚିତ୍ ବା ଚୈତନ୍ୟ ସ୍ୱରୂପ ବ୍ରହ୍ମ ଉପଲବ୍ଧି ନିମନ୍ତେ ବ୍ରାହ୍ମୀସ୍ଥିତି ହିଁ ପ୍ରକୃଷ୍ଟ ଅବସ୍ଥା । ଦୁଃଖସୁଖ ଉଭୟର ବନ୍ଧନରୁ ମୁକ୍ତ ଜୀବ ହିଁ ଏହା ଉପଲବ୍ଧି କରିପାରେ । କାରଣ ଏହି ଅବସ୍ଥାରେ ତମ ବା ରଜଃ ଗୁଣର ପ୍ରାଧାନ୍ୟ ଲୋପ ପାଇ ଶୁଦ୍ଧ ସାତ୍ତ୍ୱିକ ଗୁଣର ପୂର୍ଣ୍ଣ ବିକାଶ ଘଟିଥାଏ । ଆନନ୍ଦସ୍ୱରୂପ ବ୍ରହ୍ମ ଉପଲବ୍ଧିରେ ଚିତ୍ ସ୍ୱରୂପକୁ ସୂକ୍ଷ୍ମତଃ ଦର୍ଶନ କରାଯାଇଥାଏ ।

ନିଖିଳ ବିଶ୍ୱରେ ବ୍ରହ୍ମହିଁ ସତ୍ୟ । 'ସର୍ବ ଖଳିଦ୍‌ଂ ବ୍ରହ୍ମ' । ଏ ଜଗତ୍ ବ୍ରହ୍ମମୟ । ତେଣୁ, ଜଗତ ବା ମିଥ୍ୟା ହେବ କିପରି ? ସେହି ଆତ୍ମସତ୍ୟ ଉପଲବ୍ଧିରେ ହିଁ ସକଳ ସମସ୍ୟା, ସକଳ ଦ୍ୱନ୍ଦ୍ୱର ଅବସାନ ଘଟିବ ହିଁ ଘଟିବ । ସେ ସକଳ ତର୍କ ଓ ପ୍ରମାଣର ଊର୍ଦ୍ଧ୍ୱରେ । ଯେଉଁଠି ଆନନ୍ଦ ବିରାଜିତ, ସେଠାରେ ଚୈତନ୍ୟ ମଧ୍ୟ ଚିନ୍ମୟ, ସତ୍ୟର ଜ୍ୟୋତି ମଧ୍ୟ ସେଠାରେ ଉଦ୍‌ଭାସିତ ।

ସେଥିପାଇଁ ସେହି ବ୍ରହ୍ମ ହେଉଛନ୍ତି: ସତ୍‌–ଚିତ୍‌–ଆନନ୍ଦ: ସଚ୍ଚିଦାନନ୍ଦ । ମୌଳିକ ଭାବରେ ଭିନ୍ନ ଭିନ୍ନ ଶବ୍ଦରେ ବ୍ରହ୍ମ ହୁଅନ୍ତୁ, ପରମାତ୍ମା ହୁଅନ୍ତୁ ବା ସଚ୍ଚିଦାନନ୍ଦ ବିଗ୍ରହ ଭଗବାନ ହୁଅନ୍ତୁ, ସେ ହିଁ ଏକ ଭାବର ଦ୍ୟୋତକ । ଶ୍ରୀ ଚୈତନ୍ୟ ଚରିତାମୃତରେ ସ୍ପଷ୍ଟ ଉଲ୍ଲେଖ ରହିଛି :

''ଅଦ୍ୱୟ ଜ୍ଞାନତତ୍ତ୍ୱ କୃଷ୍ଣେର ସ୍ୱରୂପ ।
ବ୍ରହ୍ମ, ଆତ୍ମା, ଭଗବାନ–ତିନି ତାଁର ରୂପ ।।''

ପୁନଶ୍ଚ ସାଧନ ଭେଦରେ ସେହି ଏକର ହିଁ ତ୍ରିବିଧ ପ୍ରକାଶ:

''ଜ୍ଞାନ ଯୋଗ ଭକ୍ତି ତିନି ସାଧନାର ବଶେ ।
ବ୍ରହ୍ମ, ଆତ୍ମା, ଭଗବାନ–ତ୍ରିବିଧ ପ୍ରକାଶେ ।''

ଜ୍ଞାନୀ ନିକଟରେ ବ୍ରହ୍ମ, ଯୋଗୀ ପାଇଁ ସେ ପରମାତ୍ମା ଏବଂ ଭକ୍ତ ପାଇଁ ସେ ସଚ୍ଚିଦାନନ୍ଦ ବିଗ୍ରହ ଭଗବାନ ।। ସେହି ଠାକୁର ଶ୍ରୀଶ୍ରୀ କେଶବଚନ୍ଦ୍ର ।।

***

ମଣିଷ ରୂପେ ଜନମ ହୋଇ,
ପଶୁ ସ୍ୱଭାବକୁ ଛାଡ଼ିଲ ନାହିଁ ।
ଗୁରୁଦ୍ୱାରେ ରାଜନୀତି ଆଚରି,
ଚକ୍ରାନ୍ତ ଭେଉଛ ପଦବୀ ପାଇଁ ।।

କାଳଚକ୍ରରେ ଘଟୁଛି ସବୁ,
ଭୋଗୁଛ ନିଜ କରଣି ମାନ ।
ପ୍ରାରବ୍ଧ ମତେ ଶରୀର ଧରି,
ଆସିଛି, କର କରମ ଦାନ ।।

ମଉନ ମୁନୀ ମନେ ମନାସି,
ଗୁରୁ ଗଉରବେ ଗରବେ ବସି ।
ଦେହ ଦହନର ଦାହେ ନ ରସି,
ଚଳି ଚମକରେ ଚରମେ ପଶି ।।

# ପ୍ରଫେସର ବନ୍ଧୁ ୰ ସଦାନନ୍ଦ ରାମାନୁଜ ଦାସଙ୍କ ସ୍ମରଣେ : ଶ୍ରଦ୍ଧାଞ୍ଜଳି

**Photo fades but memory remains for ever.** ନିବୁତା ସ୍ମୃତିଟିଏ କଦାପି କସ୍ମିନ୍ କାଳେ **ବିସ୍ମୃତିର ଅନ୍ଧକାରରେ ଲୁଚି** ଯାଏନା । ୧୯୯୨ ମସିହା, ନଭେମ୍ବର ମାସ, ଆଠ ତାରିଖ, ରବିବାର । ବିଶ୍ୱଭ୍ରାତୃତ୍ୱ **ଦିବ୍ୟାତ୍ମା ପରିଷଦ୍‌ର** ଆହ୍ୱାନକ୍ରମେ ସ୍ୱର୍ଣ୍ଣକ୍ଷେତ୍ରର ପୂତ ପବିତ୍ର ପରିବେଶର ପରିସରରେ 'ସାହିତ୍ୟ ସଂସଦ୍' ଗଠନ **ଏବଂ ପରିଷଦ୍** ତରଫରୁ 'ସାହିତ୍ୟ ସଂସଦ୍' ଆନୁକୂଲ୍ୟରେ ଏକ ଯୁଗଧର୍ମୀ ଆଧ୍ୟାତ୍ମିକ ପତ୍ରିକା ପ୍ରକାଶନ ନିମନ୍ତେ **ସଭାଟିଏ** ଆହ୍ୱାନ କରାଯାଇଥାଏ । ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଏବଂ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଜଣେ **ନବାଗତ** ସଦସ୍ୟ ହୋଇଥିଲେ ମଧ୍ୟ ମୋତେ ଏଥିରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବା ନିମନ୍ତେ **ନିମନ୍ତ୍ରଣ** କରାଯାଇଥାଏ । ସୁଦୂର ବାରିପଦାରୁ ମୁଁ ବେତନଟୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ **ଶ୍ରଦ୍ଧେୟ** ରମାକାନ୍ତ ସିଂହ (ମାହାଙ୍ଗାବାସୀ) ଏବଂ କୁନ୍ତଳା ଦିଦି (ଠାକୁରଙ୍କ ଗୁରୁମା') ଯାଇ ଏଥିରେ ଯୋଗ ଦେଇ ଥାଉଁ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରତ୍ନାକର ସାହୁ (ମାଳିକାରେ ଡକ୍ଟରେଟ୍ ପ୍ରାପ୍ତ), ଲଳିତଗିରି ନିବାସୀ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସିଂହ ଏବଂ ସର୍ବୋପରି ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ଋଷିକେଶ, ହିମାଳୟସ୍ଥ ଯୋଗ ବେଦାନ୍ତ ଆରଣ୍ୟକ ଗୁରୁକୁଳର ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀଯୁକ୍ତ ସଦାନନ୍ଦ ରାମାନୁଜ ଦାସ ମଧ୍ୟ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଆସିଥାଆନ୍ତି । ସେହିଦିନ ହିଁ ସଦାନନ୍ଦ ରାମାନୁଜ ଦାସଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍ । ପ୍ରଥମ ଆଳାପ ଆଲୋଚନା ।

ସେହି ସଭାରେ 'ସାହିତ୍ୟ ସଂସଦ୍' ଗଠନ ଏବଂ ପତ୍ରିକା ପ୍ରକାଶନର ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୁଏ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ସହମତି ଓ ସଦିଚ୍ଛାରେ ବଂଧୁ ରାମାନୁଜ ଦାସଙ୍କ ଶ୍ରୀମୁଖରୁ ଠାକୁରଙ୍କ ପ୍ରଦତ୍ତ ନାମକରଣ ଉଦ୍‌ଘୋଷିତ ହୁଏ- **'ଚରମ'** । ଏଠାରେ କହିବା ବାହୁଲ୍ୟ ହେବନାହିଁ ଯେ, ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଲିଖିତ ମାଳିକାରେ ସ୍ପଷ୍ଟ ଉଲ୍ଲେଖ କରି ଯାଇଛନ୍ତି ଯେ, କଳିର ଅନ୍ତିମ କାଳରେ କାଗଜ କଲମରେ 'ଚରମ' ନାମକ ଆଧ୍ୟାତ୍ମିକ ପତ୍ରିକା ଯୁଗପୁରୁଷ ପରମପୁରୁଷଙ୍କ ମାନସ ସନ୍ତାନ ରୂପରେ ପ୍ରକାଶ ପାଇବ । ମହାପୁରୁଷଙ୍କ ଭବିଷ୍ୟବାଣୀ ଆଜି ସତ୍ୟରେ ପରିଣତ ହୋଇଛି, ହେଉଛି ଓ ହେବ ମଧ୍ୟ । ମୋର ସ୍ପଷ୍ଟ ମନେ ଅଛି ପ୍ରଫେସର ସଦାନନ୍ଦ ରାମାନୁଜ ଦାସ ମହାଶୟ ତାଙ୍କର ସ୍ୱଭାବସିଦ୍ଧ ସରଳତରଳ ଭାବମୟ ଭାଷାରେ ବେଦ, ବେଦାନ୍ତ, ଗୀତା, ଭାଗବତ, ଉପନିଷଦ୍ ଆଦିରୁ ଏକାଧିକ ଶ୍ଳୋକ ଓ ପଦ ଆବୃତ୍ତି କରି ସୁନ୍ଦର ମନୋଜ୍ଞ ଭାଷଣରେ ସମସ୍ତଙ୍କୁ ଆପ୍ୟାୟିତ କରିଥିଲେ । ପତ୍ରିକାର ପରିଚାଳନା, ଅର୍ଥବ୍ୟବସ୍ଥା, ରୂପରେଖ ଇତ୍ୟାଦି ସଂପର୍କରେ ସୂଚନାଦେଇ ପତ୍ରିକାରେ ଠାକୁରଙ୍କ ବାଣୀ, କଥାମୃତ ଇତ୍ୟାଦି ସ୍ଥାନ ପାଇବା ଉଚିତ ବୋଲି ମତଦେଇଥିଲେ । **ଆଲୋଚନା** ପ୍ରସଙ୍ଗରେ ବାୟାବାବାଙ୍କର ଗୋଟିଏ ବାଣୀ-''ପର କିଆରୀ କାହିଁକି ବାଛୁଚୁ ? ତୋ ନିଜ କିଆରୀ **ବାଛ** ।'' କୁ ସେ ବଡ଼ ସୁନ୍ଦର ଭାବରେ ଭାବମୟ ଭାଷା ବିନ୍ୟାସରେ ବୁଝାଇ ଥିଲେ ।

ଏହି ସେହି 'ବନ୍ଧୁ' । ବନ୍ଧୁ ବୋଇଲେ ଆମ ପରିଷଦ୍ ଓ ସଂଘ ସହିତ ସଂପୃକ୍ତ ସମସ୍ତେ ବୁଝୁଥିଲେ- **ପ୍ରଫେସର ବନ୍ଧୁ** ସଦାନନ୍ଦ ରାମାନୁଜ ଦାସ । ସାହିତ୍ୟ ସଂସଦ୍ ଗଠନ ଓ 'ଚରମ' ପତ୍ରିକାର ନାମକରଣ ଓ **ପ୍ରକାଶନର ମୂଳଭିତ୍ତିଠାରୁ** ଆରମ୍ଭ କରି 'ଚରମ'ର ପାଣ୍ଡୁଲିପି ପ୍ରସ୍ତୁତି, ମୁଦ୍ରଣ ଏବଂ ପତ୍ରିକା ଉନ୍ମୋଚନ ପର୍ଯ୍ୟନ୍ତ

ପ୍ରତ୍ୟେକଟି କାର୍ଯ୍ୟରେ ସେ ଥିଲେ ଓତପ୍ରୋତଃ ଭାବରେ ଜଡ଼ିତ । ସଂପାଦନାରେ ସେ ସହଯୋଗୀ ସହାୟକ ଭାବରେ 'ଚରମ'ର ୧ମ ସଂଖ୍ୟାରୁ ୩ୟ ସଂଖ୍ୟା ପର୍ଯ୍ୟନ୍ତ ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରିଯାଇଅଛନ୍ତି । ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ଏବଂ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘର ଆଧାତ୍ମିକ ପ୍ରବଚନ ଦେବାରେ ତାଙ୍କର ସର୍ବ ସାଫଲ୍ୟ ଆମର ଚିରଦିନ ମନେରହିବ ।

ଆଜି ସେ ଆମ ଠାରୁ ଦୂରରେ ବହୁ ଦୂରରେ । ତଥାପି ତାଙ୍କର ସ୍ମୃତି ମାନସରେ ଚିର ସତେଜ । ଗତ ତା୧୬।୧୧।୧୯୯୭ରିଖ ରବିବାର ପ୍ରାତଃ ୫ଘଟିକା ସମୟରେ କଟକର ଦୟାଶ୍ରମଠାରେ ତାଙ୍କର ପରଲୋକ ସମ୍ବାଦରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ମର୍ମାହତ ଏବଂ ଶୋକାକୁଳ । ପଞ୍ଚଭୂତର ଶରୀର ତାଙ୍କର ପଞ୍ଚଭୂତରେ ଲୀନ ହୋଇ ଯାଇଥିଲେ ମଧ ତାଙ୍କର ବିଦ୍ୱତା, ପାଣ୍ଡିତ୍ୟ, ଦାର୍ଶନିକ ଚିନ୍ତାଧାରା, ସୁଭାଷଣ, ଆଧାତ୍ମିକତା, ବହୁବତ୍ସଳତା, ଭ୍ରାତୃତ୍ୱ, ସ୍ନେହ, ଶ୍ରଦ୍ଧା, ମମତା ଏବଂ ସର୍ବୋପରି ତାଙ୍କର ଦିବ୍ୟାତ୍ମା ସତତ ଚିରଭାସ୍ୱର, ଚିର ଜାଜ୍ୱଲ୍ୟମାନ ହୋଇ ରହିଛି, ରହିଥିବ ।


୭୧ବର୍ଷର ମାନବ ଲୀଳାର ଅବସାନ ଘଟିଛି । ଜଗତରେ ପ୍ରତ୍ୟେକ ଜୀବ ପାଇଁ ଏହାହିଁ ଚରମ ପରିଣତି । ''ଚରମ'' ତରଫରୁ ତାଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ଆମେ କାମନା କରି ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପଦ୍ମପାଦପୀଠରେ ପ୍ରାର୍ଥନା କରୁଛୁ ।

ତାଙ୍କରି ଅମୃତ ସ୍ମୃତିରେ 'ଚରମ'ର ଏହି ତର୍ପଣ, ଏହି ଅର୍ଘ୍ୟ ।

**ତା୨୬।୧୧।୯୭ରିଖ,** **ଓମିତି ଉଚ୍ଚାରଣାନ୍ତେ–**
**(ଏକାଦଶାହ)** **ଶ୍ରୀ କେଶବ ଦାସ ବୃନ୍ଦାବନ ।**
**('ଚରମ' ପରିବାର ତରଫରୁ)**

❋❋❋

# ଶ୍ରୀମନ୍ଦିର



## ବନ୍ଦେ ମହାପୁରୁଷ ! ତେ ଚରଣାର ବିନ୍ଦମ୍ !!!

''ପାମର ଅଚ୍ୟୁତ ଶ୍ରୀକୃଷ୍ଣଙ୍କ ଭୃତ୍ୟ ଶ୍ରୀହରି କରୁଣା ଯେଣୁ ।
ନେମାଳ ଗ୍ରାମେଣ ପଦ୍ମବନନାମେ ନିବାସ ପାଂଇଲି ତେଣୁ ।।
ଚିତ୍ରୋତ୍ପଳା ନଦୀ ଉତ୍ତର କୂଳରେ ଜନ୍ମେ ଜନ୍ମେଣ ନିବାସ ।
ଶ୍ରୀହରି ଚରଣେ ଶରଣ ପଶିଲା ପାମର ଅଚ୍ୟୁତ ଦାସ ।।''

*ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଓଡ଼ିଶାର ଆଧ୍ୟାତ୍ମିକ ଜୀବନ ଓ ସାହିତ୍ୟ ଇତିହାସର ଏକ ଅବିଚ୍ଛେଦ୍ୟ ଅଧ୍ୟାୟ । ମହାସାଧକ ଅଚ୍ୟୁତଙ୍କର ସମସ୍ତ ଗ୍ରନ୍ଥ ଉଚ୍ଚକୋଟୀର ତତ୍ତ୍ୱଜ୍ଞାନ ରଶ୍ମୀରେ ଉଜ୍ଜ୍ୱଳ । ସମାଧିସ୍ତରର ବିଭିନ୍ନ ପର୍ଯ୍ୟାୟରେ ସେ ତାଙ୍କର ଜ୍ଞାନଚକ୍ଷୁରେ ତତ୍ତ୍ୱ ଦର୍ଶନ କରି ତାଳପତ୍ର ପୋଥିରେ ତାହା ଲିପିବଦ୍ଧ କରି ଯାଇଅଛନ୍ତି । ସେ ମଧ୍ୟରୁ କେତେକ ପ୍ରକାଶ ପାଇ ପ୍ରଚାର ପ୍ରସାର ଲାଭ କରିଛି ସତ, ମାତ୍ର ବହୁ ସଂଖ୍ୟକ ପୋଥି ଏଯାବତ୍ ଲୋକଲୋଚନକୁ ଆସିପାରିନାହିଁ । ମହାପୁରୁଷ ଅଚ୍ୟୁତଙ୍କର ସାହିତ୍ୟକୃତିରୁ ସୁନିର୍ବାଚିତ ପଦାବଳୀ ଓ ତହିଁର ସହଜ ସଂକ୍ଷିପ୍ତ ସରଳ ବ୍ୟାଖ୍ୟା 'ଚରମ' ପୃଷ୍ଠାରେ ନିୟମିତ ପ୍ରକାଶ ହୋଇ ଅଗଣିତ ପାଠକପାଠିକାଙ୍କର ମନୋରଞ୍ଜନ କରିବା ସହିତ ଯୋଗସାଧନ ମାର୍ଗ ନିର୍ଦ୍ଦେଶ କରି ଆସୁଅଛି । ଏ ସଂଖ୍ୟାରେ ଆମ ନିର୍ବାଚନ ''ମହାଗୁପ୍ତ ପଦ୍ମ କଳ୍ପ''ରୁ ''ଚୁମ୍ବକବାଣୀ''–*

## ''ମହାଗୁପ୍ତ ପଦ୍ମକଳ୍ପ''ରୁ ଉଦ୍ଧୃତ ଅଚ୍ୟୁତଙ୍କ ''ଚୁମ୍ବକ ବାଣୀ''

ନାମ ଭଜନେ ନକର ହେଳା ହେ, ଘଟିଲାଣି ଶେଷ ବେଳା,
ଅହର୍ନିଶ ଭଜ କଳ୍କୀ ମନ୍ତ୍ରକୁ କଣ୍ଠେ କରି ଜପମାଳା (୧)

କାଳିଆବୋଦା ଯୋବରା, ତହିଁ ଖଣ୍ଡଜ୍ଞାନୀ ହେବେ ଧରା,
କୁମ୍ଭୀ ପାଟୁଆଙ୍କ ମାଂସ ଶୁଦ୍ଧ ଅଟେ ଖାଇବେ ତାଙ୍କୁ ବିମଳା (୨)

ଭକ୍ତମାନେ ମେଳ ହେବେ, ଆସି ଉନ୍ମବଟରେ ମିଳିବେ,
ବ୍ରହ୍ମ ଏକାକ୍ଷର ଉନ୍ମବଟଠାରେ ପଚାରୁଥିବେ ଶାରଳା (୩)

ସଦ୍‌ଗୁରୁ ସେବିଥିଲେ, ଭକ୍ତେ ପରୀକ୍ଷା ଦେବେଟି ଭଲେ,
ବ୍ରହ୍ମ ଏକାକ୍ଷର ନ କହିପାରିଲେ ଦେବୀ ମୋଡ଼ିବେଟି ଗଳା (୪)

ପ୍ରଭୁ ସଂଗେ ସଂଗୀ ହୋଇ, ଭକ୍ତେ ଭ୍ରମଣ କରିବେ ମହୀ,
ଜ୍ୟୋତି ଦରଶନ ଯାହାଙ୍କର ଥିବ ସେମାନେ ଦେଖିବେ ଲୀଳା (୫)

ପାଷାଣ୍ଡ ହୋଇବେ ଚୂର୍ଣ୍ଣ, ଆସି ବିରଜା ମୋଡ଼ିବେ ମୁଣ୍ଡ,
ବେନି ଭାଇ ବେନି ଅଶ୍ୱପରେ ବିଜେ ବଳରାମ ଚକା ଡୋଳା (୬)

କାଠମାଳିଆ ଭକତ, ଯେତେ ଝୁଲାମାଳୀ ଭନମତ,
ଚିତାଛଡା ଘେନି ଆଗୁଆ ହୋଇବେ ତାଙ୍କୁ ଖାଇବେ ମଙ୍ଗଳା (୭)

ମାଛ ମାଂସଖିଆ ଭକ୍ତ, ଆଉ ଯେତେଥିବେ ଶ୍ୱେତ,
ଚଉଷଠୀ ଯୋଗିନୀ ଏହାଙ୍କୁ ଖାଇବେ ରକ୍ତ ଶୋଷି ମୋଡ଼ିଗଳା (୮)

ହୋଇଗଲେ ଛୟାଳିଶ, ସବୁଲୀଳା ହୋଇଯିବ ଶେଷ,
କଳକୀ ମୂରତୀ ଲୟାଙ୍ଗରେ ଛନ୍ତି ଦେଖିବ ପ୍ରଭୁଙ୍କ ଖେଳା (୯)

ଠିକେ ଅଚ୍ୟୁତ କହଇ, ଆଗୁଁ ସାବଧାନ ହୁଅ ତୁହି,
ତା ନ ହେଲେ ଦିନେ ମେଳଛଗଣ ହେ ବୁଡ଼ିଯିବ ତୋର ଭେଳା (୧୦)

ଉକ୍ତ ଉଦ୍ଧୃତାଂଶର ଅଧିକ ସରଳ ବ୍ୟାଖ୍ୟା ଏହି ସଂଖ୍ୟାର ୪୬ ପୃଷ୍ଠାରେ ଦେଖନ୍ତୁ ।



# ପୁରାଣ ପୃଷ୍ଠାରୁ

## ଗାଳ୍ପିକା

*ବିବେକାନନ୍ଦଙ୍କର ଗୋଟିଏ ପ୍ରଶ୍ନର ଉତ୍ତରରେ ରାମକୃଷ୍ଣ ପରମହଂସ ଥରେ କହିଥିଲେ: ''ପୁରାଣ କଥନିକାର ସତ୍ୟତା ବର୍ତ୍ତମାନ ମଧ୍ୟ ରହିଛି ।'' ପରମହଂସଦେବଙ୍କର ଏହି ଉକ୍ତିର ଉତ୍କର୍ଷ ହେଉଛି ପୁରାଣର ଅନ୍ତଃବସ୍ତୁ ପ୍ରତି ଧ୍ୟାନ ଦେବା ବହିରଙ୍ଗ ବସ୍ତୁରେ (କେବଳ ଗଳ୍ପାଂଶ) ଯେବେ ଚେତନ ପାଠକ ପୁରାଣର ମର୍ମ ବୁଝିପାରେ ନାହିଁ । ଅନ୍ତରଙ୍ଗ ସତ୍ୟତା (ମୀମାଂସାଖଣ୍ଡ) ଉପଲବ୍ଧ ପାଇଁ ପୁରାଣର ଶୈଳୀ ସହ ପରିଚିତ ହିବାକୁ ହୁଏ । ଏହି ଶୈଳୀହିଁ ଅତିଶୟୋକ୍ତି । ଅତିଶୟୋକ୍ତି ଦ୍ୱାରା ପୁରାଣକବି ନିର୍ଦ୍ଦିଷ୍ଟ ଏକ ମାର୍ମିକ ଅର୍ଥ ଅଭିବ୍ୟଞ୍ଜିତ କରିଥାଆନ୍ତି । ଶୈଳୀଭେଦରେ ବର୍ଣ୍ଣନାର ଭେଦ ହୁଏ ସିନା ତଥ୍ୟ କିନ୍ତୁ ସମାନ ରହେ । ''ଶୈଳୀଭେଦାତ୍ ବର୍ଣ୍ଣନ ଭେଦଃ ନତୁ ତଥ୍ୟ ଭେଦ ।'' 'ଚରମ' ପୃଷ୍ଠାରେ ଏହି ଦୃଷ୍ଟିରୁ ପୌରାଣିକ ଆଖ୍ୟାୟିକା ପରିବେଷଣ କରିବା ସହିତ ସେହି କଥନିକାର ଅନ୍ତରଙ୍ଗ ବା ମୀମାଂସାଖଣ୍ଡ ମଧ୍ୟ ପରିବେଷଣ ହୋଇ ଆସୁଅଛି । ପିଣ୍ଡବ୍ରହ୍ମତତ୍ତ୍ୱବାଦରେ ଏହି ମୀମାଂସା ସ୍ୱୟଂ ସଂପୂର୍ଣ୍ଣ ଏବଂ ପାଠକପାଠିକାମାନେ ଯୋଗମାର୍ଗରେ ଅବିଚଳିତ ଓ ସ୍ଥିରଥିଲେ, ଏହି ସତ୍ୟକୁ ଅବଶ୍ୟ ଉପଲବ୍ଧ ଏବଂ ଅନୁଭବ କରୁଥିବେ ବୋଲି ଆମର ଦୃଢ଼ ବିଶ୍ୱାସ । ରମ୍ୟ ଦେବୋଦ୍ୟାନରୁ ଏ ସଂଖ୍ୟା ପାଇଁ ଆମର ଚୟନ 'ବ୍ରହ୍ମ ବୈବର୍ତ୍ତ ପୁରାଣ' ପୃଷ୍ଠାରୁ–*

ବ୍ରହ୍ମ ବୈବର୍ତ୍ତ ପୁରାଣ : ''ପ୍ରକୃତିଖଣ୍ଡ''ରୁ ଉଦ୍ଧୃତ:

### ତୁଳସୀ ଜନ୍ମ ବୃତ୍ତାନ୍ତ ଓ ବରଦାନ କଥନ

ଦେବର୍ଷି ନାରଦଙ୍କ ପ୍ରାର୍ଥନା ସ୍ୱୀକାର କରି ନାରାୟଣ କହିଲେ, ହେ ନାରଦ ! ତୁଳସୀ ଜନ୍ମ ବୃତ୍ତାନ୍ତ ଓ ବରପ୍ରାପ୍ତି ଅତ୍ୟନ୍ତ ଦୁର୍ଲ୍ଲଭ କଥନ । ମନଦେଇ ଶୁଣ । ଆନନ୍ଦ ଲାଗିବ ।

ଚକ୍ରବର୍ତ୍ତୀ ରାଜା ଧର୍ମଧ୍ୱଜଙ୍କର ପତ୍ନୀ ମାଧବୀ ଅତ୍ୟନ୍ତ ଧର୍ମପରାୟଣା ଓ ତ୍ରିପୁରସୁନ୍ଦରୀ ଥିଲେ । ଦିନେ ତାଙ୍କୁ ସଂଗରେ ନେଇ ରାଜା କ୍ରୀଡ଼ା କରିବା ଆଶାରେ ଗନ୍ଧମାର୍ଦନ ପର୍ବତକୁ ଗଲେ । ସେଠାରେ ନବଦମ୍ପତି ମହାସୁଖରେ କ୍ଷଣେ ବିଶ୍ରାମ ନ କରି ଏକଶତ ସମ୍ବତ୍ସର ପର୍ଯ୍ୟନ୍ତ ରତିକ୍ରୀଡ଼ାରେ ବ୍ୟସ୍ତ ରହିଲେ । ସ୍ୱାମୀ ଓ ସ୍ତ୍ରୀ ଉଭୟେ ଧର୍ମର ଶରଣରେ ଜୀବନ ନିର୍ବାହ କରୁଥିବାରୁ ଏହି କ୍ରୀଡ଼ାରୁ ମହାରାଣୀ ମାଧବୀଙ୍କ ପବିତ୍ର ଗର୍ଭରେ ଲକ୍ଷ୍ମୀଙ୍କ ଅଂଶରେ ଏକ ସୁକନ୍ୟା ସ୍ଥାନ ନେଲେ । ଏକଶତ ଦେବ ସମ୍ବତ୍ସର ଗତ ହେବାପରେ କାର୍ତ୍ତିକ ପୂର୍ଣ୍ଣିମା ଭୃଗୁପୁତ୍ର (ଶୁକ୍ର) ବାରରେ ଏହି ସୁକନ୍ୟା ଜନ୍ମ ଗ୍ରହଣ କଲେ । ତାହାଙ୍କର ପାଦଦେଶରେ ପଦ୍ମଚିହ୍ନ ଥିଲା । ରାଜଲକ୍ଷ୍ମୀଙ୍କର ସମସ୍ତ ସୁଲକ୍ଷଣ ଶରୀରରେ ବିକଶିତ ହେଉଥିଲା । ଶରତ କାଳର ପୂର୍ଣ୍ଣ ଚନ୍ଦ୍ରମା ପ୍ରାୟ ଅତ୍ୟନ୍ତ

ସୁନ୍ଦରୀ ଥିଲେ । ଯେତେ ନରନାରୀ ତାଙ୍କୁ ଦେଖିବାକୁ ଗଲେ, ସ୍ୱର୍ଗର ଦେବୀ ଭାବରେ ବିଚାରକୁ ନେଲେ । ତାଙ୍କୁ ତୁଳନା ଦେବାକୁ କିଛି ନ ପାଇବାରୁ ତାଙ୍କର ନାମ କରଣ କଲେ 'ତୁଳସୀ' । ମାତୃଗର୍ଭରୁ ଭୂମିରେ ପଡ଼ିବାମାତ୍ରେ ତୁଳସୀ ତପ ଆଚରଣ କରିବାକୁ ମନବଳାଇ ବଦରିକା ବନକୁ ଚାଲିଗଲେ । ଶ୍ରୀମନ୍ନାରାୟଣଙ୍କୁ ପତି ରୂପରେ ପାଇବା ପାଇଁ କଠୋର ତପସ୍ୟା କଲେ । ଏକଲକ୍ଷ ଦେବବର୍ଷ ତପ କଲେ । ଗ୍ରୀଷ୍ମକାଳରେ ପଞ୍ଚଅଗ୍ନି ମଧ୍ୟରେ ବସିଥାନ୍ତି । ଶୀତଋତୁରେ ଶୀତଳ ଜଳରେ ବୁଡ଼ିଥାଆନ୍ତି । ବର୍ଷାକାଳରେ ଶ୍ମଶାନ ଭୂମିରେ ରହି ଶରୀରରେ ଜଳଧାରା ସହ୍ୟ କରନ୍ତି । କୋଡ଼ିଏ ହଜାର ବର୍ଷ କେବଳ ଫଳ ଆହାରରେ କଟାଇଲେ । ଏହାପରେ ତିରିଶ ହଜାର ବର୍ଷ ପାଚିଲା (ଶୁଷ୍କ) ପତ୍ର ଖାଇ ବଞ୍ଚିରହିଲେ । ତାପରେ ଚାଳିଶ ହଜାର ବର୍ଷ କେବଳ ପବନ ଆହାର କରି ଦଶହଜାର ବର୍ଷ ନିରାହାରରେ ରହି ତପ ଶେଷ କଲେ । ଏହାପରେ ଏକପାଦରେ ଠିଆ ହୋଇ ଅନ୍ୟ କେଉଁ ଆଡ଼େ ଦୃଷ୍ଟି ନିକ୍ଷେପ ନ କରି କେବଳ ମନକୁ ଧ୍ୟାନ କରି ରହିଲେ । ଏହି କଠୋର ତପ ପ୍ରଭାବରେ ଥୟ ହୋଇ ନ ପାରି ବେଦପତି ବ୍ରହ୍ମା ବଦରିକା ବନରେ ଉପସ୍ଥିତ ହୋଇ ବରଦାନ କରିବାକୁ ଇଚ୍ଛା ପ୍ରକାଶ କଲେ । ବ୍ରହ୍ମାଙ୍କୁ ପ୍ରଣାମ କରି ଦେବୀ କହିଲେ, ''ହେ ତାତ! ପୂର୍ବକାଳରେ ଗୋଲକରେ ମୁଁ ତୁଳସୀ ଗୋପିକା ହୋଇ ରାଧାଙ୍କ କିଙ୍କରୀ ହୋଇଥିଲି । ଦିନେ ରାଧାଙ୍କ ଅନୁପସ୍ଥିତିରେ ଶ୍ରୀକୃଷ୍ଣଙ୍କ ସହ ଏକତ୍ରିତ ହୋଇଥିଲି । ଏହି ସମୟରେ ରାସେଶ୍ୱରୀ ପହଞ୍ଚି ମହାକୋପ କଲେ ଓ ଶ୍ରୀକୃଷ୍ଣଙ୍କୁ ଭର୍ତ୍ସନା କରି ମୋତେ ଅଭିଶାପ ଦେଲେ ନରଦେହ ଧାରଣ କରି ମର୍ତ୍ତ୍ୟରେ ରହିବା ପାଇଁ । ଶ୍ରୀକୃଷ୍ଣଙ୍କୁ ଏହି ଦୁଃଖ ଜଣାଇବାରୁ ସେ ମୋତେ କହିଲେ ''ଏବେ ମର୍ତ୍ତ୍ୟରେ ତପ କରୁଥାଅ । ବ୍ରହ୍ମାଙ୍କ ବଚନରେ ବୈକୁଣ୍ଠକୁ ଯିବ । ବୈକୁଣ୍ଠରେ ଚତୁର୍ଭୁଜ ବିଷ୍ଣୁଙ୍କର ପତ୍ନୀ ହୋଇବ'' । ସେହିଦିନୁ ମର୍ତ୍ତ୍ୟରେ ଜନ୍ମ ହୋଇ ତପ କରୁଅଛି । କିନ୍ତୁ ଚତୁର୍ଭୁଜ ବିଷ୍ଣୁଙ୍କ ପ୍ରତି ମୋର ଆସକ୍ତି ଆଦୌ ରହୁନାହିଁ । କେବଳ ତାଙ୍କୁ (ନାରାୟଣ) ହିଁ ପତିରୂପରେ ପାଇବା ମୋର ଏକମାତ୍ର କାମନା ।'' ବ୍ରହ୍ମା କହିଲେ, ''ହେ ସୁନ୍ଦରୀ ! ଗୋଲକରୁ ଶ୍ରୀକୃଷ୍ଣ ଅଂଶ ନେଇ ଗୋପରେ ଜାତ ହୋଇଥିବା ସୁଦାମା ଏବେ ଦନୁ ନରପତିଙ୍କ ବଂଶରେ ଜନ୍ମଗ୍ରହଣ କରି ଶଙ୍ଖଚୂଡ଼ ନାମରେ ଅତ୍ୟନ୍ତ ତେଜୋବନ୍ତ, ଯଶୋବନ୍ତ ହୋଇ ପୃଥିବୀର ଏକ ଅନନ୍ୟ ନରପତି ହୋଇଅଛନ୍ତି । ପୂର୍ବକାଳରେ ଗୋଲକରେ ସେ ତୁମପ୍ରତି ଆସକ୍ତ ଥିଲେ । ମାତ୍ର ରାଧାଙ୍କ ଭୟରେ ଭୋଗ କରି ପାରିଲେ ନାହିଁ, କଠୋର ତପ ଆଚରଣ କରି ଶିବଙ୍କ ବରରେ ବଳିୟାନ ହୋଇ ଏବେ ମର୍ତ୍ତ୍ୟରେ ଜାତିସ୍ମର ହୋଇଅଛନ୍ତି । ତୁମେ ମଧ୍ୟ ଜାତିସ୍ମର ହୋଇଥିବାରୁ ତୁମର ପୂର୍ବକଥା ସ୍ମରଣ ଆସିବ । ତେଣୁ ତୁମ୍ଭେ ଯାଇ ତାଙ୍କୁ ପତିରୂପରେ ବରଣ କରି ତାଙ୍କର ଅଭିଳାଷ ପୂର୍ଣ୍ଣକର । ଏହାପରେ ତୁମର କାମନା ପୂର୍ଣ୍ଣ ହେବ । ତୁମେ ନାରାୟଣଙ୍କୁ ପତିରୂପରେ ପ୍ରାପ୍ତ ହେବ । ନାରାୟଣଙ୍କ ବଚନରେ ତୁମ୍ଭେ ବୃକ୍ଷରୂପ ହେବ । ସମସ୍ତ ବୃକ୍ଷ ମଧ୍ୟରେ ଶ୍ରେଷ୍ଠ ହେବ । ବିଷ୍ଣୁଙ୍କର ପ୍ରାଣାଧିକ ପ୍ରିୟା ହେବ । ବୃନ୍ଦାବନରେ ତୁମ୍ଭ ନାମ ବୃନ୍ଦାବତୀ ହେବ । ତୁମ୍ଭ ପତ୍ର ତୋଳି ସର୍ବ ଗୋପଗୋପୀ ଶ୍ରୀକୃଷ୍ଣଙ୍କ ପୂଜା କରିବେ । ରାଧାଦେବୀଙ୍କର ଷୋଡ଼ଶଅକ୍ଷର ମନ୍ତ୍ର ମୁଁ ତୁମକୁ ଦାନ କରୁଛି । ଏହି ମନ୍ତ୍ର ପ୍ରଭାବରେ ରାଧାଙ୍କର ମନରୁ ତୁମପ୍ରତି ଥିବା ବୈରଭାବ ଦୂର ହେବ, ସେ ତୁମକୁ ବହୁତ ସ୍ନେହ କରିବେ ।'' ଏହାକହି ବ୍ରହ୍ମା ତୁଳସୀଙ୍କୁ ବର, ମନ୍ତ୍ର, ପୂଜାବିଧି, ସ୍ତୋତ୍ର ଓ କବଚ ସହ ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ତୁଳସୀ ଏହି ଷୋଡ଼ଶଅକ୍ଷର ମନ୍ତ୍ରକୁ ବାର ଦିବ୍ୟବର୍ଷ ସାଧନ କରି ସିଦ୍ଧି ଲାଭ କରିବା ପରେ ବ୍ରହ୍ମାଙ୍କ ନିର୍ଦ୍ଦେଶାନୁଯାୟୀ ଶଙ୍ଖଚୂଡ଼ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ ।

ଗଦ୍ୟାଂଶର ମୀମାଂସାଖଣ୍ଡ ''ରତ୍ନବେଦୀ''ର ୪୩ ପୃଷ୍ଠାରେ ପଢ଼ିବାକୁ ପାଇବେ ।

❋❋❋

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*ଅବସ୍ତୁରେ ବସ୍ତୁ, ଅସତ୍ୟରେ ସତ୍ୟଜ୍ଞାନ ହିଁ ମାୟା । ତେଣୁ ମାୟା ବସ୍ତୁରେ ନଥାଏ, ଥାଏ ଜ୍ଞାନରେ । ସଂସାରଟା ମାୟାନୁହେଁ । ଭଗବାନଙ୍କର ସୃଷ୍ଟ ଏ ସଂସାର । ତେଣୁ, ସଂସାରଟା ମାୟା ହେବ କାହିଁକି ? ସଂସାରରେ ଆସକ୍ତ ହେବାହିଁ ମାୟା । ଏହି ପ୍ରକାର ସାଂସାରିକ ଆସକ୍ତି ପରିପକ୍ୱ ହୋଇ ମୋହରେ ପରିଣତ ହୁଏ । ମୋହଗ୍ରସ୍ତ ଜୀବର ଭଲମନ୍ଦ ଜ୍ଞାନ ବିଲୁପ୍ତ ହୁଏ, ତେଣୁ ଅନିତ୍ୟକୁ ନିତ୍ୟ, ଅସତ୍ୟକୁ ସତ୍ୟ, ଅଜ୍ଞାନକୁ ଜ୍ଞାନ ମନେକରି ମୋହ ପାଶରେ ଆବଦ୍ଧ ହୋଇ ଇହପରକାଳକୁ ନଷ୍ଟଭ୍ରଷ୍ଟ କରି ତୋଳେ । ଅହଂବୁଦ୍ଧିର ବଶବର୍ତ୍ତୀ ହୋଇ ଆପଣାର ନିଷ୍ପତ୍ତି ଆପେ ନେଇ ତମିସ୍ରାର ଘନ ଅନ୍ଧକାର ମଧ୍ୟରେ ପଥଭ୍ରଷ୍ଟ ହୁଏ, ଯୋଗ ବିଯୁକ୍ତ ହୋଇ ଅକାଳ ଧୂମକେତୁରେ ପରିଣତ ହୁଏ । ତେଣୁ ''ଚରମ'' ପୃଷ୍ଠାରେ ଠାକୁରଙ୍କ ଦର୍ଶନରୁ 'ମୋହ' ନିୟମିତ ପ୍ରକାଶିତ ହୋଇ ଯୋଗଯୁକ୍ତ ଜୀବନର ପଥ ନିର୍ଦ୍ଦେଶ କରି ଆସୁଛି । ଏ ସଂଖ୍ୟାରେ–*

## ଅବ୍ୟକ୍ତ ମୋହ

### ଶିଷ୍ୟ ଉବାଚ :

ଅବ୍ୟକ୍ତ ମୋହ ଏକାଦଶେ । କୁହ ହେ ଶରଣ ମୁଁ ପଶେ ॥

''ଗୁର୍ବାଗଂଜନ'' ମୋହର ଦଶମ ପ୍ରକରଣ ସମ୍ବନ୍ଧରେ ଅବଗତ ହେବାପରେ ଜିଜ୍ଞାସୁ ଶିଷ୍ୟ ଶ୍ରଦ୍ଧା ଅବନତ ଓ ଶରଣାଗତ ହୋଇ ଏହି ମୋହର ଏକାଦଶ ପ୍ରକରଣ ଅର୍ଥାତ୍ ''ଅବ୍ୟକ୍ତ ମୋହ'' ସଂପର୍କରେ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଶ୍ରୀମୁଖ କମଳରୁ ତାତ୍ତ୍ୱିକ ଆଲୋଚନା ଶୁଣିବା ନିମନ୍ତେ ଯୋଡ଼ହସ୍ତରେ ବିନମ୍ର ନିବେଦନର ସହିତ ପ୍ରାର୍ଥନା କରନ୍ତେ, ଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର କହୁଛନ୍ତି :

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ଶୁଣ ହୋ ବତ୍ସ ମନ ଦେଇ । ଏ ମୋହ ଯେମନ୍ତ କରଇ ॥<br>
ଗୁରୁଙ୍କ ଆଜ୍ଞାବହ ହୋଇ । ଯଦିବା ତ୍ରୁଟି ସେ କରଇ ॥<br>
ଗୁରୁଙ୍କ ନିକଟରେ ତାହା । ବ୍ୟକ୍ତ ନ କରି ରଖେ ଯାହା ॥<br>
ଗୁରୁ ଆଦେଶ ପାଳେ ନାହିଁ । ତ୍ରୁଟିକୁ ବ୍ୟକ୍ତ କରେ ନାହିଁ ॥<br>
ଅବ୍ୟକ୍ତ ମୋହ ଏହା ଶୁଣ । ତିନି ଅବସ୍ଥା ଚକ୍ର ପୁଣ ॥<br>
ଏହି ''ମୋହ'' ଯେ ରହି ଅଛି । ଗୋଟିକୁ ଗୋଟି କହୁଅଛି ॥

ଶ୍ରୀଶ୍ରୀ ଠାକୁର ପ୍ରିୟ ଜିଜ୍ଞାସୁ ବତ୍ସର ଅନୁସନ୍ଧିତ୍ସାର ସମାଧାନ କରିବାକୁ ଯାଇ ସହଜ ସୁନ୍ଦର ଭାଷାରେ ଏବଂ ସାବଲୀଳ ଶୈଳୀରେ ସ୍ୱଭାବସୁନ୍ଦର ସ୍ମିତହାସ୍ୟ ଫୁଟାଇ କହନ୍ତି : ବତ୍ସ ! ମନଦେଇ ଶୁଣ । ଗୁର୍ବାଗଂଜନ ମୋହର ଏକାଦଶ (୧୧) ପ୍ରକରଣ ସମ୍ବନ୍ଧରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ମୁଁ ଏହା ତୁମକୁ ବୁଝାଇ କହୁଅଛି । ଶୁଣିଲେ ତୁମର ଜ୍ଞାନଚକ୍ଷୁ ଉନ୍ମୋଚିତ ହେବ ।

କୌଣସି ଶିଷ୍ୟ ଯଦି ଶ୍ରୀଗୁରୁଙ୍କର ଆଜ୍ଞାବହ ହୋଇ ଆଚରଣ ବା ସାଧନାରେ ତ୍ରୁଟି ବିଚ୍ୟୁତି କରି ଏବଂ/ ବା ଶ୍ରୀଗୁରୁଙ୍କ ଆଜ୍ଞା ଆଦେଶ ଉପଦେଶ ନିର୍ଦ୍ଦେଶାଦି ପାଳନ ନ କରି ତାହା ଶ୍ରୀଗୁରୁଙ୍କ ସନ୍ନିଧାନରେ ସ୍ଥୂଳତଃ ପ୍ରକାଶ ନ କରି ଅବ୍ୟକ୍ତ ରଖେ ଏବଂ ମନକୁ ମନ ନିଷ୍ପତ୍ତି ନେଇଯାଏ, ''ଗୁରୁ ତ ସୂକ୍ଷ୍ମରେ ସବୁ ଜାଣୁଛନ୍ତି, ତାଙ୍କୁ ଆଉ ମୁହଁ ଖୋଲି କହିଲେ ଅଧିକ କ'ଣ ବା ଲାଭ ଅଛି ?'' ତେବେ ସ୍ପଷ୍ଟ ବୁଝିବାକୁ ହେବ ଯେ, ସେହି ଶିଷ୍ୟ ବା ବଗ ଗୁର୍ବାଗଂଜନ ମୋହର ଏକାଦଶ ପ୍ରକରଣ 'ଅବ୍ୟକ୍ତ ମୋହ'ର ଶିକାର ହୋଇସାରିଛି । ଅଧିକାଂଶ ବ୍ୟକ୍ତି ଦେଖିଶୁଣି କିଛି ନବୁଝି ନଶୁଝି ଅନ୍ୟର ଦେଖାଶିଖାରେ ଗୁରୁ ଗ୍ରହଣ କରନ୍ତି, ଦୀକ୍ଷାମନ୍ତ୍ର ସହିତ ଧର୍ମଧାରା ଗ୍ରହଣ କରନ୍ତି । ମାତ୍ର ଅଜ୍ଞାନତା ଦୋଷରୁ, ମୂଢ଼ ପଣରୁ, ଆଳସ୍ୟବଶତଃ ଏବଂ ମନମୁଖୀ ହୋଇ ଗୁରୁଙ୍କର ଶିକ୍ଷାଦୀକ୍ଷା, ଆଦେଶ ଉପଦେଶ ଆଦି ପାଳନରେ ଘୋର ତ୍ରୁଟି କରନ୍ତି । ସାଧାରଣ ଜୀବଙ୍କ ପକ୍ଷରେ ଗୁରୁଗ୍ରହଣ ଓ ଦୀକ୍ଷାଗ୍ରହଣ ପରେ ଏପରି ତ୍ରୁଟି କରିବା ଅତ୍ୟନ୍ତ ସ୍ୱାଭାବିକ । କିନ୍ତୁ ଶିଷ୍ୟର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି, ନିଜର ସମସ୍ତ ଭୁଲ୍ ତ୍ରୁଟି ଇତ୍ୟାଦି ନ ଛପାଇ ବା ଅବ୍ୟକ୍ତ ନ ରଖି ତାହା ଯେତେ ଗୋପନୀୟ ଓ ଭୟାବହ ହୋଇଥିଲେ ମଧ୍ୟ ଗୁରୁଙ୍କ ସନ୍ନିଧାନରେ ସ୍ଥୂଳଭାବରେ ନିଜ ମୁଖରେ ବ୍ୟକ୍ତ ବା ପ୍ରକାଶ କରିଦେବା । ମାତ୍ର ପ୍ରାୟ ସମସ୍ତ ଶିଷ୍ୟ ସତ୍‌ସାହସ ଓ ସରଳତା ରକ୍ଷା କରି ନ ପାରି ନିଜର ତ୍ରୁଟି ବିଚ୍ୟୁତି ଶ୍ରୀଗୁରୁଙ୍କ ସନ୍ନିଧାନରେ ପ୍ରକାଶ କରନ୍ତି ନାହିଁ । ଏପରି ଆଚରଣର ମୂଳ କାରଣ ହେଉଛି ଯେ, ସେମାନେ **'ଅବ୍ୟକ୍ତ ମୋହ'** ଜାଲରେ ପଡ଼ି ସରଳତା ଓ ସତ୍‌ସାହସ ହରାଇ ବସି ଥାଆନ୍ତି ।

ଶ୍ରୀ ଗୁରୁଙ୍କର ଆଦେଶ ପାଳନ ଯଥାର୍ଥ ଭାବରେ ନ କରି କିମ୍ବା ନିଜର ତ୍ରୁଟିବିଚ୍ୟୁତି ଶ୍ରୀଗୁରୁଙ୍କ ସନ୍ନିଧାନରେ ସ୍ଥୂଳଭାବରେ ବ୍ୟକ୍ତ ନ କରି ଶିଷ୍ୟ ଅବ୍ୟକ୍ତ ମୋହର ଆବେଶ ହେତୁ ତିନିଗୋଟି ଅବସ୍ଥାଚକ୍ର ଭୋଗକରେ । ପ୍ରଥମତଃ ନିତିଦିନ ଏହି ମୋହରେ ପଡ଼ିଥିବାରୁ ତା'ର ଚିତ୍ତ ଶକ୍ତି ବୃଦ୍ଧିପାଏ ନାହିଁ । ଦୁର୍ବଳ ଚିତ୍ତାବସ୍ଥାହେତୁ ଶିଷ୍ୟ ସାଧନାପଥରେ ଅଗ୍ରଗତି କରିପାରେ ନାହିଁ । ଫଳତଃ ସୂକ୍ଷ୍ମ ଅନୁଭୂତି ଲାଭ କରିପାରେ ନାହିଁ । ଦ୍ୱିତୀୟତଃ ପ୍ରାଣୀର ବିକେନ୍ଦ୍ରିୟ ଗୃହରେ ବୀଜାଣୁ ସଂଖ୍ୟା ଅତିମାତ୍ରାରେ ବୃଦ୍ଧି ପାଇଥାଏ । ଫଳତଃ ପ୍ରାଣୀ ବିଷୟାବିଷରେ ଅତିରିକ୍ତ ଆସକ୍ତ ହୋଇପଡ଼େ ଓ ସାଧନାପଥରୁ ବିଚ୍ୟୁତ ହୋଇଯାଏ । ତୃତୀୟାବସ୍ଥାରେ ଶିଷ୍ୟ ଧର୍ମଧାରା ଓ କର୍ମଯୋଗ ଗ୍ରହଣ କରିଥିଲେ ମଧ୍ୟ ତାହାର ସ୍ମରଣ, ଚିନ୍ତନ ହୁଏ ନାହିଁ କିମ୍ବା ସେ ସାଧନାପଥରେ ଯଥାର୍ଥ ନିଷ୍ଠାବାନ ହୋଇପାରେ ନାହିଁ । ସାଧନାରେ ଆନ୍ତରିକତା ରହେ ନାହିଁ । ଅବ୍ୟକ୍ତ ମୋହଗ୍ରସ୍ତ ପ୍ରାଣୀର (ଶିଷ୍ୟର) କ୍ରମଶଃ ସାତ୍ତ୍ୱିକ ଭାବ ଏବଂ ସ୍ଥୂଳ ଚୈତନ୍ୟ ନଷ୍ଟ ହୋଇଥାଏ । ଏହି ମୋହାବିଷ୍ଟ ଶିଷ୍ୟ ଶ୍ରୀଗୁରୁଦତ୍ତ ବୀଜମନ୍ତ୍ର ରାତ୍ରଦିନ ମନନ ବା ମାନସଜପ କଲେ ମଧ୍ୟ ତା'ର ଅନ୍ତଃକରଣର କେନ୍ଦ୍ରସ୍ଥଳରେ ଏହାର ଦୃଢ଼ୀକରଣ ହୋଇପାରେ ନାହିଁ କିମ୍ବା ତାହା ଠୁଳ ଅବସ୍ଥା ପ୍ରାପ୍ତ ହୁଏ ନାହିଁ । ତେଣୁ ଅବ୍ୟକ୍ତ ମୋହ ସାଧନାପଥରେ ଏକ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ ହୋଇ ପ୍ରାଣୀର ମୁକ୍ତି, ମୋକ୍ଷ, ନିର୍ବାଣ, କୈବଲ୍ୟ ଏବଂ ଚରମପ୍ରାପ୍ତିରେ ଅନ୍ତରାୟ ହୋଇଥାଏ । ଏହାହିଁ ସଂକ୍ଷେପରେ ଅବ୍ୟକ୍ତ ମୋହର ଗୁଣ ଅଟେ । ବ୍ୟକ୍ତ ମୋହ ଶିଷ୍ୟର ସାଧନା ପଥରେ ଯେତିକି ସହାୟକ, ଅବ୍ୟକ୍ତ ମୋହ ସାଧନାପଥରେ ସେତିକି ବା ତହିଁରୁ ଅଧିକ ବାଧକ ଅଟେ । ତେଣୁ, ପ୍ରାଣୀ ଗୁରୁବରଣ କରି ଧର୍ମଧାରା ଓ କର୍ମଯୋଗ ଗ୍ରହଣ କରିବା ପରେ ଶ୍ରୀଗୁରୁଙ୍କର ଆଜ୍ଞା ଓ ଆଦେଶକୁ ଯଥାର୍ଥ ଭାବରେ ପାଳନ କରିବା ଓ ନିଜର ତ୍ରୁଟିବିଚ୍ୟୁତି ଶ୍ରୀଗୁରୁଙ୍କ ସମ୍ମୁଖରେ ସ୍ଥୂଳଭାବରେ ପ୍ରକାଶ କରିଦେବା ସର୍ବାଦୌ ଉଚିତ୍ ଓ ବାଞ୍ଛନୀୟ ଅଟେ ।

ଗୁର୍ବାଗଂଜନ ମୋହର ଏକାଦଶ ପ୍ରକରଣ 'ଅବ୍ୟକ୍ତ ମୋହ' ବୁଝାଇବାକୁ ଯାଇ ଠାକୁରେ ପୁରାତନ ଯୁଗବାଦରୁ ଉଦାହରଣ ଦେଇ କହନ୍ତି, ସତ୍ୟଯୁଗରେ **ସାବନ୍ତୀ** ନାମରେ ଜଣେ ଋଷି ଗହନ ବନ ମଧ୍ୟରେ ଗୁରୁକୁଳ ଆଶ୍ରମଟିଏ ପ୍ରତିଷ୍ଠା କରି ଶିଷ୍ୟଶିଷ୍ୟାମାନଙ୍କୁ ଆଧାତ୍ମିକ ଶିକ୍ଷା ପ୍ରଦାନ କରୁଥିଲେ । ଆଶ୍ରମର ଶିଷ୍ୟମାନଙ୍କୁ ଆଦେଶ ଓ ଉପଦେଶ ପାଳନ ଏବଂ ତହିଁରେ ତ୍ରୁଟି ନକରିବା ପାଇଁ ପ୍ରତିଦିନ ନୀତିଶିକ୍ଷା ଦେବା ସହିତ ଜ୍ଞାତ ବା

ଅଜ୍ଞାତସାରରେ କୌଣସି ତ୍ରୁଟି ବିଚ୍ୟୁତି ହେଲେ, ତାହା ତାଙ୍କୁ ସ୍ଥୂଳତଃ ଯଥାଶୀଘ୍ର ଜଣାଇଦେବା ପାଇଁ ପରାମର୍ଶ ଦେଉଥିଲେ । **ସାବନ୍ତୀ** ଥିଲେ ଭୂତଭବିଷ୍ୟତ ଜ୍ଞାତା । ଶିଷ୍ୟଶିଷ୍ୟାମାନେ ଗୋପନରେ ଯାହା କରୁଥିଲେ, କହୁଥିଲେ ବା ଚିନ୍ତା କରୁଥିଲେ, ତାହା ସେ ଅକ୍ଳେଶରେ ସାମାନ୍ୟ ଧ୍ୟାନଯୋଗରେ ବସି ପୁଙ୍ଖାନୁପୁଙ୍ଖ ଜାଣି ପାରୁଥିଲେ । ଏ ରହସ୍ୟ କିନ୍ତୁ ଶିଷ୍ୟଶିଷ୍ୟାମାନେ ଜାଣି ନଥିଲେ । ଗୁରୁଦେବଙ୍କୁ ସ୍ଥୂଳରେ ନ ଜଣାଇଲେ ସେ କିଛି ଜାଣିପାରିବେ ନାହିଁ ବୋଲି ସେମାନଙ୍କର ଧାରଣା ଥିଲା । ସମୟକ୍ରମେ ଏହି ଭ୍ରମଧାରଣା କେତେକ ଶିଷ୍ୟଶିଷ୍ୟାଙ୍କ ମନରେ ବଦ୍ଧପରିକର ହେଲା ଓ ସେମାନେ ନିଜ ନିଜର ଜ୍ଞାତସାରରେ ଗୁରୁଦେବଙ୍କ ଅଜ୍ଞାତରେ ଆଦେଶ ଉପଦେଶ ପାଳନରେ ଅବହେଳା କରିବାକୁ ଲାଗିଲେ ଓ ଏହି ତ୍ରୁଟି ବିଚ୍ୟୁତି ଶ୍ରୀଗୁରୁଙ୍କ ସନ୍ନିଧାନରେ ସ୍ଥୂଳତଃ ପ୍ରକାଶ ନ କରି ଅବ୍ୟକ୍ତ ରଖିଲେ । **ଋଷି ସାବନ୍ତୀ** ଧ୍ୟାନଯୋଗେ ଏହା ଜାଣି ମଧ୍ୟ ସେମାନଙ୍କୁ କିଛି ନ କହି ମୌନ ରହୁଥାନ୍ତି ଏବଂ ସେମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଇଥାଆନ୍ତି ।

ଏକଦା ଜଣେ ଶିଷ୍ୟକୁ ନିକଟବର୍ତ୍ତୀ ଦରବାରକୁ ଗୁରୁ **ସାବନ୍ତୀ** ଆଶ୍ରମ ପରିଚାଳନା ପାଇଁ ଦାନ ଗ୍ରହଣ ନିମନ୍ତେ ପଠାଇଲେ । ଗୁରୁଜୀଙ୍କ ଆଦେଶକ୍ରମେ ସେହି ଶିଷ୍ୟ ଜଣକ ରାଜଦରବାରକୁ ଯାଇ ରାଜାଙ୍କୁ ଋଷି ସାବନ୍ତୀଙ୍କର ଅନୁରୋଧ ଜଣାଇଲେ । ରାଜା ତତ୍କ୍ଷଣାତ୍ ଋଷିକୁମାରଙ୍କୁ ଯଥାବିଧି ଆତିଥ୍ୟପ୍ରଦାନ ସହିତ ରାଜକୋଷରୁ ବହୁ ଧନରତ୍ନ ଋଷିଙ୍କ ନିମିତ୍ତ ଋଷିପୁତ୍ରଙ୍କ ମାଧ୍ୟମରେ ପଠାଇଦେଲେ । ଶିଷ୍ୟ ଜଣକ ସେ ସମସ୍ତ ଧନରତ୍ନ ଧରି ଆଶ୍ରମକୁ ଫେରିବାପଥରେ ଲୋଭର ବଶବର୍ତ୍ତୀ ହେଲା । ଷଡ଼ରିପୁ ମଧ୍ୟରେ ଲୋଭ ଅତି ସହଜରେ ପ୍ରାଣୀକୁ ଆୟତ୍ତ କରିପାରେ । ଲୋଭାବିଷ୍ଟ ଶିଷ୍ୟଜଣକ ଲୋଭର ପ୍ରକୋପରୁ ଆଶ୍ରମ ନିକଟବର୍ତ୍ତୀ ଗୋଟିଏ ବଡ଼ଗଛର କୋଟରରେ ପ୍ରାପ୍ତ ଧନରତ୍ନର ଦୁଇତୃତୀୟାଂଶ ଗୋପନରେ ଲୁଚାଇ ରଖି ଅବଶିଷ୍ଟ ଏକତୃତୀୟାଂଶ ଧନରତ୍ନ ଧରି ଶ୍ରୀ ଗୁରୁଙ୍କ ପାଦପଦ୍ମରେ ସଭକ୍ତି ପ୍ରଣାମ ଜଣାଇ ଭେଟିଦେଲା । ଗୁରୁଜୀ ସବୁଜାଣି ମଧ୍ୟ ନୀରବ ରହିଲେ ।

ସମୟ ଗଡ଼ିଚାଲିଲା । ଏଣେ ଏପରି ଦୁଷ୍କୃତି କରିଥିବା ଶିଷ୍ୟ ମଧ୍ୟରେ ଅବ୍ୟକ୍ତମୋହର ଅବସ୍ଥାଚକ୍ର କାର୍ଯ୍ୟକାରୀ ହେବାକୁ ଲାଗିଲା । ପ୍ରଥମତଃ ସେ ଦୁର୍ବଳମନା ହୋଇ ସର୍ବଦା ଅହେତୁକ ଭୟଭ୍ରାନ୍ତିର ଶିକାର ହେଲା । କ୍ରମଶଃ ସେ ଧ୍ୟାନଧାରଣାଦି ନିତ୍ୟ ଅଭ୍ୟାସଯୋଗ ସାଧନରେ ଘୋର ଅବହେଳା କଲା । ଧୀରେ ଧୀରେ ସମ୍ପତ୍ତି ଠୁଳ କରିବାର ଇଚ୍ଛା ତା' ମଧ୍ୟରେ ପ୍ରବଳ ହୋଇ ଉଠିଲା ଓ ସେ ସୂକ୍ଷ୍ମତଃ ବିକେନ୍ଦ୍ରିୟ ଗୃହରେ ଭାବସମୂହରେ ଦହ୍ୟମାନ ହୋଇ ନାନାଦି କୁକର୍ମରେ ଲିପ୍ତ ରହିଲା । ଧର୍ମଧାରା ଓ କର୍ମଯୋଗରେ ତା'ର ନିଷ୍ଠା ଓ ଆନ୍ତରିକତା ରହିଲା ନାହିଁ । ସେ ଯେତେ ଜପ କଲେ ମଧ୍ୟ ଅନ୍ତଃକରଣରେ ତାହାର ପ୍ରଭାବ ଆଦୌ ରହିଲା ନାହିଁ । ସମସ୍ତ ସାତ୍ତ୍ୱିକଗୁଣ ତା'ର ଅନ୍ତଃସ୍ଥଳରୁ ବିଲୁପ୍ତ ହେଲା । ଗୋଟିଏ ଅଶାନ୍ତ ଅତୃପ୍ତ ଆତ୍ମା ସ୍ୱରୂପ ସେ ସୃଷ୍ଟିଛଡ଼ା ହୋଇଗଲା ।

ଶ୍ରୀ ଗୁରୁଦେବ ଏହି ଶିଷ୍ୟର ପ୍ରତିଟି ଅବସ୍ଥାକୁ ତୀକ୍ଷ୍ଣ ଦୃଷ୍ଟିରେ ଅନୁଧ୍ୟାନ କରୁଥାଆନ୍ତି । ଶେଷରେ ଦିନେ ସେ ଶିଷ୍ୟମାନଙ୍କୁ ନେଇ ସେହି ବଡ଼ଗଛଟିକୁ କଟାଇଲେ ଓ ଗଛର କୋଟରରୁ ଲୁକ୍କାୟିତ ଧନରତ୍ନ ଉଦ୍ଧାର କଲେ । ଶିଷ୍ୟମାନଙ୍କୁ ସମସ୍ତ ରହସ୍ୟ ଜଣାଇଦେଲେ ଏବଂ ସର୍ବାଙ୍ଗଂଜନ ମୋହର ଏକାଦଶ ପ୍ରକରଣ 'ଅବ୍ୟକ୍ତ ମୋହ'ର ଶିକାର ହେଲେ ସାଧକ ଶିଷ୍ୟର ପର୍ଯ୍ୟାୟକ୍ରମିକ ଅଧଃପତନର ବିବରଣୀ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଦେଲେ । ଅଭିଯୁକ୍ତ ଶିଷ୍ୟଜଣକ ଶ୍ରୀଗୁରୁଦେବଙ୍କ ପାଦଧରି ଅଶ୍ରୁଳ ନୟନରେ କ୍ଷମାପ୍ରାର୍ଥନା କରନ୍ତେ, **ସାବନ୍ତୀ** ଆପଣାର ତପଃଶକ୍ତି ବଳରେ ତାହାର ସମସ୍ତ କଳୁଷ ମୁହୂର୍ତ୍ତକ ମଧ୍ୟରେ ଧ୍ୱଂସକରି ତାକୁ କ୍ଷମା ଦେଲେ ଓ ସେ ଆଶ୍ରମରେ ରହି ପୁନର୍ବାର ମୂଳପର୍ଯ୍ୟାୟରୁ ସାଧନା ଓ ଯୋଗ ଆରମ୍ଭ କରି ନୂତନ ଜୀବନ ଲାଭ କଲେ ।

***

# ଚରମାର୍ଥ ହିଁ ପରମାର୍ଥ

''ଚରମପୁରୁଷ''ଙ୍କର ସଂଜ୍ଞା ନିରୂପଣ କରିବା ସୃଷ୍ଟି ଆରମ୍ଭରୁ ଆଜିଯାଏ ସମ୍ଭବ ହୋଇପାରିନାହିଁ । ସୁଗାନୁବାଦରେ ଭକ୍ତର କଳ୍ପନା ଓ ଅଭିଳାଷର ସାକାର ରୂପ ନେଇ ସେ ଧରାପୃଷ୍ଠରେ ଅବତରଣ କରି ଆସୁଛନ୍ତି, ଆସିଛନ୍ତି ଓ ଆସିବେ । ଯୋଗୀ, ମୁନି, ଋଷି, ଜ୍ଞାନୀ, ଭକ୍ତ, ସାଧୁ, ସନ୍ଥ ସମସ୍ତେ ତାଙ୍କୁ ନିଜ ନିଜର ସାଧନ ସ୍ତର ଅନୁସରଣରେ ଚିତ୍ରିତ କରିଛନ୍ତି । ସେହି ଧାରାରେ ଆଉ ଜଣେ ସନ୍ଥ ''ବିକ୍ରମାଦିତ୍ୟ''ଙ୍କ ଦୃଷ୍ଟିରେ ''ଚରମ, ଚରମପୁରୁଷ''ଙ୍କ ସଂଜ୍ଞା.... ଏ ପ୍ରବନ୍ଧର ବିଶେଷତ୍ୱ ।

ଚରମ ଭାବାର୍ଥ ବହୁବିଧ ହେଲେ ହେଁ ଏହାର ସ୍ୱର ଶବଦୀୟ ତତ୍ତ୍ୱାର୍ଥ ସଂଗଠନ ପଦ୍ଧତି ମୁଖ୍ୟତଃ ଦ୍ୱିବିଧ । ଅତ୍ୟାବଶ୍ୟକ ଭବ ପରିଣାମ ବଳେ, ଚଳମାନ ବିଭାବ ସ୍ଥଳେ, ଗୁରୁତ୍ୱପୂର୍ଣ୍ଣ ଦର୍ଶନ ରୀତି ଛନ୍ଦାୟିତେ, ସେ ହିଁ ତାହା, ଯାହା ଜୀବକ୍ରିୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ତହିଁର ଆକ୍ଷେପ ଚାରଣ ବୃତ୍ତିକି ଅର୍ଥାତ୍ ଚରିବାକୁ ନେଇ ସଫଳତେ ଚରିତରେ 'ମ' । ପୁଣି ସର୍ବଶେଷ ପରିଣତି କି ସେଇଠି ହିଁ ସାର୍ଥକତା, ଯେଉଁଠି ଉପଲବ୍ଧି ପରମରେ ବା ବ୍ରହ୍ମରେ । ଏଣୁ ''ସଚଳ ବୋଧନୀ ଜୀବ'' ଓ ''ଅଚଳୋଽୟଂ ସନାତନଃ'' ମଧ୍ୟରେ ଏଇଠି ଅପୂର୍ବ ସମନ୍ୱୟ । ଲୀଳାରସର ଅବତାରଣା ଘେନି ସର୍ବଭାରତୀୟ ଚିନ୍ତାଧାରା ତହିଁକି ପରିପୁଷ୍ଟ । ପୁରାଣ ପୃଷ୍ଠା ନାନା ଶାଖୋତ୍ତୀର୍ଣ୍ଣେ ଶ୍ରୁତି ମନୋରମ ସୁମଧୁରେ ବ୍ୟଞ୍ଜନାନୁରଞ୍ଜିତ । ପୁରୁଷୋତ୍ତମୀଚାରେ ସଦାଭରାଦର୍ଶନ, ଧର୍ମସିଦ୍ଧି, ସଂସ୍କୃତି ମହୀରୁହେ ଶତଧା, ସହସ୍ରଧା ପୁଷ୍ପକଳ ।

''ଅବ୍ୟକ୍ତ ମୂଳମନାଦି ତରୁ ତ୍ୱ ଚ
ଚାରି ନିଗମାଗମ ଭନେ ।
ଷଟକନ୍ଧ ସାଖା ପଞ୍ଚବୀସ
ଅନେକ ପର୍ନ ସୁମନ ଘନେ ।।
ଫଳ ଯୁଗଳ ବିଧି କଟୁ ମଧୁର ବେଲି
ଅକେଲି ଜେହି ଆଶ୍ରିତ ରହେ ।
ପଲୱିତ ଫୁଲତ ନୱଲ ନିତ
ସଂସାର ବିଟପ ନମାମହେ ।।

ସନାତନୀ ଆର୍ଯ୍ୟାବର୍ତ୍ତ ଭାରତବର୍ଷ ତାହା ସେଇଥିପାଇଁ ଯେଉଁଥିପାଇଁ ଏଯାଏ 'ଭା' ବା ସୌନ୍ଦର୍ଯ୍ୟର କ୍ରମୋନ୍ନତିରୁ ଓହରି ଆସିନାହିଁ ।

''ଏକମ୍‌ସଦ୍ ବିପ୍ରାଃ ବହୁଧାଃ ବଦନ୍ତି''

ଏକାକ୍ଷର ମର୍ମରେ ରାମ ନାମ ବିଶ୍ଳେଷଣ କରିବାକୁ ଯାଇ ସ୍ୱୀୟ ଭାଷାରେ କଳିଭାଗବତ୍‌କାରଙ୍କ ମନ୍ତବ୍ୟ ଚରମ ଶେଷାକ୍ଷର ସହ ସମତା ରକ୍ଷା କରିଛି । ଅଭିଜ୍ଞ ଅଭିରାମ କହନ୍ତି:

''ରା'' କୁ ରାଧା ବୋଲି କହି
''ମ''ଟି ନନ୍ଦର ତନୟି ।।

ଏଠାରେ 'ମ' ଅର୍ଥ ନନ୍ଦତନୟ ବା ନନ୍ଦନନ୍ଦନ ବୁଝାପଡ଼ିଲେ ଚରମ ମର୍ମାର୍ଥ ହେବ ସେହି ନନ୍ଦନନ୍ଦନ ଅର୍ଥାତ୍ ଅବତାର, ଯେ ହେଉଛନ୍ତି ଗତିଶୀଳ । ଯେବେ ଏହି ନନ୍ଦନନ୍ଦନ ପୂର୍ବରୁ ଆମନ୍ତ୍ରଣ ବା ଆଗମନ ମାନ୍ୟେ 'ଆ'

ସଂଯୋଗ କରାଯାଏ, ତେବେ ତହିଁରୁ ଆନନ୍ଦ ମିଳେ । ମାତ୍ର 'ଅ' କାରେ ଦଣ୍ଡ ଯୁକ୍ତାର୍ଥେ ଏହା କି ଭଳି ଅବତାର ପଦ୍ଧତିରେ ଆସନ ସିଦ୍ଧ, ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚ୍ୟ ।

ତେବେ, ବର୍ତ୍ତମାନ ଦେଖାଯାଉ ଯେବେଳେ ନନ୍ଦନ ବା ତନୟି ଆନନ୍ଦର ହେତୁ ହୁଅଇ, ସେ ବେଳେ ବିଳାକ୍ଷରଣେ ସଂସାର କ୍ରିୟା କଳାପ ହିଁ ବୁଝା ପଡ଼ଇ । ଯାହା ଜୀବତତ୍ତ୍ୱ ଅନ୍ତର୍ଭୁକ୍ତ । ତେଣୁ ଆଗମବାଦକୁ ଆଧାର କରି ''ଜୀବସ୍ୟ ଶିବସ୍ୟ ନହି ପ୍ରଭେଦଃ'' ଦୃଷ୍ଟେ ଏହା ଯୋଗ ସିଦ୍ଧି କାରୀକାକୁ ମଧ୍ୟ ବୁଝାଇବ । ଭକ୍ତିରସ ଭରିତ ଅତୁଳନୀୟ ''ଶ୍ରୀରାମଚରିତ ମାନସ'' ମହାକାବ୍ୟ ପ୍ରଣେତା ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସଜୀ ମହାରାଜ ସେଇ ଏକାକ୍ଷର ଶବ୍ଦ କୋଷାଧୀନ ଏହି 'ମ'କୁ ଅଗୁଣ କହି ବଚନାନ୍ତରଣେ, ଲକ୍ଷଣା ବ୍ୟଞ୍ଜକେ ''ଭଗତ ପ୍ରେମ ବଶ ସଗୁନ ସୋ ହୋଇ'' ତଥ୍ୟ ଭିତ୍ତି ହିଁ ପ୍ରଦାନ କରନ୍ତି । ତଦୁପରି ଅଣାକାରବାଦୀ ଶ୍ରୀ ଅଚ୍ୟୁତଙ୍କ ମତରେ ''ଭକ୍ତଙ୍କ ପାଇଁ କଳେବର ଦଶ ମୂରତି ଧରି ।।''

ଅତଏବ୍ ସଗୁଣ ସହରରେ ପରିଭ୍ରମଣ କରୁଥିବା ସେଇ ନିର୍ଦ୍ଦିଷ୍ଟ ପୁରୁଷଟିକୁ ଭେଟିବା ତତ୍ତ୍ୱାନୁସନ୍ଧାନର ଗୋଟିଏ ପ୍ରାନ୍ତ । ସେଇଭଳି ଏହାର ଅପରପ୍ରାନ୍ତଟି ଅପରାଆଡ଼କୁ ଅର୍ଥାତ୍ ନିଗମ ନଗରକୁ, ଯେଉଁଠି ଅଗତିର ଗତି ପତିତପାବନ, ଜଗତର ନାଥ ଜଗନ୍ନାଥ ବିଦ୍ୟମାନ ବୋଲି ବିଶ୍ୱାସ, ଭକ୍ତି, ଶ୍ରଦ୍ଧା ତଥା ପ୍ରେମରେ ବୁଝାପଡ଼ଇ । ଜଗନ୍ନାଥ ହେଉଛନ୍ତି ଅଜାତ ବା ସ୍ୱୟଂ ପ୍ରକଟ । ଅତଳ ରତ୍ନଜଗତୀ ପରେ ଚଞ୍ଚଳା ବା କାହିଁ ? ପୁନଶ୍ଚ ଜଗନ୍ନାଥର ଜାତି ନାହିଁ କି ଶ୍ରୀ କ୍ଷେତ୍ରରେ ଜାତି ନାହିଁ । ଆଉ ମଧ୍ୟ ଜାତି ଓ ଯାତି ଉଭୟକୁ ନେଇ ବର୍ଣ୍ଣ ବିଲକ୍ଷଣେ ସେ ଦ୍ୱନ୍ଦ୍ୱ ପୁରୁଷ, କ୍ଳୀବ, କାଳିଆଭୁତ । ଦୁରିତ ନାଶନ ପର୍ଯ୍ୟାୟକୁ ଧରି ବିସ୍ମୟତାରେ ତାହାଙ୍କ ଗତି ବିଦୂରିତ । ''ସେ କେଉଁଠି ?'' କହି ଯେଉଁଠିକି ଠାରିଦିଅ, ସେ ସେହିଠାରେ ହିଁ ଠାକିଛନ୍ତି । ''ବିଗତ ଦୂରତା''ରେ ଏହି ପରିତ, ପୁଣି କଠୋରତା ସୂତ୍ରେ ''ବିଶେଷ ଦୂରତା'' ଆଳରେ ମାୟାମୋହଗ୍ରସ୍ତ ଅଳୀକତା ଠାରୁ ଅନେକ ଯୋଜନ ଅତିକ୍ରମ କରି ମହାନ ଅଙ୍ଗରାଜ୍ୟରେ ବିହରିତେ ବୁଝା ନପଡ଼ି ଅବୋଧ୍ୟ ହୋଇ ଉଠୁଛନ୍ତି 'ଦୀପତଳ ଅନ୍ଧାର' ରୀତିରେ । ଶରୀର ଅସ୍ତବୋଧତା ଅବଶ୍ୟମ୍ଭାବୀ ନ୍ୟାୟରେ ସେ ତହିଁର ସତର୍କ ସୂଚନା ଘେନି ଅସଜାଡେ ପ୍ରଯନେ ଜାଣିଜାଣି ବାଣୀ ବିତରକ ରୂପେ 'ଶରୀର ମାଦ୍ୟଂ ଖଳୁଧର୍ମ ସାଧନମ୍' ଭକ୍ତି ପଥରେ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା ସ୍ମୃତି ରତନେ, ସିଂହାସନାରୂଢ଼, ସର୍ବଜନା କର୍ଷଣେ ସୁକାନ୍ତି ସୁତ, ସେ ଅଞ୍ଚଳେ ତନୁଜ ଲବଣାକ୍ତ ମାୟା ସାଗରୀୟ ଜଳାଧାସ ମଧ୍ୟରେ ଜର୍ଜରିତ ଜୀବ ମାନସରେ ମଧୁର ଜରିଆ ଜଳ ବିଧଉତ ପ୍ରଜ୍ଞାପାଳକ । ଯୁଗ ସନ୍ଧିର ଅନ୍ତିମ ପର୍ଯ୍ୟାୟରେ ଏହି ଘଟ ଘଟନକୁ ବିଭିନ୍ନ ଦୃଷ୍ଟିରେ ହେତୁ ରଖିବାକୁ ହେବ । ଭକ୍ତକବି ମଧୁସୂଦନ ରାଓ ସେଥିପାଇଁ ସଜାଗତା ସୃଷ୍ଟି ଉଦ୍ଦେଶ୍ୟରେ କହିଲେ,

''ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ ।
କେଜାଣି କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ ।''

ଆତ୍ମାର ମୃତ୍ୟୁ ନାହିଁ । ମାତ୍ର ଶରୀର ଅନିଶ୍ଚିତତା ନେଇ ଶରୀର ସ୍ଥିତି ଉପରେ ପର୍ଯ୍ୟବସିତ ଅଧ୍ୟାତ୍ମ-ବୋଧତାରେ ଏଇଠି ଗୁରୁତ୍ୱ ଆରୋପ କରାଯାଉଅଛି । ସମୟର ସଦୁପଯୋଗରେ ଶରୀର ଅବଲମ୍ବନକୁ ଶ୍ରେୟ ମଣିବା ହିଁ ଚରମ ନୀତି । ତାହାହିଁ ଶ୍ରେଷ୍ଠ । କବିବର ରାଧାନାଥଙ୍କ କାବ୍ୟର ମାନସ ରୀତି ଚିଲିକାରେ ଚରମତାକୁ ପ୍ରତିପାଦ୍ୟ କରି ଅସ୍ତକାଳୀନ ରବି ଦର୍ଶନ ଉଦ୍‌ବଳନେ ଏହିପରି-

''-ପାରିଲେଣି ଏବେ ଦେବ ବିକର୍ତ୍ତନ ।
ଭାଲେରୀ ଶିଖରେ ସ୍ୱର୍ଣ୍ଣ ସିଂହାସନ ।।''

ଯେଉଁଠି ଆଗାମୀ ସୂର୍ଯ୍ୟୋଦୟ ଭାବନେ ଆତ୍ମିକ ପ୍ରକାଶ ଉହ୍ୟରଖି ଭାଲେରୀ ପାହାଡ଼ ଶିଖରେ ସ୍ୱର୍ଣ୍ଣ ସିଂହାସନ-ପରା ହେବା ପ୍ରକାଶିତ, ସେହିଠି ଅବତାର ବାଦର ଆଶା ସମୁଜ୍ଜଳ । [illegible] ସିଂହାସନ

ବିସ୍ତାରାଦି ହୋଇଯିବାପରେ ପୁଣି ପ୍ରଶ୍ନ ଉଠେ-ଯଦି ସ୍ୱର୍ଣ୍ଣକ୍ଷେତ୍ରରୁ କ୍ଷେତ୍ରଜ୍ଞ ଅପସରି ଯା'ନ୍ତି ତେବେ ପରବର୍ତ୍ତୀ ପରିଣତି ଗଙ୍ଗାରାମର ଗତି । ତେଣୁ ବିଶେଷେ ସେ ଅଛନ୍ତି ବୋଲି ଏ ଜୀବ ରହିଛି । ନିର୍ଗୁଣ କରଣେ ତାହାହିଁ ଗ୍ରହଣୀୟ । ମାତ୍ର ସଗୁଣ କରଣେ ତହିଁରେ ଯେତିକି ସ୍ୱଚ୍ଛତା ସେତିକି ସତର୍କଶୀଳ ହେବାକୁ ହେବ । ''କେଶବେ ତନୁ ବିନଷ୍ଟ'' ସିଦ୍ଧାନ୍ତ ଯୋଗ୍ୟ । ତାହାଙ୍କ ତନୁ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗାରେ ସାମୟିକ ନ ଥିଲେ ତଦ୍‌କା[illegible] ଏ ସୀମିତ ଜୀବ୍ର ଗତି କିଭଳି ବା କେଉଁଠି ତାହା ଘୋର ପ୍ରଶ୍ନବାଚୀ ? କିନ୍ତୁ ନିଶ୍ଚିତ ମନେ କରିବାକୁ ହେବ-ତଦ୍‌କାଳୀୟ ସକଳ ଦୁର୍ଗତି ତାହାଙ୍କୁ ହିଁ ଲାଗିବ । ସେ ନିୟାମକ ହୁଅନ୍ତୁ ବା ନ ହୁଅନ୍ତୁ ନିର୍ଣ୍ଣୟକ ହିଁ ହେବେ । ହଂସ ଲେଉଟି ପଡ଼ିଲେ ଏ କ୍ଷୁଦ୍ର ଜୀବ ଆଉ କାହାକୁ ବା କହିବ ? ଅଗୁଣେ ତାହାଙ୍କ ଉଦ୍ଦେଶ୍ୟରେ ସବୁକିଛି ଇତିହାସ ସିଦ୍ଧ ।

'ଶରୀରଂ ରଥମେ ବତ୍ତୁ' । ବାମନ ଯେତେ ଉଦାସ ହେଲେ ବି ରଥାସୀନ । ମହାନ ଅଙ୍ଗ ବୋଲି ''ମାହାଙ୍ଗା'' ଶବ୍ଦକୁ ଜ୍ଞାନ କରିବା ଇତିହାସ ତର୍କ ସିଦ୍ଧ । ପ୍ରାଚୀନତାକୁ ଆଧାର କରି ଆଧୁନିକ ବିହାର ରାଜ୍ୟ ଅଙ୍ଗ ଦେଶ ବିଦିତେ ସଂସ୍କୃତି ବନ୍ତ । ବୁଦ୍ଧସ୍ମୃତି ସୌଧ ସେ କାଳୁ ଏହି ସ୍ଥଳେ ନାନା ଭାବରେ ସୁଶୋଭିତ । ମାହାଙ୍ଗା ସନ୍ନିକଟସ୍ଥ ଲଳିତ ଗିରି, ରତ୍ନଗିରି, ତଦୀୟେ ଦର୍ଶନ ବ୍ୟଞ୍ଜିତ । ଏଣୁ ବଉଧ ଅବତାରୀ ଜଗନ୍ନାଥେ ବିଶେଷେ ଯେଉଁଠି ବିହାର କରୁଥିବେ ତାହା ମାହାଙ୍ଗା ବୋଲି କୁହାଯାଇପାରେ । ଶ୍ରୀ ଗୀତାର୍ଥ ମତେ ''ହୃଦେ ତିଷ୍ଠତି ଅର୍ଜୁନାପ୍ତ'' ବଚନ ମାନ୍ୟେ ''ମାହାଙ୍ଗା''କୁ ହୃଦ୍ ଦେଶ ବୋଲି ମାନି ନେବାକୁ ହେବ । ''ଆପାଦ ପାଣିଃ ଯବନୋଂଗ୍ରହୀତା'' ନାସ୍ତି ଅର୍ଥେ ସେ ହସ୍ତପଦ ବିହୀନ, ପୁଣି ଅସ୍ତି ଅର୍ଥେ ପାଦପାଣି ଯୁକ୍ତ । 'ଅ' ଅର୍ଥାତ୍ ଅଣାକାର ସୂତ୍ରେ ସର୍ବତ୍ର ବିରାଜିତ । 'ଆ'କାର ଯେଭଳି ଯେଉଁଠି ହେଉ ତହିଁରେ ସେ ଅଣସୂତ୍ରେ ଭରିଅଛନ୍ତି । ପ୍ରତୀକାତ୍ମକ ରୀତିଗତିକି ଶ୍ରଦ୍ଧା ବହନ କାଳେ ସେ ସ୍ଥୂଳବଦ୍ ଏଭଳି ପ୍ରକଟ ମଧ୍ୟ । ଉପାସନା ମତେ ତାଇବି ଉପଲବ୍ଧି । ଅଜାତ ଅମର ପୁରୁଷ ଉପାସନା ରତିକି ନେଇ ନବକଳେବର ରୀତିରେ ପ୍ରେମାବଦ୍ଧ । ମାତ୍ର ନିଃସନ୍ଦେହେ ସେ ନିର୍ଗୁଣ ନିରଞ୍ଜନ, ଷୋଳକଳା ଜ୍ୟୋତିଃପୁରୁଷ । ଶ୍ରୀହରି ଅନାମୟ । ତେବେ ବି ନାରଣପୁରେ ସେ ବିଭିନ୍ନ ନାମରେ ବିଚରଣବନ୍ତ । ସମାଧି ପାଟଣାରେ ସେ ପୁଣି କାୟା ବିରହିତ । ଗୋବିନ୍ଦର ପୁର ନାହିଁ, ପୁଣି ବି ଗୋବିନ୍ଦପୁର ବହୁଳତାରେ ଦୃଷ୍ଟି ଗୋଚର । ସେ ଯେଉଁ ଶ୍ରୁତି ସିଦ୍ଧ ଅପାଦପାଣି ବିଶେଷଣେ ବିଶେଷିତ ତହିଁର ସମୀକ୍ଷାଲବ୍ଧ ଫଳାହାର ଗତିକି ପାଣି ଜଳ ଅର୍ଥେ ବିଶୋଷଣେ ପ୍ରାଣକାରକ । ଆଉ ମଧ୍ୟ ପାଣି ବୋଲନ୍ତେ ହସ୍ତଅର୍ଥେ ଏହା କର୍ମକାରକ । ଜଳର ପ୍ରତି ଅର୍ଥ ସଂସାର ବା ମାୟା ଯାହା ''ସଂସାର ସିନ୍ଧୁ ରୂପେଣ'' ଭଙ୍ଗିରେ ଧରା ତର୍କ ସିଦ୍ଧ । ବ୍ରହ୍ମ ମାୟା ରହିତ, ଅତଏବ୍ କର ବା ହସ୍ତ ପଦ ଶୂନ୍ୟ, ଆଉ ବିକିରଣ ଅର୍ଥେ ଅଖଣ୍ଡ ଶୂନ୍ୟ ରହସ୍ୟ ଭରା ଗୁପ୍ତଜ୍ୟୋତି ପୁଣି ବେଦପୁରୁଷ ପଦଯୁକ୍ତତାରେ ଅପରାର୍ଥେ ସେ ସ୍ୱୟଂ ଦର୍ଶିତ, ଚର୍ଚ୍ଚିତ ମଧ୍ୟ ।

ତେଣୁ ଜୀବ ତତ୍ତ୍ୱ ଅନ୍ତର୍ଭୁକ୍ତ କର୍ମବାଦକୁ ଧରି ସଂସାରଚଳଣୀରେ ପାଣି, ହସ୍ତ ବା କରର ଭୂମିକା ଅପରିହାର୍ଯ୍ୟ ଅର୍ଥାତ୍ ନିହାତି ଜରୁରୀ । ମାତ୍ର ବ୍ରହ୍ମ କର୍ମ ସଂପାଦନ ତଦୁର୍ଦ୍ଧ୍ୱ । ଏହା ମୂଳମନ୍ତ୍ର ହେଉଛି ପ୍ରୀତି ଓ ବିଶ୍ୱାସ । ଯେଉଁଥିପାଇଁ କୁହାଯାଇଛି ''ଅକର୍ମେ ବାସୁଦେବ ପ୍ରୀତି, କର୍ମ କରିଲେ କ୍ଷୟ ଯାନ୍ତି ।'' 'ନ' କାରାର୍ଥେ ସକଳ କର୍ମ ଯେଉଁଠି ନିଷ୍ଠା ସାଧନା ଭରା ଶିବୋଦ୍ୟମା, ସମ୍ବେଦନଶୀଳ, ପ୍ରୀତି ସଂପନ୍ନ, ହରାର୍ହା ତଥା ସମର୍ପଣ ଚିତ୍ତେ ହରିଅର୍ଥା ବିନୟାବନତା ତାହାହିଁ ଅକର୍ମ । ନିଷ୍କାମ ବା ସମର୍ପଣ ରହିତ ସକଳ କର୍ମ କ୍ଷୟକାରକ । ତେଣୁ ନାସ୍ତି ଭାବ ବୋଧରେ ''ତସ୍ମୈ ନ କାରାୟ ନମଃ ଶିବାୟ'' ର 'ଅ' ଭାବ ବିଶ୍ୱାସଯୋଗ୍ୟ ରୀତିରେ ଅସ୍ତି ବାଚକେ ସବୁଠି ବ୍ରହ୍ମ 'ଅ' ଗୁଣ ଭାବାନୁସନ୍ଧାନେ ''ଅ' କାର ବ୍ରହ୍ମରୂପ ସ୍ୟାଦ୍ ନିର୍ଗୁଣମ୍ ସର୍ବବସ୍ତୁଷୁ''କୁ ଧରି ସ୍ମୃତିରେ ବହନ କରିଥାଏ । ତାହାହିଁ ସନାତନ ପ୍ରଗତିପଥେ ଶ୍ରୁତିବଚନ ସିଦ୍ଧ ।

କଳି ଯୁଗର ଅନ୍ୟନାମ 'ବିକୃତ ଯୁଗ' । କୃତ ଶବ୍ଦ 'କୃ' ଧାତୁ ସଂପନ୍ନ, କ୍ରିୟା କରଣାର୍ଥେ । କଥାରେ ଅଛି 'ଯେ' ଯାହା କରିବ, ସେ ତାହା ପାଇବ ।'' ଏହି ଯୁଗରୀତିକି ବିଶ୍ଳେଷଣ ପୂର୍ବକ 'କଳି ମାହାତ୍ମ୍ୟ'ରେ ସନ୍ଥ କହିଛନ୍ତି:

''କୃତଯୁଗ ତ୍ରେତାଁ ଦ୍ୱାପର ପୂଜା ମଖ ଅରୁ ଯୋଗ ।
ଜୋ ଗତି ହୋଇ ସୋ କଲି ହରି ନାମ ତେ ପାଓହିଁ ଲୋଗ ।।
କଳିଯୁଗ ସମଯୁଗ ଆନ ନହିଁ ଯୌଁ ନର କର ବିଶ୍ୱାସ ।
ଗାଁଇ ରାମ ଗୁନ ଗନ ବିମଲ ଭବ ତର ବିନ ହିଁ ପ୍ରୟାସ ।।''

ତେଣୁ ଅଣାକାର ଉଦେଶ୍ୟରେ ଭକ୍ତି ଓ ବିଶ୍ୱାସଯୁକ୍ତ ସକଳ କର୍ମ ହିଁ ସିଦ୍ଧାନ୍ତ ସାର । ଯାହାକୁ ସରଳୀକରଣ ପୂର୍ବକ ଓଡ଼ିଆ ଭାଗବତ୍‌କାର କହନ୍ତି:

''ବିଶ୍ୱାସ ବିନା କର୍ମ ଯେତେ ।
ଫଳ ନ ଫଳେ କଦାଚିତେ ।

ତେଣୁ 'ପାଣି'ର ବ୍ୟାପକ ଅର୍ଥ ରନ୍ନଜଗତୀ ଧରି କଳ୍ପନା କରାଯିବାରେ ତ୍ରୁଟି ରହିବ ବା କେଉଁଠି ? ଜାତି ନ ଥିବା ବା କେହି ତାଙ୍କୁ ସୃଷ୍ଟି କରି ବାହାଦୂରି ନେଇ ନ ଥିବା ଜଗନ୍ନାଥ 'ଅ' ଯୋଗେ ପାଦ ପାଣିଯୁକ୍ତ । ପୁଣି ମଧ ନୁହଁନ୍ତି–ନେତି ନେତି ନ୍ୟାୟରେ । ହସ୍ତଯୁକ୍ତ ହେଲେ ସେ ପାଣି ବୋଲି ଘୋଷିତ ହେବେ । ହସ୍ତଯୁକ୍ତ ନ ହେଲେ ସେ ପୁଣି କ'ଣ ହେବେ ବା ତାଙ୍କୁ ସେହି ଢଙ୍ଗରେ ଆଉ ପୁଣି କ'ଣ କୁହାଯାଇ ପାରିବ ? ଇତ୍ୟବସରେ 'ପାଣ' ଚେତନା ଜୀବ ପ୍ରାଣରେ ନାଚି ଉଠିବା ଘୋର ବିସ୍ମୟ, ପୁଣି ଏହା କଳିରେ ଚରମ ପର୍ଯ୍ୟାୟ ବୋଲି ବିବେଚିତ ହେବା ସ୍ୱାଭାବିକ୍ । କଥିତ ଭାଷାରେ ଚଳୁଥିବା ଅକ୍ଷର ବା ଲିପି ଯୁକ୍ତେ 'ପାଣ' ଶବ୍ଦ ଦୁଇ ଲିପି ବିଶିଷ୍ଟ ଏବଂ ତହିଁର କ୍ଷରଣ 'ଅ'–ଭାବକୁ ଧରି । ଏହି ପାଣି ଶବ୍ଦର ଡାହାଣିତେ ବା ଡାହାଣ ଲିପିରୁ ଦକ୍ଷିଣାଚାରେ 'ଇ' କାର ବିଲୋପ କରି ଡାହାଣିଆଁ ଷାଠିଏ ପଉଟିଖିଆ ଠାକୁରଙ୍କୁ ଉପାସନା ଢ଼ଙ୍ଗରେ, ରଙ୍ଗରେ, ଅଙ୍ଗରେ ଚାହିଁଲେ ତହିଁରେ ଶାବ୍ଦିକ ପରିଣତି ପୁଣି 'ପାଣ'ରେ ପରିଣତ ହେବ । ତାହାପୁଣି 'ଜାତି'ରେ, ପାଣିଯୁକ୍ତ ରୀତିରେ, ସ୍ୱର୍ଣ୍ଣକ୍ଷେତ୍ର ଛିତିରେ ।

''ହେମବୃତା ବ୍ୟାଞ୍ଜିତେ ମଉଳି କରଞ୍ଜିତେ
ଅଞ୍ଜନୀ ସୁତ ପତି ଗତିରେ ।
ମଳା, ନିଷ୍ଚଳା କା ତା ମିଳି ମଳି କେ'ଡା
ପାଣେ ପାଣି ପୁଣି ପରିଣତିରେ ।।''

ମାଦଳାର ରତ୍ନାସନରେ ଲକ୍ଷ୍ମୀ ଠାକୁରାଣୀ ନଥିବା ଶାସ୍ତ୍ରୀୟ ପ୍ରବାଦ । ତେଣୁ ଲକ୍ଷ୍ମୀଲବ୍‌ଧ ଉପାସନା ବା ପୂଜାର୍ଚ୍ଚନା ସହିତ ରନ୍ନଜଗତିବନ୍ତ ଜଗନ୍ନାଥଙ୍କ ପ୍ରତି ଅର୍ଥ 'ପାଣ' ହୁଅଇ । ଯେଉଁଥି ପାଇଁ 'ଅରୁନ୍ଧତୀ'ର 'ଅ' ପଥ ରୁନ୍ଧା ହୋଇଅଛି । ବଶିଷ୍ଠଙ୍କ ପାଣି ଗ୍ରହଣ ପରେ ଅରୁନ୍ଧତୀ ଆଉ ଜାତି ପାଣପୁରୀକୁ ଯାତ୍ରା କରି ନାହାନ୍ତି । ସଗୁଣେ ରୂପାନ୍ତର ବାଦକୁ ନେଇ ଯଦି ପାଣର ଅବଚାରଣା ଘଟେ ତହିଁରେ ଚତୁରତା ଭେଦ ଆହୁରି ଚିତ୍ତାକର୍ଷକ ।

''ଭକ୍ତି ଭକ୍ତ ଭଗବନ୍ତ ଗୁରୁ
ଚତୁର ନାମ ବପୁ ଏକ ।''

ଏଣୁ ଭୁଷଣ୍ଡ ପୁରୁଷ ଘୋର କଳି ଭୟରେ ଅବଧ ନ୍ୟାୟରେ ଶୁଦ୍ରତନୁ ବହନ କରିବା ଅସ୍ୱାଭାବିକ ନୁହେଁ ।

''ତେହି କଳିଯୁଗ କୋସଲପୁର ଯାଇ
ଜନ୍ମ ତ ଭୟଉଁ ଶୂଦ୍ର ତନୁ ପାଇ ।''

ତେବେ ସଗୁଣ ହେଉଛନ୍ତି ବର୍ଣ୍ଣ ବୈଷମ୍ୟବାଦ ଓ ତହିଁ ଉଦ୍‌ଗତ ସଂସାରମାୟା ସଂତ୍ରସ୍ତ ଭେଦାଭେଦକୁ ଉପେକ୍ଷା କରି କାଳ ବିଶେଷେ ନିର୍ଗୁଣ ରତି ପଥରେ ପ୍ରେମ ତଥା ସାଧନର ନିଛକ ଖସଡ଼ା ଯାହା ଅଚିନ୍ତ୍ୟ ଭେଦାଭେଦ ମତି କି ଅବର୍ଣ୍ଣନୀୟ । ପରା ଓ ଅପରା ଏହି ଦୁଇ ପ୍ରାନ୍ତକୁ ସଂଯୋଗ କରି ସିଧା ସମାନତାରେ ଗୋଟିଏ ସରଳରେଖା ଯାହା, ଜଗତ ଶୋଧନାର୍ଥେ ଘଟିତ ତାହା ପୁଣି କଳନା ଦୃଷ୍ଟିକି କଷ୍ଟସାଧ । ବିପ୍ର, ଧେନୁ, ସୁର ସନ୍ଥମାନଙ୍କର ଆର୍ତ୍ତିରେ ଅଣାକାର କଉଣପକୁଳ ବିନାଶ ପାଇଁ ତତ୍ପିତ ହୁଅନ୍ତି, ଯୁଗେ ଯୁଗେ ଯଥା ତଥା ସରଳ ଭାବାପନ୍ନ ରତିକି ଏହି ସରଳରେଖାରେ ଧାବିତ ହୁଅନ୍ତି ଏବଂ ତତ୍‌ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରୀତି ପ୍ରମୁଦିତ ରୀତି ଦୃଷ୍ଟେ ସ୍ୱମତି ଅନୁକୂଳେ ବାମନ, ରମଣ ପରଶି·ରାମ, ତିଭେ ତଡ଼ିତ୍ ଆକର୍ଷଣବଦ୍ଧ କୃଷ୍ଣ, ଚିନ୍ତାଚେତନା ମୁଗ୍ଧ ପ୍ରେମ ପରିଣାମତଃ ଚଇତନାଦି ସର୍ବନାମ ବିଭୁଷିତେ ସର୍ବକାଳେ ବହନ ପୂର୍ବକ ପ୍ରତୀକ୍ଷାରତ ହୋଇ ଉଠନ୍ତି ଜୀବନ୍ମୁକ୍ତି ଉଦ୍ଦେଶ୍ୟ ନେଇ । ଗୋସ୍ୱାମୀଜୀଙ୍କର ଭାଷାରେ:

''ବିପ୍ରଧେନୁ ସୁର ସନ୍ଥହିତ
କୀହ୍ନ ମନୁଜ ଅବତାର ।
ନିଜଇଚ୍ଛା ନିର୍ମିତ ତନୁ
ମାୟା ଗୁନ ଗୋ ପାର ।।''

ମୂଳତଃ ଚରମ ହେଉଛନ୍ତି ଉପରୋକ୍ତ ସରଳରେଖା ଆଲମ୍ବନରେ ତହିଁର ଅବଧାରଣା ପୂର୍ବକ ମାଧ୍ୟାକର୍ଷଣାବୃତ୍ତ ଫଳ ଭାବରେ, ଭକ୍ତିରେ, ସମର୍ପଣ ଚିତ୍ତରେ ସର୍ବୋପରି ଯତ୍‌କିଞ୍ଚିତ୍ ଆଲୋଡ଼ନାର୍ଥେ ତତ୍‌ପ୍ରବୃଷ୍ଟ ଆଡ଼କୁ ''ତଚ୍ଛେଦେନ ପ୍ରତ୍ୟଗଭୂତ୍ ସ୍ୱତ ସିଦ୍ଧଃ ପରଂବ୍ରହ୍ମୋଚ୍ୟତେ ।'' ତତ୍ ଶବ୍ଦର ବିନ୍ୟାସ ସେହି ଅବିନାଶୀ ଚରମ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅଭିହିତ । 'ଚରମତାକୁ ନେଇ ତତ୍ତ୍ୱରେ ସୁଖ ଆଉ ତନୁରେ ଦୁଃଖ'–ଜୀବ, ପରମ ଉଭୟଙ୍କ ପାଇଁ ଉଦ୍ଦିଷ୍ଟ । ବ୍ରହ୍ମକଳ୍ପରେ ବ୍ୟାପକ ବିଶ୍ୱରୂପର ପରିପ୍ରକାଶ କ୍ଷୁଦ୍ରଗଣ୍ଡିର ଅବଧି ମଧ୍ୟରେ ସୀମାବଦ୍ଧତାକୁ ବାହି ଯେଉଁଭଳି ଛଟପଟ ହୁଏ, ଜୀବ ସସୀମତା ମଧ୍ୟରେ ସେହିପରି ମାୟା, ମୋହ, ଜରା, ବ୍ୟାଧି ଆଦ୍ଧନ୍ତେ ଥାଇ ତ୍ରାହି ଖୋଜିବାକୁ ପ୍ରଜ୍ଞାବନ୍ତ ଏତେ ସହଜରେ ହୋଇପାରେ ନାହିଁ । ଯେତେବେଳେ ଜ୍ଞାନ ଭକ୍ତିରେ ଜୀବ ଓ ଶ୍ରଦ୍ଧା, ପ୍ରେମ ଅବକାଶରେ ପରମ ମୁହାଁମୁହିଁ ହେବାକୁ ପରସ୍ପର ଆଡ଼କୁ ଧାବିତ ହୁଅନ୍ତି, ସେଇ ମଧ୍ୟରତିର ସମନ୍ୱୟ ସ୍ଥଳର ଦୃଶ୍ୟରାଜି ବାସ୍ତବିକ୍ ମନୋରମ । ଆଚାର୍ଯ୍ୟ ଭଗବଦ୍ ପାଦ ଅଦ୍ୱୈତବାଦ ପ୍ରବକ୍ତା ଶଙ୍କର ମତାନୁସରିତେ ଜୀବ ସେତିକି ବେଳେ ବ୍ରହ୍ମପ୍ରାପ୍ତି ହୋଇ 'ଅହଂ ବ୍ରହ୍ମୋଽସ୍ମି' ବୋଲି ଗାଇ ଉଠେ ଏଇ ଅଭେଦ ସ୍ଥଳରେ ଯେତେବେଳେ ଆଉ ଭେଦାଭେଦ ରହେ ନାହିଁ, ଯେଉଁଠି 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି ।' ନିଗମ ନଗରୀୟ ପ୍ରାନ୍ତ ବିନ୍ଦୁରେ ଅନୁଧାବନ ପୂର୍ବକ ତଦ୍‌ମାର୍ଗରେ ଜନନୀ, ଜଠର, ଜରାୟୁ ଭେଦ କରିବା ଆଦୌ ସାଧାରଣ ମାନବ ପକ୍ଷରେ ସମ୍ଭବ ନୁହେଁ । ତେଣୁ ଏଠାରେ ଅସାଧାରଣତା ଅନୁଭବ୍ୟ, ଯେଉଁଠି ଅପର ପାର୍ଶ୍ୱରେ ତଦୀୟ ଲୀଳା ନାୟକ ସଗୁଣ ସୂତ୍ରଧର ଦଣ୍ଡାୟମାନ, ତାହାପୁଣି ଏଇ ମାଟିରେ, ମାଟିଘଟେ ମାୟାକାଟିରେ, ଜଗଦ୍ ଘାଟୀରେ, ବନବାସୀ କରତାଟୀରେ କଳାକୁଟୀରେ, କାନନ ଗହନେ ପଞ୍ଚବଟୀରେ ।

''କଣ୍ଟକେ ନୈବ କଣ୍ଟକମ୍'' ରୀତିରେ ସଗୁଣ ସୂତ୍ରଧରଙ୍କ ଘଟ ସାଧାରଣବଦ୍ଧ ହୋଇ ବି ଅସାଧାରଣ ହେତୁ ବହନ କରିଥାଏ । ଏହା ଯଦିଓ ମାୟା ଆଭୂଷିତ, ତଥାପି ମାୟାଭେଦର ପାରଙ୍ଗମତା ତହିଁରେ ନିହିତ ଥାଏ । ବହୁଳ ସସୀମତା ମଧ୍ୟରେ ଏକକ ବିସ୍ମୟତା ଘେନି କାୟାର ଘୋଡ଼ଣି ତଳେ ଦୂର ସଂଚାର ନିଗମ ସଂଯୋଗ ସିଦ୍ଧି ଭରପୂର ଥାଏ । 'ଆ'କାରେ 'ଆ'ରୋପ ବା ତହିଁର ଆରୋପଣ ନେଇ ତାହାଙ୍କ ମତ ହିଁ 'ଚରମ, ସର୍ବୋତ୍ତମ' । ତେଣୁ ଯୁଗାନୁକ୍ରମେ ସେ ହିଁ ''ପୁରୁଷୋତ୍ତମ'' । (କ୍ରମଶଃ)

***




## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

ଏ ସଂସାର ବନାନୀରେ ହୋଇ ଅଭାଗିନୀ
ନାରୀଟିଏ ନୁହେଁ ସେତ ସେ ମୋର ଜନନୀ ।
ସେ ଦେଇଛି ମୋ ଜୀବନେ ପ୍ରଥମ ସ୍ପନ୍ଦନ
ତା'ଠାରୁ ପାଇଛି ମୁଁ ଯେ ପହିଲି ଚୁମ୍ବନ ।

ଯେ ଦି'ପଦ ମିଠାକଥା, ସୁନ୍ଦର ବ୍ୟବହାର, ନିଃସ୍ୱାର୍ଥସେବା ପରିଚର୍ଯ୍ୟା, ନିରଳସ କର୍ତ୍ତବ୍ୟନିଷ୍ଠା ଦ୍ୱାରା ଜଗତର ସମୂହ କଲ୍ୟାଣ ସହିତ ପରିବାରର ମଙ୍ଗଳ ସାଧନ କରେ, ସେ ନାରୀ ! ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଆହୁତି ଦେଇ ତ୍ୟାଗବ୍ରତର ମୂର୍ତ୍ତ ପ୍ରତୀକ ସଦୃଶ ଯେ ସ୍ୱାମୀର ଅର୍ଦ୍ଧାଙ୍ଗ ସ୍ୱରୂପ ଅର୍ଦ୍ଧାଙ୍ଗୀ, ସନ୍ତାନର ରକ୍ଷାକର୍ତ୍ତ୍ରୀ, ପରିବାରର ସାନ୍ତ୍ୱନା, ଅତିଥି ଅଭ୍ୟାଗତଙ୍କର ସନ୍ତୋଷ ସ୍ୱରୂପିଣୀ, ସେ ନାରୀ । ନାରୀ: ଏକାଧାରରେ ଜନନୀ, ଭଗିନୀ, ଜାୟା ପୁଣି କନ୍ୟା । ସେ ହିଁ ସୁଦେବୀ-ଜ୍ୟୋତିଃରୂପା ମା' ଦୁର୍ଗା । ସକଳ ଦୁର୍ଗତିରୁ ପୁରୁଷ ସମାଜକୁ ସେ ରକ୍ଷା କରେ । ଜନନୀ ରୂପରେ ସେ ବାତ୍ସଲ୍ୟପ୍ରେମର ପତିତପାବନୀ ଗଙ୍ଗା । ଭଗିନୀରୂପରେ ସେ ଭ୍ରାତୃପ୍ରେମର ସୁଶୀତଳ ଯମୁନା । ଜାୟା ଭୂମିକାରେ ସେ ଆକର୍ଷଣର ଉଦ୍‌ଭ୍ରାନ୍ତ କୁଆର, ମିଳନର ମଧୁର ମହ୍ଲାର । କନ୍ୟା ଭୂମିକାରେ ସେ ଜ୍ଞାନମିଶ୍ରା ଭକ୍ତିର ସରସ୍ୱତୀ । ଚାରିରୂପରେ ସେ ନାରାୟଣୀ । ''ଚରମ'' ପୃଷ୍ଠାରେ ତେଣୁ ସେହି ଶାଶ୍ୱତ ଶକ୍ତିର ନବଜାଗରଣ ନିମନ୍ତେ ନିୟମିତ ଏହି ସ୍ତମ୍ଭରେ ମାତୃତ୍ୱର ଉପାସନାରେ ଆମେ ବ୍ରତୀ । ନାରୀ ସମାଜ ତଥା ମାତୃଜାତିର ପୂଜାଫୁଲ ସ୍ୱରୂପ ଏ ସଂଖ୍ୟାର ନିବେଦନ-

**'ଚରମ' : ପଞ୍ଚମ ପୁଷ୍ପ : ପ୍ରଥମ ପାଖୁଡ଼ା : ବିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :**

### ନାରୀଧର୍ମ

କିନ୍ତୁ କାଳର ପ୍ରଭାବରେ ନାରୀ ଆଜି ଧର୍ମଧାରା ଅଭ୍ୟାସରୁ ବିଚ୍ୟୁତ ହୋଇ ନିଜର କ୍ଷତି କରିବା ସଂଗେ ସଂଗେ ପରିବାର, ସମାଜ ଓ ସୃଷ୍ଟିର କ୍ଷତି କରିଚାଲିଛି । ସେଥିପାଇଁ ତା'ର ଅନୁତାପ ନାହିଁ, ଅନୁଶୋଚନା ନାହିଁ । ଅପର ପକ୍ଷରେ ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ଏକରକମ ବାଧ କରିଛି ତାକୁ ବିପଥଗାମୀ ହେବାପାଇଁ ।

ସୃଷ୍ଟିର ଆରମ୍ଭରୁ ଏ ଯାବତ୍ ନାରୀ ପୂଜନୀୟା, ବନ୍ଦନୀୟା ହୋଇଛି କେବଳ ତା'ର ସୃଜନଶୀଳତା, ସହନଶୀଳତା, ନମନୀୟତା, କୋମଳତା ଓ ମମତା ପାଇଁ । ସେ ମାତୃତ୍ୱର ଆସନରେ ପୂଜିତା ସନ୍ତାନର ପରିଚୟରେ । ମାତ୍ର ଆଜି ଯେତେବେଳେ ତା'ର ନିଷ୍ଠୁରତାରେ ସନ୍ତାନ ମର୍ମାହତ ହୋଇ, ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହୋଇଛି, ହେବାକୁ ଯାଉଛି, ସେତେବେଳେ ମାତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ୍ । ପୂର୍ବ ସଂଖ୍ୟା 'ଚରମ'ର ଏହି ସ୍ତମ୍ଭରେ କ୍ରମାଗତ ଭାବରେ ଆଲୋଚନା କରାଯାଇଅଛି ଯେ, ଯେ ପର୍ଯ୍ୟନ୍ତ ନାରୀ ତା'ର ସ୍ଥିତି, କର୍ତ୍ତବ୍ୟ ପ୍ରତି

ସଚେତନ ନ ହୋଇଛି, ସମାଜ ତାକୁ ସମପରିମାଣରେ ମାତୃତ୍ୱର ସମ୍ମାନ ଦେଇ ବନ୍ଦନାକରି ନ ଶିଖିଛି, ସେ ପର୍ଯ୍ୟନ୍ତ ଏ ଜାତି, ଏ ବିଶ୍ୱର ପରିବର୍ତ୍ତନ ଅସମ୍ଭବ । ତେଣୁ ହେ ଜଗତ୍ ବନ୍ଦନୀୟା ମାଆମାନେ ? ଥରେ ମାତ୍ର ନିଜେ ନିଜକୁ ଦେଖିବାକୁ, ଚିହ୍ନିବାକୁ ଚେଷ୍ଟାକର । ସ୍ୱଧର୍ମ ପାଳନ କରି ଏ ସୃଷ୍ଟିକୁ ଧ୍ୱଂସ ମୁଖରୁ ରକ୍ଷା କର ।

ଅନ୍ତର୍ଦୃଷ୍ଟିରେ ଟିକେ ନିଜକୁ ଚାହିଁ ଦେଖିଲ ? ତୁମ ଅନ୍ତରର ମମତା କ'ଣ ସତରେ ଅତୁଟ ରହିଛି ? ନିଜର ଗର୍ଭଜାତ ସନ୍ତାନ, ସନ୍ତତି ପାଇଁ ତୁମେ ଯେତେ ବ୍ୟାକୁଳ, ସେମାନଙ୍କ ମଙ୍ଗଳ କାମନା କରି ତୁମେମାନେ ଯେତେ ବିବ୍ରତ, ସେମାନଙ୍କର ଉନ୍ନତି ପାଇଁ ଯେତେ ଧର୍ମ, ବ୍ରତ ପାଳନ କରୁଛ, ସମାଜର ଅନ୍ୟମାନଙ୍କ ପାଇଁ ତୁମ ହୃଦୟରେ ତା'ର ଏକ ସହସ୍ରାଂଶ ସମବେଦନା ଅଛି ତ ? ନାହିଁ । କାହିଁକି ? ତା'ର ଏକମାତ୍ର କାରଣ ତୁମେମାନେ ସ୍ୱଧର୍ମବିଚ୍ୟୁତ ହୋଇଛ । ତୁମମାନଙ୍କ ମନରେ ଏକ ଅନ୍ଧବିଶ୍ୱାସ ଜମାଟ ବାନ୍ଧି ଯାଇଛି, କେବଳ ସ୍ୱଗର୍ଭ ସମ୍ଭୂତ ସନ୍ତାନମାନଙ୍କର ତୁମେ ଜନନୀ । ଅନ୍ୟମାନଙ୍କ ପାଇଁ ସଂପର୍କୀୟା, ବନ୍ଧୁ । ତେଣୁ ସେମାନଙ୍କ ପାଇଁ ତୁମ୍ଭର କର୍ତ୍ତବ୍ୟ କିଛି ନାହିଁ । କିନ୍ତୁ ସ୍ମରଣ କର ଜନନୀ । ତୁମର ନିଜ ଗର୍ଭରୁ ସନ୍ତାନ ଜନ୍ମ ହୁଅନ୍ତୁ ବା ନ ହୁଅନ୍ତୁ, ତୁମେ ବିବାହିତା ହୋଇ ସଂସାର ବନ୍ଧନରେ ଆବଦ୍ଧ ହୁଅ ବା ନ ହୁଅ-ତୁମେ ମାଆ । ''ମାଆ'' ଶବ୍ଦର ମହନୀୟତା, ତୁମେ ତୁମ ମାଆର ଗର୍ଭକୁ ଆସିବା ସମୟରୁ ହିଁ ତୁମ ସହିତ ଆସିଛି । ବିବାହ କରି ଏକ ସଂସାର/ପରିବାର ତିଆରି କରିଦେଲେ ତୁମ ଭିତରେ ଥିବା ମହାମାୟା/ଯୋଗମାୟାଙ୍କର ସୂକ୍ଷ୍ମାଂଶ କଦାପି ସଂକୁଚିତ ହୋଇ ପାରେନା ବା ମାତୃତ୍ୱର ବିଶାଳତା ନୂଆ କରି ସୃଷ୍ଟି ହୋଇଯାଏନା । ଏହା ସର୍ବ ବ୍ୟାପକ । ଉଦାହରଣ ସ୍ୱରୂପ ଦେଖିବାକୁ ବୁଝିବାକୁ ଚେଷ୍ଟାକର, ମା' ଟେରେସା କେତେଜଣ ସନ୍ତାନଙ୍କୁ ନିଜ ଗର୍ଭରୁ ସୃଷ୍ଟି କରାଇଥିଲେ ? ଆଜନ୍ମ ବ୍ରହ୍ମଚାରିଣୀ ଏହି ତପସ୍ୱିନୀ ସଂସାର ନ କରି ମଧ୍ୟ ଘୋର ସଂସାରୀ । ସନ୍ତାନ ଜନ୍ମ ନ କରି କୋଟି କୋଟି ସନ୍ତାନଙ୍କର ଜନନୀ । ବିଶ୍ୱର ଘରେ ଘରେ ପ୍ରତ୍ୟେକଙ୍କର ହୃଦୟ ମନ୍ଦିରରେ ସେ ହୋଇ ଯାଇଥିଲେ ସଦା ବନ୍ଦିତା, ପୂଜିତା । ଆଜି ତାଙ୍କର ସ୍ଥୂଳ ଶରୀର ନଷ୍ଟ ହୋଇ ଯାଇଥିଲେ ମଧ୍ୟ ସୂକ୍ଷ୍ମରେ ସମସ୍ତଙ୍କ ଅନ୍ତରରେ ଜୀବନ୍ତ ହୋଇ ରହିଛନ୍ତି । କାରଣ ସେ ନିଜର ସ୍ଥିତି ପ୍ରତି ସଦା ସଚେତନ ରହି ନିଜକୁ ଏକ ଜନନୀ ଭୂମିକାରେ ଅବତୀର୍ଣ୍ଣ କରାଇଥିଲେ । ଏ ବିଶ୍ୱବାସୀଙ୍କୁ ତାଙ୍କର ସନ୍ତାନରୂପ ଗ୍ରହଣ କରି ସେହିମାନଙ୍କ ଚିନ୍ତାରେ, ସେବାରେ ଜୀବନର ପ୍ରତିଟି ମୁହୂର୍ତ୍ତ କଟାଇ ଦେଇଗଲେ । ସେହିପରି ମହାସତୀ ସାବିତ୍ରୀ, ମାଆ ଅନସୂୟା, ଆଦି ମାଆମାନେ ଗୋଟିଏ ଗୋଟିଏ ପରିବାରର ବୋହୂ ହୋଇଥିଲେ ମଧ୍ୟ ଜଗତ୍ ବନ୍ଦନୀୟା ହୋଇଗଲେ ।

ନାରୀ (ନ+ଅରି) ଅର୍ଥାତ୍ ନ ଶତ୍ରୁ (ଅରି) । ନାରୀର କେହି ଶତ୍ରୁ ନ ଥାନ୍ତି । କିନ୍ତୁ ସେ ନିଜେ ଯେତେବେଳେ ନିଜର ଶତ୍ରୁ ହୋଇ ଠିଆହୁଏ ସେତେବେଳେ ସମସ୍ତେ ତା'ର ଶତ୍ରୁ ହୋଇ ଯାଆନ୍ତି । ଉଦାହରଣ ସ୍ୱରୂପ ଜଣେ ମାଆର ପିଲା ତା'ର ସାଙ୍ଗସାଥୀଙ୍କ ଗହଣରେ ଖେଳୁଛି । ପିଲାର ଖାଇବା ସମୟ ହୋଇଯାଇଛି । ଅଥଚ ପିଲାଟି ଖେଳ ଛାଡ଼ି ଆସିବାକୁ ନାରାଜ ହେଉଛି । ମାଆ କିନ୍ତୁ ବ୍ୟାକୁଳ ହୋଇ ବିଭିନ୍ନ ପ୍ରକାର ଲୋଭ ଦେଖାଇ ମନ ଭୁଲାଣିଆ କଥା କହି ପିଲାକୁ କୋଳେଇ ନେଇ ଆସୁଛି ଘରେ ଏକାନ୍ତ ଭାବରେ ଖୁଆଇ ଦେବାକୁ । ସେତେବେଳେ କ'ଣ ସେହି ମାଆଟି ବିଚାରକୁ ନେଉଛି ଯେ, ତା' ପୁଅର ସାଥୀମାନେ ଖାଇଛନ୍ତି କି ନାହିଁ ? ସେମାନଙ୍କୁ କ'ଣ ନିଜପୁଅ ଜ୍ଞାନରେ କୋଳେଇ ଆଣି ପାରୁଛି ନିଜେ ଖୁଆଇ ଦେବା ପାଇଁ ? ନା, ପାରୁନାହିଁ । ଚିନ୍ତାମଧ୍ୟ କରି ପାରୁନାହିଁ । ଏହା ଫଳରେ କିପରି ନିଜେ ନିଜର ଶତ୍ରୁ ହେଉଛି ? ବ୍ରହ୍ମଙ୍କ ଅଂଶ ପ୍ରତି ଶରୀରରେ ସୂକ୍ଷ୍ମରେ ବିରାଜିତ । ଜୀବ କିଛି ନ ବୁଝି ପାରିଲେ ମଧ୍ୟ ଏହି ଅବିନାଶୀ ବ୍ରହ୍ମ ସବୁର ସାକ୍ଷୀ ହୋଇ ସମସ୍ତ କର୍ମକୁ ଲକ୍ଷ୍ୟ ରଖିଛନ୍ତି । ତାଙ୍କରି ଗୋପନ ନିର୍ଦ୍ଦେଶନାରେ ଶରୀରର ପ୍ରତ୍ୟେକ ଯନ୍ତ୍ର କାର୍ଯ୍ୟରତ । ଯେତେବେଳେ ମାଆଟି କେବଳ ତା'ରି

ପିଲାକୁ କୋଳେଇ ଆଣିଲା, ସେତେବେଳେ ଅଜ୍ଞାତସାରରେ ସେଠାରେ ଉପସ୍ଥିତ ସମସ୍ତ ବାଲ୍ୟବ୍ରହ୍ମଙ୍କର ଶତ୍ରୁ ହୋଇଗଲା । ସେମାନଙ୍କର ଶରୀରସ୍ଥ କୋଷମାନେ ଏହି ବିଭେଦତାକୁ ଖୁବ୍ ସତର୍କତାର ସହ ଗଚ୍ଛିତ କରି ରଖିଲେ । ଫଳରେ ''ମାଆ'' ଆସନର ସ୍ଥିତି ସେମାନଙ୍କ ହୃଦୟରୁ ଦୋହଲି ଗଲା । ଏ ପାର୍ଶ୍ୱରେ ''ମାଆ'' ଶରୀରର କୋଷମାନେ ଏହି ସ୍ୱାର୍ଥପରତା ଅଭ୍ୟାସରେ ଅଭ୍ୟସ୍ତ ହୋଇ ସେହି ଭାବଟିକୁ ସଞ୍ଚିତ କରିଦେଲେ । ଭବିଷ୍ୟତରେ ଏ 'ମାଆ'ଟିକୁ ଦେଖିଲେ ସେହି ପିଲାମାନଙ୍କ ଶରୀରସ୍ଥ କୋଷ ସମୂହ ସେମାନଙ୍କୁ ସ୍ମରଣ କରାଇଦେବେ ''ମାଆ''ଟିର ସେମାନଙ୍କ ପ୍ରତି ସେଦିନ ହୋଇଥିବା ଅବିଚାରିତ ଆଚରଣ ଏବଂ 'ମାଆ'କୁ ତା'ର ଶରୀରସ୍ଥ କୋଷମାନେ ଉତ୍ସାହିତ କରି ଦେବେ ସେହି ସ୍ୱାର୍ଥପର ଆଚରଣ କରିବାକୁ । ସୁତରାଂ ଉଭୟଙ୍କ ମଧ୍ୟରେ ଦୂରତା କ୍ରମଶଃ ଦୀର୍ଘରୁ ଦୀର୍ଘତର ହେବ । ଏହି ପ୍ରକ୍ରିୟାରେ ଜୀବନର ପ୍ରତି କାର୍ଯ୍ୟ ଧୀରେ ଧୀରେ ଶତ୍ରୁଭାବାପନ୍ନ ହୋଇ ବ୍ୟାପକ ଭାବରେ ସମାଜରୁ ଦୂରେଇ ନେବ । ସେତେବେଳେ ମାଆଟି କେବଳ ନିଜର ପରିବାରରେ ସୀମିତ ରହି ଜଗତ୍‌ଜନନୀ ଭୂମିକାରୁ ବଂଚିତ ହୋଇ ମୂଳଉତ୍ସ ଯୋଗମାୟାଙ୍କ ସହ ଦ୍ରୋହୀ ହୋଇଯିବ । ପିଲାଟି ମଧ୍ୟ 'ମାଆ'ର ଏହି ଆଚରଣରେ ଅଭ୍ୟସ୍ତ ହୋଇଯିବ ଏବଂ ଶରୀରରେ କର୍ମବାହକ କୋଷମାନେ ତା'ର ଉକ୍ତ ଭାବଟିକୁ ଚିତ୍ତ ଚୈତନ୍ୟର ମୂଳରେ ସାଇତି ରଖି ଭବିଷ୍ୟତରେ ତାକୁ ମଧ୍ୟ ସେହି ସ୍ୱାର୍ଥପରତାର ପ୍ରେରଣା ଦେବେ । ସୁତରାଂ 'ମାଆ'ର ତ୍ରୁଟିପୂର୍ଣ୍ଣ ଆଚରଣ ଯୋଗୁଁ ନିଜେ ସ୍ୱାର୍ଥପରତା ଅଗ୍ନିରେ ଝାସ ଦେଲା । ଅନ୍ୟ ପିଲାମାନେ ଏହି ଭାବକୁ ଏକ ଭିନ୍ନ ଭଙ୍ଗୀରେ ଗ୍ରହଣ କରି ନିଜର କ୍ଷତି କରାଇଲେ । ସର୍ବୋପରି ନିଜର ଅଲିଅଳଟି ମଧ୍ୟ ସେହି ବିଷପାନ କରି ତା'ର ଶରୀର ହୃଷ୍ଟପୁଷ୍ଟ କରାଇଲା । ଚିନ୍ତା କରନ୍ତୁ ! ମାଆ ଯେତେବେଳେ ତା'ର ମାତୃତ୍ୱ ଅବମାନନା କରେ ସେତେବେଳେ ସମାଜର ଅବସ୍ଥା କ'ଣ ହୋଇପାରେ ? (କ୍ରମଶଃ)

***

କୃତକର୍ମର ଅଧୀନ ଜୀବ,
କର୍ମଫଳ ତା ପୁଚ୍ଛରେ ଧାଏଁ ।
'ହର୍‌ଗୁଣ୍ ଫେଡ୍ ମିଁଶା ଅନ୍ତେ
ଯେତିକି ପ୍ରାପ୍ୟ ସେତିକି ଯାଏ ।।

ନିଜ କ୍ଷେତ ତେଣେ ପଡ଼ିଆ ହେଲାଣି
ଫସଲ ଉଠାଅ କାହା କ୍ଷେତରୁ ?
ଟଙ୍କା ସୁନା ରୁପା ସଞ୍ଚୟରେ ମନ
ମୁକତି ମିଳେ କି ଏ ସଞ୍ଚିତରୁ ??

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ବାଳକେ ମୋର ବୋଲ କର ।
ବେଳ ହୁଁ ଗୋବିନ୍ଦ ସୁମର ॥ - ଶ୍ରୀମଦ୍‌ଭାଗବତ

**ବେଳହୁଁ ଗୋବିନ୍ଦ ସୁମରିବା** ପାଇଁ ମହାପୁରାଣ ଶ୍ରୀମଦ୍‌ଭାଗବତ ବାଳକବାଳିକାମାନଙ୍କୁ ଚେତାଇ ଦେଇଅଛନ୍ତି । **ଜୀବନ-ସୌଧ ନିର୍ମାଣର** ଭିତ୍ତିଭୂମି ପଡ଼େ ବାଲ୍ୟକାଳରୁ । ଏହି ଭିତ୍ତିଭୂମି ଦୁର୍ବଳ ହେଲେ, ଜୀବନ ସୌଧ ଦୋହଲି **ଯାଏ, ହୁଏତ ଅକାଳରେ** ଭୁଷୁଡ଼ି ପଡ଼ି ଅକର୍ମଣ୍ୟ ମଧ୍ୟ ହୋଇଯାଇପାରେ । ଶିଶୁପ୍ରେମୀ ବାଳକବତ୍ସଳ ସଦା ଶିଶୁଟିଏ **ଭଳି ସରଳ** ତରଳ ପ୍ରେମମୟ ଠାକୁରେ ପୃଥିବୀର ଶିଶୁ, କିଶୋରମାନଙ୍କର ଜୀବନାଦର୍ଶକୁ ସୁସ୍ପଷ୍ଟତର କରି ଏକ **ସମ୍ପ୍ରଦାୟ** ବିହୀନ ଅସ୍ତିବାଦୀ ସୁସ୍ଥ ମାନବ ସମାଜଟିଏ ପ୍ରତିଷ୍ଠା କରିବାର ପରିକଳ୍ପନାରେ 'ଚରମ' ପୃଷ୍ଠାରେ ମାନବିକ **ଧର୍ମବାଦୀ** ଶିଶୁ ସାହିତ୍ୟ ପର୍ଯ୍ୟାୟବାଚୀ ସ୍ତମ୍ଭଟିଏ ପ୍ରଚଳନ କରାଇ ଅଛନ୍ତି । ତାଙ୍କରି ଅମିୟ ଆଶୀର୍ବାଦରୁ ଏ ସଂଖ୍ୟାରେ ଶିଶୁ, ବାଳକ, ବାଳିକା, କିଶୋର କିଶୋରୀଙ୍କ କୋମଳ ହାତରେ ଆମର ଉପହାର-

''ଚରମ'' : ପଞ୍ଚମପୃଷ୍ଠ : ପ୍ରଥମ ପାଖୁଡ଼ା : ବିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :

## ମୂର୍ତ୍ତିକାରରୁ ମୂର୍ତ୍ତିମନ୍ତ

ଧିରେ ଧିରେ ନିବାରଣ ବୁଡ଼ିଗଲେ ମାଟିର ମୂର୍ତ୍ତି ନିର୍ମାଣରେ । କୃଷ୍ଣଙ୍କର ମୂର୍ତ୍ତି ଆଙ୍କୁ ଆଙ୍କୁ ବ୍ରହ୍ମଙ୍କର ଏକାଧିକ ସ୍ୱରୂପର କଳ୍ପନା ପ୍ରବେଶ କରିଗଲା ତାଙ୍କର ମନର ମନ୍ଦିରରେ । ସେ ସମସ୍ତ କଳ୍ପନାକୁ ନିଖୁଣ ଭାବରେ ସାକାର କରି ଚାଲିଲେ ନିବାରଣ । କ୍ରମଶଃ ସେ ଏକ ପ୍ରତିଷ୍ଠିତ ଶିଳ୍ପୀର ପରିଚୟ ବହନ କଲେ । ବୟସ ଯୌବନକୁ ସ୍ପର୍ଶ କଲା । ପିତାମାତା ପୁଅକୁ ବିବାହ ବନ୍ଧନରେ ଆବଦ୍ଧ କରାଇ ସଂସାର କରିବା ସ୍ୱପ୍ନ ଦେଖିଲେ । ପୁଅ କିନ୍ତୁ ନିର୍ବିକାର, ନିରୁତ୍ତର । ନା ସ୍ୱୀକୃତି ଦେଲେ ନା ସ୍ୱୀକାର କଲେ । କିନ୍ତୁ ପୁଅର ହାବଭାବ ଦେଖି, ତା'ର ମତାମତକୁ ଅପେକ୍ଷା ନ କରି ନିର୍ମଳା ନାମ୍ନୀ ଏକ ସୁନ୍ଦରୀ ତରୁଣୀ ସହ ନିବାରଣଙ୍କର ବିବାହ କରାଇ ଦେଲେ । ଏହିଠାରୁ ଆରମ୍ଭ ହେଲା ନିବାରଣଙ୍କ ଜୀବନର ଆଉ ଏକ ଦୁଃଖଦ ପର୍ଯ୍ୟାୟ ।

ସହଜେ ତ ଏକ ଦରିଦ୍ର ପରିବାର । ରୋଜଗାର ଆଦୌ ନାହିଁ କହିଲେ ଚଳେ । ସେଥିରେ ନିବାରଣଙ୍କ ବିବାହ ପରେ ପରିବାରରେ ସଦସ୍ୟ ସଂଖ୍ୟା ବୃଦ୍ଧି । ପରିବାରର ଭରଣପୋଷଣ କିପରି ହେବ, ସେଥିପାଇଁ ନିବାରଣଙ୍କର କୌଣସି ଚିନ୍ତା ନାହିଁ । ଯିଏ ଡାକିଲା କୌଣସି ଦେବତା ବା ଦେବୀଙ୍କର ମୂର୍ତ୍ତି ଗଠନ ପାଇଁ କୌଣସି ପାରିଶ୍ରମିକର ଲକ୍ଷ୍ୟ ନ ରଖି ଚାଲିଯାଆନ୍ତି ନିବାରଣ । ପ୍ରତିଦାନରେ ଯିଏ ଯାହା ଦେଲା ଖୁସି । କିଛି ନ ଦେଲେ ମଧ୍ୟ ଖୁସି । ଦିନକୁ ଦିନ ପରିବାରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଗଲା । ଦିନେ ତାଙ୍କର ସ୍ତ୍ରୀ ତାଙ୍କୁ ଅତି ବିନମ୍ର ଭାବରେ କହିଲେ ''ସବୁବେଳେ ମୂର୍ତ୍ତି ଗଠନରେ ମନ ଦେଲ । ରୋଜଗାରର ନାମଗନ୍ଧ ନାହିଁ । ଏ ପରିବାର ଚଳିବ କିପରି ?'' ସ୍ତ୍ରୀଙ୍କ ପ୍ରଶ୍ନ ଶୁଣି କାନ୍ଦି ପକାଇଲେ ନିବାରଣ । ''ଏ କି ବିଚିତ୍ର ଭାବନା ତୁମ ମନରେ ଆସିଲା ଏ ପରିବାରର ବୋହୂ ହୋଇ । ଏ ପରିବାର ମୋର ନୁହେଁ କି ତୁମର ନୁହେଁ । ମୋର ଜୀବନବନ୍ଧୁ ପ୍ରଭୁ

କୃଷ୍ଣଙ୍କର । ଯାହା ତାଙ୍କର ଇଚ୍ଛା କେବଳ ସେତିକିହିଁ ହେବ । ତମେ କ'ଣ ଅନୁଭବ କରି ପାରୁନାହଁ ? ଆମର ଆରାଧ୍ୟ ଛାଇପରି ଆମର ପାଖେ ପାଖେ ରହି ଆମର ସମସ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ? ତୁମେ ଏ ଘରକୁ ଆସିବା ଦିନ ଠାରୁ କେବେ ଦିନେ ଉପବାସ ରହିଛ ? ପିନ୍ଧିବାକୁ ପାଇନାହଁ ? ହୁଏତ ଐଶ୍ୱର୍ଯ୍ୟ ପାଇନାହଁ, ରାଜରାଣୀର ସୁଖ ପାଇନାହଁ । ପଡ଼ୋଶୀମାନଙ୍କ ପରି ସୁଖ ସମ୍ଭୋଗ ଭୋଗ କରିନାହଁ । କିନ୍ତୁ ବଞ୍ଚିରହିବା ପାଇଁ ଯେତିକି ଆବଶ୍ୟକ ପାଇଛ ଏବଂ ତାଙ୍କ ଉପରେ ଶ୍ରଦ୍ଧା, ଭକ୍ତି ଓ ଭରସା ରହିଲେ ଏଥିରୁ କେବେ ବ୍ୟତିକ୍ରମ ହେବନାହିଁ । ଯେତେଦିନ ଯାଏ ଏ ଧରାପୃଷ୍ଠରେ ରହିବ କେବଳ ତାଙ୍କର ଚିନ୍ତାରେ ସମୟ କଟାଇଦିଅ । ଦେଖିବ-ତୁମର ସବୁ ପୂର୍ଣ୍ଣ ହୋଇଯିବ ।'' ସ୍ୱାମୀଙ୍କ ବଚନରେ ଅଭାବ ସଂସାରରେ ତହଳ ବିକଳ ହେଉଥିବା ନିରୀହା ସ୍ତ୍ରୀଟି ସ୍ତବ୍ଧ ହୋଇଗଲେ । ସ୍ୱାମୀଙ୍କ ଭାବର ମହତ୍ତ୍ୱ ଉପଲବ୍ଧି କରି ନିଜକୁ ତାଙ୍କର ସହଗାମିନୀ ହେବାର ସଂକଳ୍ପ ନେଲେ ।

ଭକ୍ତର ସଂକଳ୍ପ, ଦୃଢ଼ତା ଆରମ୍ଭ ହେଲେ ନଟକୂଟିଆଙ୍କର ଖେଳିବାକୁ ମନ ହୁଏ । ସେହି ଲୀଳାର ଦିନଟିଏ ପହଞ୍ଚିଗଲା । ଦୀର୍ଘ ୨ଦିନ ଧରି ଘରେ କିଛି ନାହିଁ । ଚୁଲି ଜଳିନାହିଁ । ମୂର୍ତ୍ତି ଗଢ଼ିବାକୁ ନିବାରଣ ଯାଇଛନ୍ତି ଯେ ତିନି ଦିନ ହେବ ଘରକୁ ଫେରି ନାହାନ୍ତି । କ'ଣ କରିବେ ବିଚରା । ଭୋକର ଜ୍ୱାଳାରେ ସମସ୍ତେ ଆକ୍ରାନ୍ତ । ପ୍ରଭୁଙ୍କ ପ୍ରତି ସମସ୍ତଙ୍କର ଆସ୍ଥା ଦୋହଲି ଯାଉଛି । ସ୍ୱଭାବର ପ୍ରଭାବରେ ନିବାରଣଙ୍କ ପ୍ରତି ବିରକ୍ତି ଓ ଅନାସ୍ଥାଭାବ କ୍ରମଶଃ ମନରେ ଜମାଟ ବାନ୍ଧି ଯାଉଛି । ଯୁଗେ ଯୁଗେ ତାଙ୍କର ଭକ୍ତ ବସଳ ନାମରେ ସେ କଳଙ୍କ ଲଗାଇ ନାହାନ୍ତି । ତାଙ୍କୁ ଗାଳିଦେଲେ ତାଙ୍କ ପ୍ରତି ଅନାସ୍ଥାଭାବ ଆଣିଲେ ତାଙ୍କୁ ଖୁସି ଲାଗେ । କିନ୍ତୁ ତାଙ୍କ ଭକ୍ତ ପ୍ରତି ଆଞ୍ଚ ଆସିଲେ ସେ ବ୍ୟସ୍ତ ବିବ୍ରତ ହୋଇଯାଆନ୍ତି । ଯେତେବେଳେ ତାଙ୍କ ପ୍ରିୟ ନିବାରଣ ପ୍ରତି ପରିବାରର ମନରେ ବିରକ୍ତି, ଅସୂୟାଭାବ ଉଦ୍ରେକ ହୋଇଗଲା ଖେଳ ସରିଗଲା । ବାହାରି ପଡ଼ିଲେ ଭକ୍ତର ଟେକ ରଖି ନିଜେ ନ୍ୟୂନ ହେବାଲାଗି । ଘର ଭିତରେ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇ ବସିଛନ୍ତି । ଦାଣ୍ଡ ଦୁଆରେ ଶୁଭିଲା ''ନିବାରଣ ନନା ଘରେ ଅଛନ୍ତି ?'' ବାହାନକୁ ବାହାରି ଆସିଲେ ପତ୍ନୀ ନିର୍ମଳା । ଆଗନ୍ତୁକ କହିଲେ, ''ଅନେକଦିନ ତଳେ ନିବାରଣ ନନା ଆମଘରେ ଗୋଟିଏ ଲକ୍ଷ୍ମୀ ନାରାୟଣ ଯୁଗଳ ମୂର୍ତ୍ତି ତିଆରି କରିଥିଲେ । ପାଉଣା ଆଣି ନ ଥିଲେ । ଆଜି ସକାଳେ ଆମ ଘରକୁ ଖବର ପଠାଇଥିଲେ । ତେଣୁ ମୁଁ ଆଣିଛି ତାଙ୍କର ସେହି ପାଉଣା ଦେବାକୁ । ନିଅ ମା' ରଖ ।'' ଏହାକହି ନିର୍ମଳାଙ୍କ ହାତକୁ ବଢ଼ାଇ ଦେଲେ ଖଣ୍ଡେ ଶହେ ଟଙ୍କିଆ ନୋଟ୍ । କହିଗଲେ ''ନିବାରଣ ନନା ଆସିଲେ କହିବ-ମୋ ନାଁ ନିରାକାର ମିଶ୍ର । ମୁଁ ତାଙ୍କ ପାଉଣା ପରିଶୋଧ କରି ଦେଇଗଲି । ପାଉଣା ଦେବାରେ ବିଳମ୍ବ ହୋଇଥିବାରୁ ରାଗିବେ ନାହିଁ ।''

ପତ୍ନୀ ଟଙ୍କା ଗ୍ରହଣ କରି ଘର ଭିତରକୁ ଚାଲିଗଲେ, କିନ୍ତୁ ମନରେ ରହିଗଲା କିଏ ଏହି ନିରାକାର ମିଶ୍ର ? କେବେ ଇଏ ତାଙ୍କ ଘରେ ମୂର୍ତ୍ତି ଗଠନ କରିବାକୁ ଯାଇଥିଲେ ? ଯା ହେଉ ସେଦିନର ଅଭାବ ଦୂର ହୋଇଗଲା । ତା ପରଦିନ ଫେରିଲେ ନିବାରଣ । ଘରୁ ନିରାକାର ମିଶ୍ରଙ୍କ ପାଉଣା ପରିଶୋଧ ଶୁଣି କାନ୍ଦି କାନ୍ଦି ଅଚେତ ହୋଇଗଲେ । ତାଙ୍କର ଏ ଅବସ୍ଥା ଦେଖି ପରିବାରର ସମସ୍ତେ ହତଚକିତ ହୋଇଗଲେ । ମୁହୁର୍ମୁହୁ ଚେତା ଆସି ଚାଲି ଯାଉଥାଏ । ପାଟିରୁ ଖାଲି ଶୁଭୁଥାଏ ''ହେ ପ୍ରଭୁ ! ଏ ଅକିଞ୍ଚନକୁ କ'ଣ କଲ ପ୍ରଭୁ ? କେଉଁ ପାଉଣା ପରିଶୋଧ କଲ ? ନିଜେ ଆସି ପତ୍ନୀକୁ ଦେଖାଦେଇ ଦୁଃଖ ନିବାରଣ କରିଗଲ ଅଥଚ ଏ ନିବାରଣ କି ପାପ କରିଛି ଯେ ଛାଇ ମଧ୍ୟ ପାଇଲା ନାହିଁ ।'' (କ୍ରମଶଃ)

✽✽✽

# ଭବିଷ୍ୟତ୍ ! ଜାଗ୍ରତ୍ !!

*ଚିନ୍ତିତ କାହିଁକି ? ନିଜ ପାଇଁ, ନିଜ ପୁଅଝିଅ, ସ୍ତ୍ରୀ ପରିବାର, ବନ୍ଧୁବାନ୍ଧବ, ଧନ ସମ୍ପତ୍ତି–ଏସବୁ ପାଇଁ ଏତେ ଗୋଟାଏ ଚିନ୍ତା କ'ଣ ? ଈଶ୍ୱର ତୁମକୁ ଚିନ୍ତା ଦେଇଛନ୍ତି ଚିନ୍ତାମଣିଙ୍କୁ ଚିନ୍ତା କରିବା ପାଇଁ । ସେହି ଅନ୍ତର୍ଯ୍ୟାମୀ ପୁରୁଷ ଚିନ୍ତାମଣିଙ୍କୁ ଚିନ୍ତା ନ କରି ଏତେବାଟରେ ଏତେ ଗୁଡ଼ାଏ ଚିନ୍ତାକରି ସମୟର ଅଯଥା ଅପବ୍ୟୟ କରି କି ଲାଭ ? ଚିନ୍ତା କରି କ'ଣ ସମାଧାନ ତୁମେ କରିପାରୁଛ ? ସେ ହିଁ ତ ସବୁ କରୁଛନ୍ତି ନା ନାହିଁ ? ସେ ତ ତୁମ କଥା ଚିନ୍ତା କରୁଛନ୍ତି । ତୁମେ ତାଙ୍କୁ ଚିନ୍ତା ନ କରି ପୁଣି ତୁମ ଚିନ୍ତାରେ ବୁଡ଼ି ଯାଉଛ କାହିଁକି ? ତାଙ୍କରି ଉପରେ ଭରସା ରଖ । ଦେଖିବ, ତୁମ ମଙ୍ଗଳ ପାଇଁ ଯାହା ସବୁ ଦରକାର, ସେ ସବୁର ବ୍ୟବସ୍ଥା କରିଦେବେ । ଯାହା ଦରକାର ନାହିଁ, ସେ ତୁମଠାରୁ ନିଶ୍ଚୟ ଛଡ଼ାଇନେବେ ହିଁ ନେବେ । ତୁମେ ଯେତେ ଚିନ୍ତାକଲେବି ତାହା ତୁମଠି ରଖିପାରିବ ନାହିଁ, କେହି ମଧ ରଖିପାରି ନାହାନ୍ତି । ସେ ପରା ପ୍ରେମମୟ, ମଙ୍ଗଳମୟ, କଲ୍ୟାଣମୟ !!!*

''ଚରମ' : ବିଂଶତିତମ ସଂଖ୍ୟା ଉତ୍ତାରୁ :

## ପ୍ରେମ (୨)

ସଚରାଚର ସାଂସାରିକ ଜୀବନକ୍ଷେତ୍ରରେ ଦେଖାଯାଏ, ମା' ପୁଅ ବା ଝିଅ ଶିଶୁସନ୍ତାନକୁ ଶୁଆଇ ଦେଇ କାମରେ ଲାଗିଯାଏ । ଶିଶୁ ସନ୍ତାନର ନିଦ୍ରାଭଙ୍ଗ ହେଲେ ସେ କାନ୍ଦେ । ମା' ତାକୁ କ୍ଷୀର ଖୁଆଇ ନାନା ପ୍ରକାର ଖେଳନାଦି ଦେଇ କାମକୁ ବାହାରେ । ଶିଶୁଟି ଯଦି ସେତିକିରେ ଭୁଲିଯାଏ, ତେବେ ମା ଆଉ ତାକୁ କୋଳକୁ ନ ନେଇ ନିଜକାମରେ ପୁନଶ୍ଚ ବ୍ୟସ୍ତ ରହେ । ଯେତେପ୍ରକାର ଖେଳନାର ପ୍ରଲୋଭନ ଦେଖାଇଲେ ବି ଶିଶୁ ସନ୍ତାନ ଯଦି ତହିଁରେ ଭୁଲି ନ ଯାଇ ମା' କୋଳ ଲୋଡ଼ିବସେ ତେବେ ମା'ର ବୁଦ୍ଧି ସେଇଠି ଶେଷ । ସନ୍ତାନ ଅଝଟ ହୋଇ କାନ୍ଦି କଚାଡ଼ି ବ୍ୟସ୍ତ ହେଲେ, ମା' ସବୁକାମ ଛାଡ଼ି ଶେଷରେ ଶିଶୁକୁ ଆପଣା କୋଳକୁ ନ ନେଇ ରହିପାରେ ନାହିଁ । ଜାଗତିକ ଜୀବନରେ ବାତ୍ସଲ୍ୟପ୍ରେମର ଏହା ଏକ ଅନବଦ୍ୟ ଉଦାହରଣ ।

ଆଧ୍ୟାତ୍ମିକ ଓ ପରମାର୍ଥିକ ଜୀବନରେ ଭକ୍ତଭଗବାନଙ୍କର ଲୀଳା ଠିକ୍ ସେହିପରି । ଭଗବାନ ଭକ୍ତକୁ ସେହି ପ୍ରକାର ନାନାଦି ସିଦ୍ଧି ଓ ବିଭୂତି ରୂପ ଖେଳନାର ପ୍ରଲୋଭନରେ ପ୍ରଲୋଭିତ କରିବାକୁ ଚେଷ୍ଟାକରନ୍ତି । ଭକ୍ତ ଯଦି ତହିଁରେ ସନ୍ତୁଷ୍ଟ ହୋଇ ନୀରବ ରହିଯାଏ, ତେବେ ପ୍ରଭୁ ତା'ଠାରୁ ଦୂରେଇଯାଇ ନିଜର ଅନ୍ୟାନ୍ୟ ଲୀଳାରେ ବ୍ୟସ୍ତ ରହନ୍ତି । ମାତ୍ର ଭକ୍ତ ଯଦି ସେହି ସବୁ ସିଦ୍ଧି ବା ବିଭୂତିରେ ପ୍ରଲୋଭିତ ହୁଏ ନାହିଁ, ସନ୍ତୁଷ୍ଟ ହୁଏ ନାହିଁ ଏବଂ ବ୍ୟାକୁଳତାର ସହିତ ଭଗବାନଙ୍କର ଚିର ସାନିଧ ଓ ନିତ୍ୟ ଲୀଳାପାଇଁ କଣ୍ଠ ଫଟାଇ ଚିତ୍କାର କରି କାନ୍ଦେ ବା ନୀରବରେ ହୃଦୟ କୋଣରେ ଲୁହ ବା ଲହୁ ଢ଼ାଳିଚାଲେ, ତେବେ ମହାପ୍ରଭୁଙ୍କର ଆସନ ଟଳମଳ ହୁଏ, ମନ ପ୍ରାଣ ଅସ୍ଥିର ହୋଇଉଠେ, ସେ ଆପଣା ଧାମ ଛାଡ଼ି ଆପଣାଛାଏଁ ଭକ୍ତ ପାଖକୁ ଛୁଟି ଆସନ୍ତି ଦିବ୍ୟ ଲୀଳା ରଚନା କରନ୍ତି ନିତ୍ୟ ସାନିଧ ପ୍ରଦାନ କରନ୍ତି, ଭକ୍ତପ୍ରାଣଭଗବାନ ଭକ୍ତକୁ କୋଳେଇ ନେଇ ଦିବ୍ୟ ଆଲିଙ୍ଗନ ପ୍ରଦାନ କରନ୍ତି । ଆଧ୍ୟାତ୍ମିକ ଜୀବନରେ ଏହାହିଁ ଦିବ୍ୟପ୍ରେମର ନିଦର୍ଶନ ।

ଭାବରୁ ଭକ୍ତି ଏବଂ ଭକ୍ତିରୁ ପ୍ରେମ ଜାତ ହୁଏ । ପ୍ରେମର ଉନ୍ମେଷ ଘଟିଲେ, ଭକ୍ତର ପ୍ରେମମୟ ସ୍ୱରୂପ କ୍ରମଶଃ ମଧୁରରୁ ମଧୁରତର ବୋଧ ହୁଏ । ଶ୍ରୀଚୈତନ୍ୟଦେବଙ୍କ ମତାନୁସାରେ ଜୀବ ସୁଖ ଭୋଗକଲେ, ଦୁଃଖ ଯେପରି ଅପସରିଯାଏ, ସେହିପରି ହୃଦୟରେ ବିଭୁପ୍ରେମ ଜାତ ହେଲେ, ହୃଦୟରୁ ବିଷୟବାସନା ଲୁପ୍ତ ହୋଇଯାଏ ।

''ଭକ୍ତିରସାମୃତସିନ୍ଧୁ'ରେ ଶ୍ରୀରୂପ ଗୋସ୍ୱାମୀ କହିଛନ୍ତି ଯେ, ଭଗବାନଙ୍କଠାରେ ସର୍ବପ୍ରଥମେ ଶ୍ରଦ୍ଧା ଜାତ କରାଇବାକୁ ହୁଏ । ତା'ପରେ ସାଧୁସଙ୍ଗ ପାଇଁ ଇଚ୍ଛା ବଢ଼େ । ସାଧୁସଙ୍ଗ ପରେ ଭଜନ ଲାଗି ମନ ବଳେ । ଭଜନର ଫଳ ସ୍ୱରୂପ ଅନର୍ଥ ନିବୃତ୍ତି ଅର୍ଥାତ୍ ପାପ ଓ ଅବିଦ୍ୟା ଦୂର ହୋଇଥାଏ । ପାପ ଦୂର ହେଲେ, ନିଷ୍ଠା ଜାତ ହୁଏ । ଫଳରେ ଭଗବାନଙ୍କ ଚରଣପଙ୍କଜରେ ଚିତ୍ତ ଏକାଗ୍ର ହୁଏ । ଚିତ୍ତ ଏକାଗ୍ର ହେଲେ, ଭଗବାନଙ୍କର ମଧୁରତା ବିଶେଷ ଭାବରେ ଉପଲବ୍ଧ ହୁଏ । ଶ୍ରବଣ, କୀର୍ତ୍ତନ ଓ ମନନ ଆଦିରେ ରୁଚି ବଢ଼େ । ରୁଚିରୁ ଆସକ୍ତି, ଆସକ୍ତିରୁ ଭାବ, ଭାବରୁ ଭକ୍ତି ଏବଂ ଭକ୍ତିରୁ ପ୍ରେମ ଜାତ ହୁଏ ।

ଯେଉଁ ଶୁଦ୍ଧ ସତ୍ତ୍ୱଗୁଣାଦି ଦ୍ୱାରା ଆତ୍ମା ବିଭୂଷିତ ହୁଏ, ଚିତ୍ତ ନିର୍ମଳକରେ, ପ୍ରେମରୂପ ସୂର୍ଯ୍ୟକିରଣର ସାଦୃଶ୍ୟ ଧାରଣ କରେ, ତାହାରି ନାମ ଭାବ । ହୃଦୟରେ ଭାବ ଜାତ ହେଲେ ତାହା ବିଭିନ୍ନ ଲକ୍ଷଣ ଦ୍ୱାରା ବାହାରକୁ ଜଣାପଡ଼େ । ଯାହାଙ୍କ ହୃଦୟରେ ଭାବାଙ୍କୁର ଉନ୍ମେଷ ହୋଇଛି, ତାଙ୍କଠାରେ କ୍ଷାନ୍ତି (ବିରତି/କ୍ଷମା), ଅବ୍ୟର୍ଥକାଳତ୍ୱ, ବିରକ୍ତି (ନିବୃତ୍ତି), ମାନଶୂନ୍ୟତା, ଆଶାବନ୍ଧ, ସମୁତ୍କଣ୍ଠା, ନାମଗାନରେ ସଦାରୁଚି, ଭଗବାନଙ୍କ ଗୁଣଗାନରେ ଆସକ୍ତି ଓ ତାଙ୍କର ବସତି ସ୍ଥାନରେ ପ୍ରୀତି ପ୍ରଭୃତି ଗୁଣ ଦେଖାଯାଏ ।

ପୁରାକାଳରେ ନାରଦ, ଶାଣ୍ଡିଲ୍ୟ ପ୍ରଭୃତି ମହାତ୍ମାଗଣ ପ୍ରେମରେ ଭଗବାନଙ୍କୁ ଲାଭ କରି ପ୍ରେମର ମହିମା ଗାଇ ଯାଇଅଛନ୍ତି । ଶ୍ରୀମଦ୍‌ଭାଗବତରେ ଜନକରାଜାଙ୍କୁ ଋଷଭନନ୍ଦନ ପ୍ରେମିକର ନିର୍ମଳ ହୃଦୟ, ଚରିତ୍ରର ମଧୁରତା ଏବଂ ସକଳ ଜୀବପ୍ରତି ଦିବ୍ୟଭାବ ସମ୍ପର୍କରେ କହିଅଛନ୍ତି । କୌଣସି ବ୍ୟକ୍ତିପ୍ରତି କାହାର କିପରି ଅନୁରାଗ ଅଛି, ତାହା ସେହି ପ୍ରିୟ ବ୍ୟକ୍ତିର କଥା ପଡ଼ିଲେ, ଅନୁରାଗୀଙ୍କର ଭାବ ବିକାର ଦ୍ୱାରା ଜଣାପଡ଼େ । ସେହିପରି ଭଗବାନଙ୍କର ଭକ୍ତଙ୍କୁ ଅଶ୍ରୁ/ପୁଲକ ଦ୍ୱାରା ଚିହ୍ନିହୁଏ ।

ଭଗବାନଙ୍କଠାରେ ଭକ୍ତଙ୍କର ଅନୁରାଗ (ପ୍ରେମଭକ୍ତି)ର ପରୀକ୍ଷାଲାଗି ଶାଣ୍ଡିଲ୍ୟ କେତେକ ଲକ୍ଷଣ କହିଅଛନ୍ତି । ସେହି ଲକ୍ଷଣ ଗୁଡ଼ିକ ହେଉଛି-ସମ୍ମାନ, ବହୁମାନ, ପ୍ରୀତି, ବିରହ, ଇତରବିଚିକିତ୍ସା, ମହିମଖ୍ୟାତି, ତଦର୍ଥ ପ୍ରାଣସ୍ଥାନ, ତଦୀୟତା, ସର୍ବତଦ୍‌ଭାବ ଓ ଅପ୍ରାତିକୂଲ୍ୟ ।

ବିଷ୍ଣୁପ୍ରେମରେ ବିଭୋର ଭକ୍ତର ଗାଢ଼ପ୍ରେମ ଭାବ ତୁଳସୀଦାସଙ୍କ ରଚନାରୁ ବୁଝାପଡ଼େ:

''ଉପଲ ବରଷି ତରଜତ ଗରଜି ଡାକତ କୁଲିଶ୍ କଠୋର ।

ଚିତବ କି ଚାତକ ଜଳଦ ତ୍ୟଜି କରହୁଁ ଆନ୍‌କି ଓର ??''

ଅର୍ଥାତ୍, ମେଘ କୁଆପଥର ବରଷେ, ତର୍ଜନ ଗର୍ଜନକରେ, କଠୋର ବଜ୍ର ନିକ୍ଷେପ କରେ । ଏତେ ହେଲେ ସୁଦ୍ଧା ଚାତକ କ'ଣ କେବେ ମେଘକୁ ଛାଡ଼ି ଆଉ କାହା ପ୍ରତି ଦୃଷ୍ଟିପାତ କରେ ?

ପ୍ରେମ ଯେଉଁଠାରେ ଯେତେ ପ୍ରଗାଢ଼, କ୍ରୋଧ ଓ ଅଭିମାନ ମଧ୍ୟ ସେହିଠାରେ ସେତେ ସୁଲଭ । ଭକ୍ତ ଭଗବାନଙ୍କୁ ପ୍ରାଣ ଭରି ଭଲପାଏ ବୋଲି ଭଗବାନଙ୍କୁ କ୍ରୋଧରେ ଗାଳି ଦିଏ ପୁଣି ଅଭିମାନରେ ଫାଟି ପଡ଼େ । ପ୍ରେମିକ ଭକ୍ତଠାରେ ଏହା ସାଜେ ବୋଲି ଭାବଗ୍ରାହୀ ଭଗବାନ ଭକ୍ତର ଗାଳି ଓ ଅଭିମାନକୁ ନିର୍ବିବାଦରେ ସହି ନିଅନ୍ତି ଓ ଭକ୍ତର ମଙ୍ଗଳ ବିଧାନ କରିଥାଆନ୍ତି । ତେଣୁ ତାଙ୍କର ମଙ୍ଗଳମୟ ହରି ଉପାଧି ଯୁକ୍ତିଯୁକ୍ତ ଓ ସାର୍ଥକ ।

ଶ୍ରୀରାଧା ପ୍ରେମଭକ୍ତି ଭାବର ମୂର୍ତ୍ତ ପ୍ରତୀକ । ଶ୍ରୀରାଧାଙ୍କର ସ୍ୱର୍ଗୀୟ ପ୍ରେମଧାରାର ଏକ ବିନ୍ଦୁ ଆସ୍ୱାଦନ କରି ପାରିଲେ, ଜୀବନ ଧନ୍ୟ ହୁଏ । ବୃନ୍ଦାବନରେ ଗୋପୀମାନଙ୍କର କାମଗନ୍ଧହୀନ ପ୍ରେମ ମଧୁରସର ପରମ ଆଦର୍ଶ । ପ୍ରେମ ପାଗଳ ଭକ୍ତ ସର୍ବଦା ଓ ସର୍ବସ୍ଥା ଭଗବାନଙ୍କର ଦିବ୍ୟ ବିଗ୍ରହ ଦର୍ଶନ ପାଇଁ ପାଗଳ ପ୍ରାୟ ହୋଇଯାଏ । କୃଷ୍ଣକର୍ଣ୍ଣାମୃତରେ ଉଲ୍ଲେଖ ଅଛି :

**ହେ ଦେବ, ହେ ଦୟିତ, ହେ ଭୁବନୈକ ବନ୍ଧୋ ।**
**ହେ କୃଷ୍ଣ, ହେ ଚପଳ, ହେ କରୁଣୈକସିନ୍ଧୋ ।।**
**ହେ ନାଥ, ହେ ରମଣ, ହେ ନୟନାଭିରାମ ।**
**ହାହା କଦାନୁଭବିତାସି ପଦଂ ଦୃଶୋର୍ମେ ।।**

ମୀରାବାଈଙ୍କ କଣ୍ଠରେ–

**'ମେରେ ତୋ ଗିରିଧର ଗୋପାଲ୍ ଦୁସରା ନ କୋଇ ।**
**ଯାକେ ଶିର ମୋର ମୁକୁଟ୍ ମୋରେ ପତି ଶୋଇ ।।**
**ତାତ ମାତ ଭ୍ରାତ ବନ୍ଧୁ ଆପନା ନହିଁ କୋଇ ।**
**ଛୋଡ୍ ଦଇକୁଲ୍ କି କାନ୍ କ୍ୟା କରୋଗେ କୋଇ ।'** ଇତ୍ୟାଦି ।

ଭଗବାନଙ୍କଠାରେ ପୂର୍ଣ୍ଣ ଆତ୍ମସମର୍ପଣ ଭାବ ଆସିଲେ, ବିରହରେ ବିଷମ ଜ୍ୱାଳା ଏବଂ ମିଳନରେ ଅନନ୍ତ ତୃପ୍ତି ଅନୁଭୂତ ହୁଏ । ବିରହରେ ଜ୍ୱାଳା ଜାତ ହେଲେ ମଧ ହୃଦୟର ଅନ୍ତଃସ୍ଥଳରେ ଅମୃତ ଝରେ । ଭକ୍ତ ହୃଦୟର ଭାବକଥା ଏବଂ ଅନୁଭୂତିର ଲୀଳା ପ୍ରକାଶ କରିବାକୁ ଭାଷା ନାହିଁ । ଯେତେବେଳେ ହୃଦୟ ବଲ୍ଲଭ କେଶବଙ୍କୁ ବୁକୁରେ ଧରି ହୃଦୟଭିତରେ ରଖି, ଆଖି ପୂରେଇ ଦେଖିଲେ ମଧ ମନର ପିପାସା ମେଣ୍ଟୁନାହିଁ, ସେତେବେଳେ ତାହାକୁ ଭାଷାରେ ପ୍ରକାଶ କରିବା ପାଇଁ ଶବ୍ଦର ଅଭାବ ଅନୁଭୂତ ହେଉଛି । ପ୍ରକାଶ କରିବା ବା କିପରି ?

ତେବେ ପ୍ରଭୁ ଚିର ମଧୁମୟ । ସେ ମଧୁରତା କିପରି–ତାହାର ଭକ୍ତ ଛଡ଼ା ଅନ୍ୟ କେହି କହି ପାରିବେ ନାହିଁ ।।

**''ମଧୁରଂ ମଧୁରଂ ବପୁରସ୍ୟ ବିଭୋ ।**
**ମଧୁରଂ ମଧୁରଂ ବଦନଂ ମଧୁରମ୍ ।।**
**ମଧୁଗନ୍ଧ ମୃଦୁ ସ୍ମିତମେତ ଦହୋ ।**
**ମଧୁରଂ ମଧୁରଂ ମଧୁରଂ ମଧୁରମ୍ ।।''**

# ଜିଜ୍ଞାସା : ଜିଜ୍ଞାସୁ

*ଦିବଂଗତ ଶ୍ରଦ୍ଧେୟ ଜଟାଶଦା'– କ୍ଷିତିଜ୍ୟୋତିଃ ଆଶ୍ରମ ଏବଂ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ପ୍ରଥମ ପ୍ରଧାନାଚାର୍ଯ୍ୟ ଶ୍ରୀଶ୍ରୀଠାକୁରଙ୍କ ସନ୍ନିଧାନରେ ପଦ୍ମପାଦରେ ବିନୀତ ପ୍ରାର୍ଥନା ଜଣାନ୍ତି ଜିଜ୍ଞାସାର ସମାଧାନ ପାଇଁ । ଭାବଗ୍ରାହୀ କରୁଣାସାଗର ଠାକୁରେ ମଧ ସହାସ୍ୟବଦନରେ ଆଶ୍ରମ ପରିସରର ନିଭୃତ କୋଣରେ ବହୁ ଏକାନ୍ତ ମୁହୂର୍ତ୍ତରେ ଜଟାଶଦା'ଙ୍କ ଆଧ୍ୟାତ୍ମିକ ପ୍ରଶ୍ନ ସମୂହର ସହଜ ଉତ୍ତରମାନ ପରମ ସନ୍ତୋଷର ସହିତ ଦେଇ ଅଛନ୍ତି । ଏହି ଆଧ୍ୟାତ୍ମିକ ପ୍ରଶ୍ନୋତ୍ତରୀର ସ୍ୱାକ୍ଷର ବହନ କରି 'ଚରମ' ପୃଷ୍ଠାରେ 'ଜିଜ୍ଞାସା: ଜିଜ୍ଞାସୁ' ଏକ ନିୟମିତ ଶୀର୍ଷକ । ପାଠକପାଠିକା ଭାଇଭଉଣୀମାନଙ୍କ ପାଇଁ ସଂପାଦନାର ଅର୍ଘ୍ୟ–''ଶ୍ରୀଶ୍ରୀ ଠାକୁରଙ୍କ ସହିତ: ନାନା ପ୍ରସଙ୍ଗେ:'' ଏ ସଂଖ୍ୟାରେ ପାଠକପାଠିକାମାନଙ୍କର ସୁଖପାଠ ନିମନ୍ତେ ଆମର ଆବେଦନ–'ସନ୍ଦେଶପତ୍ର'ରୁ 'ଦଶମୋଦକ'ର ''ବିକାରଗ୍ରସ୍ତ ହୋଇ ସଂଘ ବର୍ଜନ ନ କରିବା'':*

## 'ଚରମ' ପଞ୍ଚମ ପୁଷ୍ପ : ପ୍ରଥମ ପାଖୁଡ଼ା : ବିଂଶତିତମ ସଂଖ୍ୟା ଉତ୍ତାରୁ :

ପ୍ରଶ୍ନ : ସଂସ୍କାରରୁ ସୃଷ୍ଟି ହେଉଥିବା ବୃତ୍ତି ଗୁଡ଼ିକର ପ୍ରକୃତି ସହିତ କି ସଂପର୍କ ଅଛି ?

ଠାକୁରେ : ପ୍ରକୃତିର ଧର୍ମ କ'ଣ ଜାଣିଛ ? ପ୍ରକୃତିର ଧର୍ମ ଶରୀରରେ କ୍ଷୁଧାପିପାସା ଆଦି ସୃଷ୍ଟି କରିବା । ସେହିପରି ବୃତ୍ତିର ଧର୍ମ ହେଉଛି ରୁଚିରୁ ସ୍ୱଭାବ ସୃଷ୍ଟି କରିବା । ସବୁରି ଭିତରେ କ୍ଷୁଧା ପିପାସା ଏକ ଅଟେ । କିନ୍ତୁ ବୃତ୍ତି ଅନୁଯାୟୀ ରୁଚି ଭିନ୍ନ ଭିନ୍ନ, ତେଣୁ ସ୍ୱଭାବ ମଧ ଭିନ୍ନ ଭିନ୍ନ ।

ପ୍ରଶ୍ନ : ଏହି ବୃତ୍ତି ସକଳ ଜୀବର ଅର୍ଜିତ ଫଳ ଅଟେ କି ?

ଠାକୁରେ : ହଁ, ଏହା ଜୀବଦ୍ୱାରା ଅର୍ଜିତ ଫଳ ଅଟେ ।

ପ୍ରଶ୍ନ : ଏହା କିପରି ଜୀବଦ୍ୱାରା ଅର୍ଜିତ, ଦୟାକରି ବୁଝାଇ କୁହନ୍ତୁ ?

ଠାକୁରେ : ଇନ୍ଦ୍ରିୟ ବିଷୟ ଗ୍ରହଣ କରିବା କାରଣରୁ, ଅଭ୍ୟାସ ସୂତ୍ରରେ ରୁଚି ସୃଷ୍ଟି ହୁଏ । ଏହି ରୁଚି ପର୍ଯ୍ୟାୟ କ୍ରମରେ ବୃତ୍ତିରେ ପରିଣତ ହୋଇଥାଏ । ଏହି ଅଭ୍ୟାସ ସୂତ୍ର ଜୀବର ଆୟତ୍ତାଧୀନ ହୋଇଥିବାରୁ ଏଥିପାଇଁ ଜୀବ ନିଜେ ଦାୟୀ ହୋଇଥାଏ ।

ପ୍ରଶ୍ନ : ଏହି ବୃତ୍ତି ସକଳକୁ ନିୟନ୍ତ୍ରଣ କରିବାର ଉପାୟ କ'ଣ ?

ଠାକୁରେ : ଜୀବ ଯେପରି ଅଭ୍ୟାସ ସୂତ୍ରରୁ ବୃତ୍ତି ତୋଳେ, ସେହିପରି ଅଭ୍ୟାସ ସୂତ୍ରରେ ମଧ ବୃତ୍ତି ନିୟନ୍ତ୍ରଣ କରି ପାରିବ ।

ପ୍ରଶ୍ନ : ଜନ୍ମ ଜନ୍ମାନ୍ତର ବୃତ୍ତି ଓ ଅଭ୍ୟାସ ସୂତ୍ରରୁ ସୃଷ୍ଟ ବୃତ୍ତି ମଧରେ କି ପାର୍ଥକ୍ୟ ଅଛି ?

ଠାକୁରେ : ଜନ୍ମ ଜନ୍ମାନ୍ତରର ବୃତ୍ତି ସିଦ୍ଧ, ଯାହା ସମୟ ବା ପର୍ଯ୍ୟାୟ ଅନୁକ୍ରମେ ବିକଶିତ ହୋଇ ଜୀବକୁ ତାର ବିଷୟଭୋଗ ଦିଗକୁ ସ୍ୱତଃ ଆକର୍ଷଣ କରିଥାଏ । ଅଭ୍ୟାସ ସୂତ୍ରରୁ ସୃଷ୍ଟ ବୃତ୍ତି ଇହ ଜନ୍ମରେ କର୍ମଯୋଗରୁ ଉତ୍ପତ୍ତି ହୋଇ ଜୀବର ସଂସ୍କାର ପର୍ଯ୍ୟନ୍ତ ଯାଇଥାଏ । ଏହି ସଂସ୍କାର ପରବର୍ତ୍ତୀ ଜନ୍ମକୁ ଜୀବ ସହିତ ରହି ଜୀବକୁ ସ୍ୱତଃ ଫଳଭୋଗ କରାଇଥାଏ । ଉଦାହରଣଟିଏ ଦେଲେ ବୁଝି ପାରିବ । ଯଥା–ଧନୀ ଘରେ ଜନ୍ମ ହେବା ଓ ଗରୀବ ଘରେ ଜନ୍ମହୋଇ ଅଭ୍ୟାସ ସୂତ୍ରଦ୍ୱାରା କର୍ମଯୋଗ ସହ ରୋଜଗାର କରି ଧନୀ ହେବା ।

ପ୍ରଶ୍ନ : କେଉଁ ପ୍ରକାରର ଅଭ୍ୟାସସୂତ୍ର ଅବଲମ୍ବନ କଲେ ଶରୀର ସ୍ଥିତବୃତ୍ତିକୁ ନିୟନ୍ତ୍ରଣ କରାଯାଇ ପାରିବା ସହ ଏହାକୁ ସମୂଳେ ନଷ୍ଟ କରାଯାଇ ପାରିବ ?

ଠାକୁରେ : ବିଷୟଭୋଗରୁ ବୃତ୍ତିର ଜାତ । ବୃତ୍ତି ସକଳ ଏକତ୍ରିତ ହୋଇ ଜୀବର ବୈଶିଷ୍ଟ୍ୟ ଭାବରେ ଦେହସ୍ଥିତ କ୍ଷୁଧାତୃଷ୍ଣାକୁ ନିର୍ବାପିତ କରାଇ ଜୀବକୁ ବଂଚାଇ ରଖି ବଢ଼ାଉ ଅଛି । ଯଦି ବୃତ୍ତି ସକଳକୁ ସମୂଳେ ନଷ୍ଟ କରି ଦିଆଯାଏ ବା ତ୍ୟାଗ କରାଯାଏ, ତେବେ ଜୀବର ଅନାହାର ମୃତ୍ୟୁ ହେବା ନିଶ୍ଚିତ । ତେଣୁ କଦାପି ବୃତ୍ତିକୁ ତ୍ୟାଗ ବା ନଷ୍ଟ କରାଯାଇ ପାରିବ ନାହିଁ । ମାତ୍ର ନିୟନ୍ତ୍ରଣ କରି ଆଦର୍ଶରେ ପରିଣତ କରାଯାଇ ପାରିବ । ସୃଷ୍ଟିର କୌଣସି ବିଷୟ ତେଜ୍ୟ ନୁହେଁ କି ଭୋଗ୍ୟ ମଧ୍ୟ ନୁହେଁ ।

ପ୍ରଶ୍ନ : ଯଦି କୌଣସି ବିଷୟ ତ୍ୟାଗ କରାଯାଏ ନାହିଁ କି ଭୋଗ କରାଯାଏ ନାହିଁ । ତେବେ କ'ଣ କରାଯାଏ ?

ଠାକୁରେ : କହିଲି ପରା ଆଦର୍ଶ, ଆଉ ଏହି ଆଦର୍ଶର ସଂଜ୍ଞା କ'ଣ ଜାଣ ? କହୁଛି ଶୁଣ । ପ୍ରତ୍ୟେକ ବିଷୟରେ ବିବେକ ପୂର୍ଣ୍ଣ ଚୈତନ୍ୟଯୁକ୍ତ ସଂଯୋଗର ନାମ ଆଦର୍ଶ ଅଟେ ?

ପ୍ରଶ୍ନ : ବିବେକର ସଂଜ୍ଞା ତାହେଲେ କ'ଣ ଅଟେ ?

ଠାକୁରେ : ଯାହା ଚିତ୍ତରେ ଚେତାଆଣି ଚିନ୍ତାକୁ ଚୈତନ୍ୟ ଯୁକ୍ତ କରାଇଥାଏ ତାହାହିଁ ବିବେକ ଅଟେ ।

ପ୍ରଶ୍ନ : ତେବେ ଆଦର୍ଶରେ କ'ଣ ବିକାର ନ ଥାଏ ?

ଠାକୁରେ : ଆଦର୍ଶ ହିଁ ବିକାରର କଳଙ୍କକୁ ଧୋଇ ଦେଇଥାଏ । ଯେପରି ପଙ୍କରେ ପଶିଲେ ଗୋଡ଼ ପଙ୍କିଳ ହୋଇଥାଏ ଓ ପାଣିଦ୍ୱାରା ତାକୁ ଧୋଇ ପରିଷ୍କାର କରିହୁଏ ।

ପ୍ରଶ୍ନ : ଦେଖାଯାଏ କେହି ଆଦର୍ଶ କଥା କହନ୍ତି ତ କେହି କେହି ଆଦର୍ଶ ମଧ୍ୟ ଦେଖାନ୍ତି, କିନ୍ତୁ କିଛି କାଳପରେ ଦେଖାଯାଏ ଆଦର୍ଶରେ ଥାଇ ମଧ୍ୟ ବିକାର ଗ୍ରସ୍ତ ହେଉଛନ୍ତି । ଏହାର କାରଣ କ'ଣ ?

ଠାକୁରେ : କୌଣସି କାର୍ଯ୍ୟକୁ ପୁନଃ ପୁନଃ କର୍ଷଣ କରିବାର ନାମ ଅଭ୍ୟାସ । ଥରେ କୌଣସି ବିଷୟ ଅଭ୍ୟସ୍ତ ହୋଇ ଆଦର୍ଶରେ ପରିଣତ ହେଲେ ମଧ୍ୟ ଯଦି ତାକୁ ପୁନଃପୁନଃ କର୍ଷଣ କରାନଯାଏ, ବା ଅଭ୍ୟାସ ସୂତ୍ରରେ କର୍ମଯୋଗ କରାନଯାଏ, ତେବେ ଏହି ଆଦର୍ଶ ମଧ୍ୟ ଦିନେ ବିକାର ଦ୍ୱାରା କଳଙ୍କିତ ହେବା ଅସମ୍ଭବ ନୁହେଁ । ଯେଉଁମାନେ ଆଦର୍ଶ ସିଦ୍ଧ ଭାବି କର୍ମ ଯୋଗର କର୍ଷଣକୁ ପୁନଃ ପୁନଃ ଜାଗରଣରେ ନ ରଖନ୍ତି ସେମାନଙ୍କର ଏପରି ଦୁର୍ଦ୍ଦଶା ହୋଇଥାଏ । ସେଥିପାଇଁ ଭାଗବତରେ ଏକ ପଦ ଅଛି ।

"ଅଞ୍ଜନ ରଞ୍ଜୁଥିଲେ ନିତ୍ୟେ । ମଳି ନ ରହେ ଯେହ୍ନେ ନେତ୍ରେ ।।"

ପ୍ରଶ୍ନ : ସଂଘୀୟ ବିକାର କ'ଣ ? ଏ ବିଷୟରେ ଟିକେ ଭଲ ଭାବରେ କୁହନ୍ତୁ ?

ଠାକୁରେ : ଏକକ ଆଦର୍ଶରେ ଦୀକ୍ଷିତ ହୋଇ, ସାମୁହିକ ଭାବରେ ଏକତ୍ର ହୋଇ କର୍ମ କରିବା ହେଉଛି ସଂହତି । ସଭିଏଁ ମିଶି ଏକକ ଆଦର୍ଶକୁ ନିରୀକ୍ଷଣ କରିବାର ଲକ୍ଷ୍ୟ ନେଇ ସଂଘ ଗଢ଼ନ୍ତି । ଆଉ ଯେତେଦିନ ପର୍ଯ୍ୟନ୍ତ ସଂଘର ସଭ୍ୟ ସମୂହ ଆଦର୍ଶକୁ ନିରୀକ୍ଷଣ କରୁଥାଆନ୍ତି ସେତେଦିନ ପର୍ଯ୍ୟନ୍ତ ସଂଘ ଓ ସଂହତି ଜୀବନ ସହଜ ଓ ସରଳ ହୋଇ ରହିଥାଏ । ଆଉ ଯେଉଁଦିନ ପରସ୍ପର ପରସ୍ପରକୁ ନିଜ ନିଜର ସ୍ୱଭାବ ଓ ରୁଚି ଅନୁଯାୟୀ ନିରୀକ୍ଷଣ କରନ୍ତି ସେତେବେଳେ ସଂଘ ଓ ସଂହତିର ଜୀବନ ବିପର୍ଯ୍ୟସ୍ତ ହୋଇଥାଏ ।

ପ୍ରଶ୍ନ : ଆମ୍ଭେମାନେ ଯଦି କେହି କାହାରିକୁ ନିରୀକ୍ଷଣ ନ କରିବୁ, ପରସ୍ପର ପରସ୍ପରକୁ ନ ଜାଣିବୁ ତେବେ ମିଳିମିଶି ସଂଘ ବଦ୍ଧ ନେଇ କାର୍ଯ୍ୟ କରିବୁ କିପରି ?

ଠାକୁରେ : ପରସ୍ପର ମିଳିମିଶି ଜଗତକଲ୍ୟାଣ କର୍ମ କରିବା ଆଉ ନିଜେ ନିଜକୁ ଓ ନିଜର କର୍ମଧାରାକୁ ନିରୀକ୍ଷଣ ନ କରି ଅନ୍ୟର ଦୋଷ ଦୁର୍ବଳତାକୁ ନିରୀକ୍ଷଣ କରିବା କ'ଣ ଗୋଟିଏ କଥା ? ଗୁରୁସ୍ୱାମୀଙ୍କର ଆଦର୍ଶକୁ ନିରୀକ୍ଷଣ ଓ ଅନୁଶୀଳନକଲେ ସଂହତି ଆସେ । ଆଉ ପରସ୍ପରକୁ ନିରୀକ୍ଷଣ କଲେ ଆପଣା ଦୋଷରୁ ଜୀବ ବିକାର ଗ୍ରସ୍ତ ହୋଇ ସଂହତି ଭାଙ୍ଗେ । ଅର୍ଥାତ୍ ସଂହତି ହରାଇ ବିକାରଗ୍ରସ୍ତ ବ୍ୟକ୍ତି ସଂଘୀୟ ଜୀବନ ତଥା ସଂଘ ଠାରୁ ଦୂରେଇ ଯାଏ ।

ପ୍ରଶ୍ନ : ସଂଘୀୟ ଜୀବନରେ ବିଶୃଙ୍ଖଳାର ଏହାହିଁ କ'ଣ କାରଣ ?

ଠାକୁରେ : ''ଆଦର୍ଶକୁ ଛାଡ଼ି ଦେଖିଲେ ଦୋଷ । ଅନ୍ତର ଭିତରେ ଅନେକ ରୋଷ ।।''

ପ୍ରଶ୍ନ : କେହି କେହି ଆଦର୍ଶରେ ଦୋଷ ଦେଇ ଦୂରେଇ ଯାଆନ୍ତି । ଏହା କ'ଣ ଠିକ୍ ? ପ୍ରକୃତରେ ଆଦର୍ଶରେ କ'ଣ ଦୋଷ ଥାଇପାରେ ?

ଠାକୁରେ : ଆଲୋକ ଭିତରେ କ'ଣ ଅନ୍ଧକାର ଅଛି ?

ପ୍ରଶ୍ନ : ତେବେ ଲୋକେ ଆଦର୍ଶରେ ଦୋଷାରୋପ କରି ବିକାର ଗ୍ରସ୍ତ ହୁଅନ୍ତି କାହିଁକି ?

ଠାକୁରେ : ପ୍ରତୀକ୍ଷାର ଅଭାବରୁ ।

ପ୍ରଶ୍ନ : ପ୍ରତୀକ୍ଷାରେ ଯେଉଁ ଯନ୍ତ୍ରଣାହୁଏ ତାହା କ'ଣ ବିକାର ନୁହେଁ କି ? ଯେପରି ପ୍ରବଳ ଭାବରେ କ୍ଷୁଧାରେ ଆତୁର ଥିବା ବ୍ୟକ୍ତିକୁ ଯଦି ମୁଠାଏ ଧାନ ଦିଆଯାଏ ସେତେବେଳେ ତା'ର ମନରେ, ଦେହରେ, ବାକ୍ୟରେ ଯେଉଁ ଭାବ ପ୍ରକାଶ ପାଏ ତାହା କ'ଣ ବିକାର ନୁହେଁ ?

ଠାକୁରେ : ପ୍ରତୀକ୍ଷାରେ ଯେଉଁ ଯନ୍ତ୍ରଣା ତାହା ବିକାର ନୁହେଁ ତାହା ପରିପକ୍ୱତା । ମଞ୍ଜି ଯେତେବେଳେ ମାଟିରେ ପଡ଼ି ଗଛହୁଏ, ମାଟିଭିତରୁ ଭ୍ରୂଣ ବାହାରକୁ ଆସେ ସେତେବେଳେ ମାଟି ଫାଟିଯାଏ ନାହିଁକି ? ମାଟି ଫାଟିବା ଦ୍ୱାରା ମାଟିକୁ ଯେଉଁ ଯନ୍ତ୍ରଣା ହୁଏ ତାହା ଚାରାଗଛ ପାଇଁ ପରିପକ୍ୱତା ନା ବିକାର ? ଆଦର୍ଶର ଦକ୍ଷତାକୁ ପ୍ରତୀକ୍ଷା ନ କରି ସନ୍ଦେହ କଲେ ଜୀବ ବିକାର ଗ୍ରସ୍ତ ହୋଇ ଅନ୍ତରରେ ବିକୃତ ଭାବ ତୋଳେ । ଏହି ସମୟରେ ଜୀବ ସଂହତି ଛାଡ଼ି ଆଦର୍ଶର ଦୋଷାରୋପ କରିଥାଏ ।

ପ୍ରଶ୍ନ : ଆଦର୍ଶରେ ଦୋଷାରୋପ କରିବାର ଫଳ କ'ଣ ହୋଇଥାଏ ?


ଠାକୁରେ : ଆଦର୍ଶକୁ ସନ୍ଦେହ କଲେ ଜଗତ ତୁମକୁ ସନ୍ଦେହ କରିବ । ଆଦର୍ଶରେ ସଂହତି ହେଉଛି ଗୁରୁଙ୍କର ଲୀଳାଭୂମି, ଈଶ୍ୱରଙ୍କୁ ଉପଲବ୍ଧ କରିବାର ମାର୍ଗ, ଆତ୍ମଜ୍ଞାନ ଲାଭର ଉପାୟ, ଦିବ୍ୟଜ୍ଞାନ ଓ ପ୍ରେମ ଭକ୍ତିର ମୂର୍ତ୍ତିମନ୍ତ କୈବଲ୍ୟ । ଏଣୁ ପ୍ରତୀକ୍ଷା କର, ପରିପକ୍ୱତା ଆସିବ । ସନ୍ଦେହ କରି ବିକାର ଗ୍ରସ୍ତ ହୋଇ ସଂଘ ବର୍ଜନ କରନାହିଁ । ପ୍ରସାଦରୁ ବଞ୍ଚିତ ହୁଅ ନାହିଁ । (କ୍ରମଶଃ)

❋❋❋

ଆଚରଣ ଶୁଦ୍ଧ ନ ହେଲେ,
ପଦେପଦେ ବିପଦ ।
କାଳ ହରିନିଏ ଆବାସ,
ଅନ୍ନ, ବସ୍ତ୍ର, ସଂପଦ ।।

ମୁକ୍ତି ମୋକ୍ଷ ଲକ୍ଷ୍ୟ ଯେବେ,
ବନ୍ଧନରେ ପଡ଼ କାହିଁକି ?
ଆପଣା ଆପେ ପରୀକ୍ଷାକର,
କାଳସୂତ୍ର ମନେ ନାହିଁକି ?

# ସମ୍ଭବାମି ଯୁଗେ ଯୁଗେ
# ରଙ୍ଗବେଦୀ



''ଅଙ୍ଗୁଷ୍ଠମାତ୍ର ପୁରୁଷୋଽନ୍ତରାତ୍ମା ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ ।
ହୃଦା ମନ୍ୱୀଶୋ ମନସାଭିକ୍ଲୃପ୍ତୋ ଯ ଏତଦ୍ୱିଦୁରମୃତାସ୍ତେ ଭବନ୍ତି ।।''
(ଶ୍ୱେତାଶ୍ୱେତ ଉପନିଷଦ୍ : ୩/୧୩)

ଅଙ୍ଗୁଷ୍ଠମାତ୍ର ପୁରୁଷରୂପେ ସେ ଆମ ହୃଦୟଦେଶରେ ରହି ଅଛନ୍ତି ବୋଲି ସମସ୍ତେ କହିଥାଆନ୍ତି । ମାତ୍ର ତାହା ପ୍ରକୃତ ତାତ୍ତ୍ୱିକ ତଥ୍ୟ ନୁହେଁ । ସେ ଆମ୍ଭମାନଙ୍କ ଶିରଦେଶସ୍ଥ ସହସ୍ରାର ଉପରେ ଅବସ୍ଥାନ କରୁଥିଲେ ମଧ୍ୟ ସମସ୍ତ ଅଙ୍ଗରେ ପ୍ରାଣ ରୂପେ ପରିବ୍ୟାପ୍ତ । ପଞ୍ଚ ମହାଭୂତରେ ଗଢ଼ା ଆମର ଏ ଶରୀର । ବ୍ୟୋମତତ୍ତ୍ୱ ସମସ୍ତ ତତ୍ତ୍ୱର ଊର୍ଦ୍ଧ୍ୱରେ । ଏହା ସହସ୍ରାର ପଦ୍ମ ଊର୍ଦ୍ଧ୍ୱରେ ସଦ୍‌ରୂପ ମଣ୍ଡଳ । ପଞ୍ଚପ୍ରାଣକୁ ନେଇ ଆମ ଶରୀର ତିଷ୍ଠି ରହିଛି । ମହାବ୍ୟୋମ ସ୍ତରରେ ଅନାହତ ଧ୍ୱନି ଅବିରତ ଧ୍ୱନିତ ହେଉଅଛି । ଧ୍ୱନିରୁ ସ୍ପନ୍ଦନ ଏବଂ ସ୍ପନ୍ଦନରୁ କୋଷ ଓ ସ୍ନାୟୁ ପ୍ରକ୍ରିୟା ସତତ ଚଳମାନ । ଏହି ଚଳତ୍ ପ୍ରକୃତିରୁ ଶରୀରର ଅଭ୍ୟନ୍ତରରେ ନାନା ପରିବର୍ତ୍ତନ ନିୟତ ସଂଘଟିତ । ପରିବର୍ତ୍ତନର ବହିଃରଙ୍ଗ ସଦୃଶ ବିଭିନ୍ନ ଭାବାବସ୍ଥାର ସୃଜନ । ତହିଁରୁ ଜୀବର ଜୀବନଚର୍ଯ୍ୟା ଓ ଆଚରଣ ଧାରା ବହିର୍ଗତ । ଏହି ଦେହବିଜ୍ଞାନ ସତ୍ୟର ଉଦ୍‌ଘାଟନ ନିମନ୍ତେ 'ଚରମ' ପୃଷ୍ଠାରେ ନିୟମିତ **''ସମ୍ଭବାମି ଯୁଗେ ଯୁଗେ''** ସ୍ତମ୍ଭରେ 'ଜନନୀ ଜଠର-ଜରାୟୁ'ର ଅବତାରଣା ।।

'ଚରମ' : ପଞ୍ଚମ ପୁଷ୍ପ : ପ୍ରଥମ ପାଖୁଡ଼ା : ବିଂଶତମ ସଂଖ୍ୟାର ଅନୁସୃତିରୁ :

## ଜନନୀ ଜଠର-ଜରାୟୁ

### (୪୦) ରଜୁଗୁର୍ଜ୍ଜରୀ କୋଷ :

ଏହି କୋଷ ପର୍ଯ୍ୟାୟକ୍ରମେ ଶରୀରର ପ୍ରାୟ ସମସ୍ତ (ପୂର୍ବ ସଂଖ୍ୟାରେ ଆଲୋଚିତ) କୋଷ ଓ ନାଦ ସହ ସଂପର୍କ ରକ୍ଷାକରି ଜୀବର ଜୀବନଚକ୍ରକୁ ନିୟନ୍ତ୍ରଣ କରିଥାଏ । ତାହାରି ପ୍ରଭାବରେ ଦେହର ଭିନ୍ନ ଭିନ୍ନ ସ୍ଥାନରେ କ୍ରିୟାମାନ ଅନୁଷ୍ଠିତ ହୁଏ । ରଜୁଗୁର୍ଜ୍ଜରୀ କୋଷ ମୁଖ୍ୟତଃ ଯେଉଁ କୋଷ, ନାଦ, ଗୃହ ସହିତ ମିଳିତ ହୋଇ ଜୀବର ଶରୀର ଓ ମନକୁ ନିୟନ୍ତ୍ରଣ କରିଥାଏ, ସେଗୁଡ଼ିକ ହେଲା ଆଭିଣୀ କୋଷ, ଶୃଣଭୃଙ୍ଗ କୋଷ, ନିପ୍ରାକୋଷ, ଶୃଣ ସୂକ୍ଷ୍ମଭୃଙ୍ଗ, ଅଶ୍ୱିନୀ ସୂକ୍ଷ୍ମଭୃଙ୍ଗ, ଅକ୍ଷୌଧି, ମନୁଷା, ନାଦଗର୍ଦ୍ଧଣ, ଖଣ୍ଡକ କୋଷ, ବିନ୍ଦୁବନ୍ଧୁରୀ, ଶୃଣଭୃଙ୍ଗ, ବାହୁକ ନାଦ, ଭୌମୀନାଦ, ଗୌଲାକାନ୍ତି, ଗ୍ରସ୍ଥରୀ ଓ ସ୍ତମ୍ଭ କୁଣ୍ଡଳିନୀ ।

ମୟୁରୀ ଯେପରି ବର୍ଷା ଦେଖିଲେ ଆନନ୍ଦରେ ନାଚି ଉଠି ଏକାକାର ହୋଇଯିବାକୁ ଚାହେଁ, ଜଣେ କଣ୍ଠଶିଳ୍ପୀ **ସଂଗୀତ**ର ମୂର୍ଚ୍ଛନା ଶୁଣିଲେ ଯେପରି ପାଗଳ ହୋଇଉଠେ ଓ ସେହି ପରିବେଶରେ ବୁଡ଼ିଯିବାକୁ ପ୍ରୟାସ କରେ, **ନର୍ତ୍ତକୀ** ଯେପରି ସଂଗୀତର ତାଳେତାଳେ ନୃତ୍ୟ କରିବାକୁ ଆତ୍ମହରା ହୋଇଉଠେ, ଠିକ୍ ସେହିପରି ରଜୁଗୁର୍ଜ୍ଜରୀ **କୋଷ** ତାହାର ସଂଲଗ୍ନକୋଷ ସହିତ ଥରେ ଏକତ୍ର ହୋଇଗଲେ ସେହି କୋଷ ଗୃହର ଭାବ, ଅବସ୍ଥାକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରି ତା ନିଜର କର୍ତ୍ତୃତ୍ୱ ଜାହିର କରିଥାଏ ଓ ସେହି ଭାବରେ ଜୀବର ମନ, ଶରୀରକୁ ପରିଚାଳିତ

କରିଥାଏ । ସେଇଥିପାଇଁ ଜୀବର ସ୍ୱଭାବ ଘନ ଘନ ପରିବର୍ତ୍ତନ ହୋଇଥାଏ । ମାତ୍ର ଏ ସମସ୍ତ ଗୁପ୍ତରହସ୍ୟ ସଂପର୍କରେ ଅନଭିଜ୍ଞ ଥିବାରୁ ଜୀବ ନିଜକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୋଇଯାଏ । ପରୋକ୍ଷରେ ପଞ୍ଚଭୂତ ମାୟାର ଦାସତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହୁଏ । ସେହି ସମସ୍ତ ଅପ୍ରକାଶ୍ୟ ତତ୍ତ୍ୱ ସମୂହକୁ ସରଳୀକରଣ କରି ଜୀବଜଗତର ଅସମାହିତ ସମସ୍ୟାର ସମାଧାନରେ ଲକ୍ଷ୍ୟ ରଖି ରଜ୍ଜୁଗୁର୍ଜ୍ଜରୀକୋଷ କେଉଁ କେଉଁ କୋଷ/ଭୃଙ୍ଗ/ନାଦ/ଗ୍ରହର ମିଶ୍ରଣରେ କି ପ୍ରକାର କ୍ରିୟା ସୃଷ୍ଟିକରେ ଓ ତାହାର ଫଳାଫଳ କେଉଁ ଆକାର ଧାରଣ କରେ ତାହାର କେତୋଟି ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ କରାଯାଉଛି ।

## ୧. ମାନସିକ ରୋଗ (ପାଗଳ ଅବସ୍ଥା) :

ଆଭିଣୀ କୋଷ ସର୍ବଦା ରଜ୍ଜୁଗୁର୍ଜ୍ଜରୀ କୋଷର ସହଯୋଗ ନିଏ ଓ ଏହା ସହିତ ମିଳିତ ହେବାର ସୁଯୋଗ ଖୋଜୁଥାଏ । ଶରୀରର ପ୍ରାକୃତିକ କ୍ରିୟାନୁସାରେ ଯଦି ଆଭିଣୀ କୋଷ ଶୁଣ୍ଢଭୃଙ୍ଗ ସହ ଏକତ୍ର ହୋଇଯାଏ, ତେବେ ଉଭୟଙ୍କର ସଙ୍ଗମସ୍ଥଳୀରେ ସ୍ନାୟୁ ତୀର୍ଯ୍ୟକ ଭାବେ ରହିଯାଏ । ଏହି ଅବସ୍ଥାରେ ରଜ୍ଜୁଗୁର୍ଜ୍ଜରୀ କୋଷର କ୍ରିୟା ଉକ୍ତ ସଙ୍ଗମସ୍ଥଳୀକୁ ସ୍ପର୍ଶ କଲେ ବ୍ୟକ୍ତି ପାଗଳ ହୋଇଯାଏ । ବିପରୀତ କ୍ରିୟା, କର୍ମ ମାଧ୍ୟମରେ ସଙ୍ଗମର ପୃଥକୀକରଣ ହୋଇଗଲେ ବ୍ୟକ୍ତିର ପାଗଳାମୀ ଭଲ ହୋଇଯାଏ । କିନ୍ତୁ ଯଦି ଉପରୋକ୍ତ ତ୍ରିବେଣୀ (ଆଭିଣୀ, ଶୁଣ୍ଢଭୃଙ୍ଗ ଓ ରଜ୍ଜୁଗୁର୍ଜ୍ଜରୀ) ସଂଗମ ଅଲଗା ନ ହୋଇ ଦୀର୍ଘଦିନ ଧରି ସ୍ଥାୟୀ ହୋଇ ରହିଯାଏ, ତେବେ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟକ୍ତିର ପାଗଳ ଅବସ୍ଥା ଭଲ ହୁଏ ନାହିଁ । ଉଦାହରଣ ସ୍ୱରୂପ, କୌଣସି ପରିଷ୍କାର ବସ୍ତୁରେ ଯଦି ତରଳ ଅଠା ଲାଗିଯାଏ ବସ୍ତୁଟି ବିକୃତ ହୋଇଯାଏ ଓ ତାହାର ମୌଳିକ ସ୍ୱରୂପ ଉପରେ ଏକ ଆସ୍ତରଣ ଲାଗି ମୂଳ ରୂପଟିକୁ ପରିବର୍ତ୍ତନ କରିଦିଏ । ଯଦି ସଂଗେ ସଂଗେ ତାହାକୁ ପାଣି ସାହାଯ୍ୟରେ ପରିଷ୍କାର କରି ଦିଆଯାଏ, ତେବେ ମୌଳିକ ଅବସ୍ଥା ଅପରିବର୍ତ୍ତିତ ରହେ । ଅଠା ଥରେ **ଶୁଷ୍କ ହୋଇ କଠିନ** ଅବସ୍ଥା ପ୍ରାପ୍ତ ହୋଇଗଲେ ସଂପୂର୍ଣ୍ଣ ଭାବରେ ପରିଷ୍କାର ହେବା ଅସମ୍ଭବ ହୋଇଯାଏ । **ପୁନଶ୍ଚ ଦୁଇଟି ଭିନ୍ନ ବସ୍ତୁକୁ ଯଦି କୌଣସି ଅପ୍ରାକୃତିକ ଉପାୟରେ** ଏକତ୍ର କରାଯାଇ ଅନେକ ଦିନ ଧରି ରଖି ଦିଆଯାଏ, **ତେବେ ଯେଉଁ ଅବସ୍ଥାରେ ଏକତ୍ରୀକରଣ କରାଯାଇଥାଏ**, ସେହି ଅବସ୍ଥାହିଁ ରହିଯାଏ । ସଂଯୋଗ କରୁଥିବା ଅପ୍ରାକୃତିକ **ମିଶ୍ରଣକୁ ପୃଥକ କରିବାକୁ ଚେଷ୍ଟା କଲେ** ମଧ୍ୟ ହେବା ସମ୍ଭବ ହୁଏ ନାହିଁ । ଯଦିବା ହୁଏ ତେବେ ସ୍ପଷ୍ଟ ଦାଗ ରଖି **ଦେଇଯାଏ । ଜୀବନ୍ତ ବୃକ୍ଷମାନଙ୍କର ଉଦାହରଣ** ମଧ୍ୟ ନିଆଯାଇପାରେ । ଯଥା-କଲମୀ ପ୍ରକ୍ରିୟା । ଦୁଇଟି ପୃଥକ **ଡାଳକୁ ଯଦି ଏକତ୍ର ବାନ୍ଧି ଦିଆଯାଇ** ଆବଶ୍ୟକ ଉପାଦାନ ଦିଆଯାଏ, ତେବେ ଦୁଇଟି ଯାକ ଡାଳ ଏକତ୍ର ହୋଇଯାଏ ଆଉ ବିଭେଦ **ହୋଇପାରେ ନାହିଁ । କାରଣ** ପରସ୍ପର ପରସ୍ପରକୁ ଅତି ନିବିଡ଼ ଭାବରେ ଗ୍ରହଣ କରି ନିଅନ୍ତି । ଠିକ୍ ସେହିପରି **ଆଭିଣୀ ଓ ଶୁଣ୍ଢଭୃଙ୍ଗର ସଂଗମ ସ୍ଥଳୀରେ** ଯେତେବେଳେ ସ୍ନାୟୁଗୁଡ଼ିକ ତୀର୍ଯ୍ୟକ ଅବସ୍ଥାରେ ରହିଥାଏ, **ରଜ୍ଜୁଗୁର୍ଜ୍ଜରୀ କୋଷର** ମିଳନ ଅଠା ଭଳି **କାର୍ଯ୍ୟ** କରେ । ଏହି ଅଠା ଶୀଘ୍ର ଅପସାରଣ ନ ହେଲେ ସ୍ନାୟୁର ତୀର୍ଯ୍ୟକ **ଅବସ୍ଥା ସ୍ଥାୟୀ** ହୋଇଯାଏ । ଫଳରେ ବ୍ୟକ୍ତିର ପାଗଳ ଅବସ୍ଥା ଆରୋଗ୍ୟ ହେବାର ସମ୍ଭାବନା ନ ଥାଏ ।

## ୨. ବିରକ୍ତିଭାବ ଓ ପରିବର୍ତ୍ତନ ଅବସ୍ଥା :

ଶାନ୍ତ, ସ୍ଥିର ଥିବା ଜଣେ ବ୍ୟକ୍ତି ତା'ର ଇଚ୍ଛା ବିରୁଦ୍ଧ, ବା ଆଚରଣ ବିରୁଦ୍ଧ କର୍ମ ଦେଖିଲେ, ଅନୁଭବ କଲେ ହଠାତ୍ ବିରକ୍ତ ହୋଇଯାଏ । ମାନସିକ ଭାରସାମ୍ୟ ହରାଇଦିଏ । ପରବର୍ତ୍ତୀ ଅବସ୍ଥାରେ କ୍ରମଶଃ ବୋଧଶକ୍ତି ପ୍ରୟୋଗରେ ପ୍ରକୃତିସ୍ଥ ହୁଏ ଓ **ଶାନ୍ତ** ଅବସ୍ଥା ପ୍ରାପ୍ତ ହୁଏ । ଏହି କ୍ରିୟାର କାରଣ ହେଉଛି ରଜ୍ଜୁଗୁର୍ଜ୍ଜରୀ କୋଷ । ପୂର୍ବରୁ ଆଲୋଚନା କରାଯାଇଛି ଯେ ଏହି ରଜ୍ଜୁଗୁର୍ଜ୍ଜରୀ କୋଷର କ୍ରିୟା ଶରୀରର ଅଧିକାଂଶ ସ୍ଥାନରେ ଅନୁଭୂତ ହୁଏ । ଗତିଶୀଳ ଅବସ୍ଥାରେ ଯେତେବେଳେ ଏହା ନିପ୍ପା କୋଷର ସଂସ୍ପର୍ଶରେ ଆସିଯାଏ, ସେତେବେଳେ କୌଣସି କାରଣ ଥାଉ ବା ନ ଥାଉ ମନରେ ହଠାତ୍ ବିରକ୍ତି ଭାବ ସୃଷ୍ଟି ହୋଇଯାଏ । ବୋଧଶକ୍ତି ଲୋପ ପାଇଯାଏ । କିନ୍ତୁ

ବ୍ୟକ୍ତି ସଂପୂର୍ଣ୍ଣ ଜ୍ଞାନ ଶୂନ୍ୟ ହୁଏ ନାହିଁ । ଆଂଶିକ ସଂବିତ୍ ଥିବାରୁ ବ୍ୟକ୍ତି ଯେତେବେଳେ ନାଦଗର୍ଦ୍ଦଣ କୋଷ କ୍ରିୟାର ପ୍ରଭାବରେ ବିବେକ/ବୋଧଶକ୍ତି ପ୍ରୟୋଗ କରେ, ସେତେବେଳେ ରଜ୍ଜୁଗୁର୍ଜ୍ଜରୀ କୋଷ ଓ ନିଦ୍ରା କୋଷର ସଂଗମସ୍ଥଳରେ କଂପନ ସୃଷ୍ଟି ହୁଏ ଓ ତାହାର ପ୍ରଭାବରେ ରଜ୍ଜୁଗୁର୍ଜ୍ଜରୀ ଧୀରେ ଧୀରେ ନିଦ୍ରାକୋଷ ଗୃହ ତ୍ୟାଗ କରେ । ଫଳରେ କ୍ରମଶଃ ବ୍ୟକ୍ତିର ମନରୁ ବିରକ୍ତି ଭାବ ଅପସରି ଯାଇ ଶାନ୍ତି ଫେରି ଆସେ । କିନ୍ତୁ ରଜ୍ଜୁଗୁର୍ଜ୍ଜରୀ କୋଷ ସାଧନ କ୍ରିୟାଦ୍ୱାରା ସିଦ୍ଧ ହୋଇଗଲେ ଏହି ବିରକ୍ତି ଭାବ ଆଦୌ ଆସେ ନାହିଁ, ବରଂ କୋଷଟି ପରମବନ୍ଧୁ ହୋଇ ନିଦ୍ରା କୋଷରେ ରଜ୍ଜୁଗୁର୍ଜ୍ଜରୀ କୋଷର ଉନ୍ନତ ଅବସ୍ଥା ଯୋଗୁ କୌଣସି ଅବସ୍ଥାରେ ମଧ୍ୟ ବ୍ୟକ୍ତି ବିରକ୍ତ ହୁଅନ୍ତି ନାହିଁ । ଶାରୀରିକ କ୍ରିୟା ମାଧ୍ୟମରେ ଯଦି ବା କେତେବେଳେ ବିରକ୍ତି ଭାବ ସୃଷ୍ଟି ହୋଇଯାଏ, ତେବେ ତାହା କ୍ଷଣସ୍ଥାୟୀ ହୋଇଥାଏ । ଖୁବ୍ ଶୀଘ୍ର ସେ ନିଜର ବୋଧଶକ୍ତି ସାହାଯ୍ୟରେ କମ୍ପନ ସୃଷ୍ଟି କରାଇ ପ୍ରକୃତିସ୍ଥ ହୋଇ ଯାଆନ୍ତି । ମାତ୍ର ଜଣେ ସାଧାରଣ ବ୍ୟକ୍ତି ଉକ୍ତ କୋଷ ଦ୍ୱାରା ଆକ୍ରାନ୍ତ ହୋଇଗଲେ ବିରକ୍ତିଭାବ ବହୁ ସମୟ ଧରି ରହିଯାଏ । ତେଣୁ ରଜ୍ଜୁଗୁର୍ଜ୍ଜରୀ କୋଷ, ବିରକ୍ତି ଓ ଶାନ୍ତି ଉଭୟ ଭାବକୁ ପିଣ୍ଡ ମଧ୍ୟରେ ସଂଚାଳନ କରାଏ ।

**୩. କ୍ରୋଧର ଉତ୍ପତ୍ତି ଓ ଶାନ୍ତ ପରିବେଶ:**


ଶରୀର ମଧ୍ୟରେ ଶୃଣସୂକ୍ଷ୍ମଭୃଙ୍ଗ ସହିତ ଅଶ୍ୱିନୀ ସୂକ୍ଷ୍ମଭୃଙ୍ଗ ମିଶିଗଲେ କ୍ରୋଧ ଆପେ ଆପେ ସୃଷ୍ଟି ହୋଇଯାଏ । କିନ୍ତୁ ବାହାରକୁ ପରିପ୍ରକାଶ ନ ହୋଇ ମନ ମଧ୍ୟରେ ଚାପି ରହିଥାଏ । ଯେତେବେଳେ ରଜ୍ଜୁଗୁର୍ଜ୍ଜରୀ କୋଷର କ୍ରିୟା ଏହି ଦୁଇ ଭୃଙ୍ଗ ସହ ମିଳିତ ହୁଏ, ସେତେବେଳେ ଜଳପୂର୍ଣ୍ଣ କୁମ୍ଭରେ ଜଳ ହେଲେ ଯେପରି ଉଛୁଳିପଡ଼େ ସେହିପରି ପୁଞ୍ଜୀଭୂତ ହୋଇ ରହିଥିବା କ୍ରୋଧ ଉଛୁଳି ଯାଏ ଓ ଶରୀର ବାହାରକୁ ଅଙ୍ଗ ପ୍ରତ୍ୟଙ୍ଗ ସାହାଯ୍ୟରେ ବାହାରି ଯାଏ । ଏଠାରେ ରଜ୍ଜୁଗୁର୍ଜ୍ଜରୀ କୋଷ ମୁଖ୍ୟ ଭୂମିକା ଗ୍ରହଣ କରେ । ବ୍ୟକ୍ତିର ପୂର୍ବ ଅର୍ଜିତ କ୍ରିୟା, କର୍ମ ଓ କର୍ମଫଳ ଭୋଗ କରାଇବାରେ ସହାୟ ହୁଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତି ଉପରେ କୌଣସି କାରଣରୁ କ୍ଷୁବ୍ଧ ହୋଇ କ୍ରୋଧିତ ହୋଇଛି । ଶୃଣସୂକ୍ଷ୍ମ ଓ ଅଶ୍ୱିନୀ ସୂକ୍ଷ୍ମଭୃଙ୍ଗର ମିଶ୍ରଣ ସମୟରେ ଦ୍ୱିତୀୟ ବ୍ୟକ୍ତିର ଆଚରଣ, ବ୍ୟବହାରିକ କ୍ରିୟା ପ୍ରଥମ ବ୍ୟକ୍ତିର ମନରେ କ୍ରୋଧ ସୃଷ୍ଟି କରି ଉକ୍ତ ଦୁଇ ଭୃଙ୍ଗର ମିଳନଗୃହରେ ସାଇତି ରଖିଛି । ତଥାପି ବ୍ୟକ୍ତି ଜଣକ ନିୟନ୍ତ୍ରଣ ନ ହରାଇ ନୀରବ ରହିଛି । ଯେତେବେଳେ ରଜ୍ଜୁଗୁର୍ଜ୍ଜରୀ କୋଷର ପ୍ରଭାବ ଆସି ଉକ୍ତ ଙ୍ଗ ନିୟନ୍ତ୍ରଣ ନ ହରାଇ ନୀରବ ରହିଛି । ଯେତେବେଳେ ରଜ୍ଜୁଗୁର୍ଜ୍ଜରୀ କୋଷର ପ୍ରଭାବ ଆସି ଉକ୍ତ ଭୃଙ୍ଗ ଦୁଇଟିର ମିଳନ ସ୍ଥଳରେ ପହଞ୍ଚି ଯାଏ, ସେତେବେଳେ କ୍ରୋଧ ଅଥୟ ହୋଇ ବାହାରିଯିବାକୁ ପ୍ରସ୍ତୁତ ହୋଇଯାଏ । ଏହି ସମୟରେ ଦ୍ୱିତୀୟ ବ୍ୟକ୍ତିର ଯେଉଁ ଆଚରଣ, ବ୍ୟବହାର ଇତ୍ୟାଦି ପ୍ରଥମ ବ୍ୟକ୍ତି କ୍ରୋଧର କାରଣ ହୋଇଥାଏ, ରଜ୍ଜୁଗୁର୍ଜ୍ଜରୀ କୋଷ ସେହିସବୁ କର୍ମଗୁଡ଼ିକୁ ପ୍ରଥମବ୍ୟକ୍ତିକୁ ବାରମ୍ବାର ସ୍ମରଣ କରାଇ ଦିଏ । ବ୍ୟକ୍ତି ଚେଷ୍ଟା କରି ମଧ୍ୟ ଭୁଲି ପାରେ ନାହିଁ । କ୍ରୋଧ ତାର ବହୁଗୁଣିତ ହୋଇଯାଏ ଓ ପ୍ରକାଶ ପାଇ ଫଳ ଆଣିବାକୁ ତତ୍ପର ହୋଇଯାଏ । ଫଳରେ ବ୍ୟକ୍ତି' ଜଣକ ଅଥୟ, ଅସ୍ଥିର ହୋଇଯାଏ । ଏହି ସମୟରେ ଯଦି କୌଣସି କାରଣରୁ ରଜ୍ଜୁଗୁର୍ଜ୍ଜରୀର ପ୍ରଭାବ ପ୍ରଶମିତ ହୁଏ, ତେବେ ବ୍ୟକ୍ତି ଅପେକ୍ଷାକୃତ ଶାନ୍ତ ହୋଇଯାଏ ମାତ୍ର ସଂପୂର୍ଣ୍ଣ ମୁକ୍ତ ହୋଇପାରେ ନାହିଁ । ଯଦି ସଂପୂର୍ଣ୍ଣ ଭାବରେ କୋଷଟି ସେ ଗୃହ ତ୍ୟାଗ କରି ତା'ର ଗତିପଥ ପରିବର୍ତ୍ତନ କରେ ତେବେ ବ୍ୟକ୍ତି ଜଣକ ଶାନ୍ତ ହୋଇ କ୍ରୋଧର ପ୍ରଭାବରୁ ସଂପୂର୍ଣ୍ଣ ମୁକ୍ତ ହୋଇଯାଏ । ତା ନହେଲେ ଦ୍ୱିତୀୟ ବ୍ୟକ୍ତି ଉପସ୍ଥିତ ହେବା କ୍ଷଣି ପ୍ରଥମ ବ୍ୟକ୍ତି ରଜ୍ଜୁଗୁର୍ଜ୍ଜରୀ କୋଷର ପ୍ରେରଣାରେ ଉଦ୍‌କ୍ଷିପ୍ତ ହୋଇ ଉଠେ ଓ ପିଣ୍ଡ ମଧ୍ୟରେ ଚାପି ହୋଇଥିବା କ୍ରୋଧକୁ ପ୍ରକାଶ କରିଦିଏ । ତା'ର କର୍ମ କର୍ତ୍ତବ୍ୟ ଶେଷ ହୋଇ ଯାଇଥିବାରୁ ରଜ୍ଜୁଗୁର୍ଜ୍ଜରୀ ସେ ଗୃହ ତ୍ୟାଗ କରି ଅନ୍ୟ ଗୃହ ଆଡ଼େ ଚାଲିଯାଏ । କିନ୍ତୁ ରଜ୍ଜୁଗୁର୍ଜ୍ଜରୀ ସିଦ୍ଧ ଶରୀରରେ ଠିକ୍ ଏହାର ବିପରୀତ କ୍ରିୟା ଅନୁଭୂତ ହୋଇଥାଏ । ଯଥା-ଶୃଣସୂକ୍ଷ୍ମ ଓ ଅଶ୍ୱିନୀ ସୂକ୍ଷ୍ମଭୃଙ୍ଗର ମିଳନରେ ସୃଷ୍ଟି ହୋଇଥିବା କ୍ରୋଧକୁ ପ୍ରଶମିତ କରିବାକୁ ରଜ୍ଜୁଗୁର୍ଜ୍ଜରୀ ଶାନ୍ତିର ପ୍ରଲେପ କରିଦିଏ । ଏହାର ପ୍ରଭାବରେ ବ୍ୟକ୍ତିର ମନରେ କ୍ଷମାଗୁଣ ସୃଷ୍ଟି ହୁଏ ଓ ବ୍ୟକ୍ତିଟି

କ୍ରୋଧରୁ ମୁକ୍ତ ହୋଇଯାଏ । କ୍ରୋଧିତ ବ୍ୟକ୍ତିର କ୍ରୋଧ ପ୍ରଶମିତ ହେବାପାଇଁ ଦୁଇ ପ୍ରକାରର ଚିକିତ୍ସାର ଆବଶ୍ୟକତା ଥାଏ । ପ୍ରଥମଟି କ୍ରୋଧ ପ୍ରକାଶିତ ହୋଇଗଲେ ଶାନ୍ତ ହୋଇଯାଏ । ଦ୍ୱିତୀୟରେ କ୍ରୋଧ ଗୃହରେ କ୍ଷମାର ଆସ୍ତରଣ ଜମିଗଲେ ସ୍ଥିର ହୋଇଯାଏ । କୋଷସାଧନର ସ୍ଥିତି ଉପରେ ନିର୍ଭରଶୀଳ ଏହି ବିଚିତ୍ର କୋଷଟି (ରଜ୍ଜୁଗୁର୍ଜରୀ) ଦୁଇଟିଯାକ କାରଣର କେନ୍ଦ୍ର ହୋଇ ଶରୀରରେ ରହିଥାଏ । ଆହୁରି ସରଳ ଭାବରେ କହିଲେ, କୋଷଟି ପିଣ୍ଡଚକ୍ରରେ ଏକ ବିଚାରପତିର ଭୂମିକା ଗ୍ରହଣ କରିଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦେହୀ ଯେଉଁ ଯେଉଁ କର୍ମମାନ କରିଥାଏ, କରୁଥାଏ ସେ ସମସ୍ତ କର୍ମକୁ ସାଇତି ରଖେ । ଦେହ ସାରା ସମସ୍ତ କୋଷ ଗୃହକୁ ଏହାର ଅବାଧ ପ୍ରବେଶ ଥାଏ । ତେଣୁ ପ୍ରତ୍ୟେକ କୋଷ ଦ୍ୱାରା ସଂଗଠିତ ହେଉଥିବା କର୍ମ ସମୂହକୁ ବେଶ୍ ଯତ୍ନରେ ସାଇତି ରଖିଥାଏ । ସେହି କର୍ମଗୁଡ଼ିକର ଫଳ ଭୋଗ କରିବାକୁ ଯେଉଁ କୋଷର ସାହାଯ୍ୟ ଆବଶ୍ୟକ ପଡ଼େ ତତ୍‌କ୍ଷଣାତ୍ ସେହି କୋଷ ସହ ଏକତ୍ର ହୋଇ ଜୀବକୁ କର୍ମଫଳ ଭୋଗାଇବାକୁ ବାଧ୍ୟ କରେ । ତା'ର ଏହି କ୍ରିୟା ଜନ୍ମ ଜନ୍ମାନ୍ତର ଚାଲିଥାଏ । ଜୀବ ଜନ୍ମପରେ ଜନ୍ମ ନେଉଥାଏ । ପିଣ୍ଡପରିବର୍ତ୍ତନ ସମୟରେ ମାତୃଗର୍ଭରେ ହିଁ ଶରୀର ଗଠନ ଅବସ୍ଥାରେ ପ୍ରାରବ୍ଧର ସମସ୍ତ କର୍ମର ସ୍ମୃତିକୁ ଆଭିଣୀ କୋଷର ସହାୟତାରେ ସୂକ୍ଷ୍ମରେ ସମସ୍ତ ଉପଯୋଗୀ କୋଷରେ ଗଚ୍ଛିତ କରି ରଖିଦିଏ । ପୂର୍ଣ୍ଣ ଅବୟବ ଧାରଣ କରି ମାତୃଗର୍ଭରୁ ଭୂମିଷ୍ଠ ହେବା ମାତ୍ରେ ସଦା ଜାଗ୍ରତ ଉକ୍ତ ରଜ୍ଜୁଗୁର୍ଜରୀ ତା'ର କାର୍ଯ୍ୟରେ ଲାଗିଯାଏ । କର୍ମଫଳ ଭୋଗ କରାଇବା ପାଇଁ ଯେତେବେଳେ ଯେଉଁ ଭାବର ପ୍ରୟୋଜନ ହୁଏ, ସେତେବେଳେ ତତ୍‌ସଂଲଗ୍ନ କୋଷ ସହ ସଂପର୍କ ସ୍ଥାପନ କରି ସେହି ଭାବକୁ ସୃଷ୍ଟି କରାଇଦିଏ ।

**୪. ବୈରାଗ୍ୟ ପ୍ରକରଣ :**

ପୂର୍ବ ସଂଖ୍ୟା (ବିଂଶତିତମ) 'ଚରମ'ର ଏହି "ଜନନୀ, ଜଠର, ଜରାୟୁ" ସ୍ତମ୍ଭରେ ଆଭିଣୀ କୋଷର ସାହାଯ୍ୟରେ ରଜ୍ଜୁଗୁର୍ଜରୀ କୋଷ କିପରି ମାତୃଗର୍ଭରେ ପିଣ୍ଡଗଠନ କାର୍ଯ୍ୟରେ ମୁଖ୍ୟ ଭୂମିକା ନିଏ ତା'ର ବିସ୍ତୃତ ବିବରଣୀ ଦିଆଯାଇଅଛି । ସେହି ପ୍ରକ୍ରିୟାରେ କୋଷଟି ସମସ୍ତ ପ୍ରାରବ୍ଧ କର୍ମକୁ ସଞ୍ଚୟ କରି ଚିତ୍ତ, ଚୈତନ୍ୟ ମୂଳରେ ସୂତ୍ରଧର ହୋଇ ରହିଥାଏ ଏବଂ ବ୍ୟକ୍ତିକୁ କର୍ମଫଳ ଭୋଗ କରାଇ ଚାଲିଥାଏ । ଏହାରି ପ୍ରଭାବରେ ଜୀବ ଇନ୍ଦ୍ରିୟମାନଙ୍କର ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ । ଜନ୍ମ ଜନ୍ମାନ୍ତର ବାଦରେ ପ୍ରାଧାନ୍ୟ ସୃଷ୍ଟି କରି ଯେତେବେଳେ ରଜ୍ଜୁଗୁର୍ଜରୀ ଅକ୍ଷୌଧି ସହ ମିଳିତ ହୁଏ ସେତେବେଳେ ବ୍ୟକ୍ତିର ବୈରାଗ୍ୟ ଅବସ୍ଥା ମାନସସ୍ତରରେ ସୃଷ୍ଟି ହୁଏ । ଏହି ମିଳନ ପର୍ବ ଯଦି ସ୍ଥାୟୀ ନ ହୁଏ, ତେବେ ବୈରାଗ୍ୟ ପ୍ରକରଣରେ ବାଧା ଉପୁଜେ । ଫଳରେ ବ୍ୟକ୍ତି ପୁନର୍ବାର ତା'ର ପୂର୍ବ ଅବସ୍ଥାକୁ ଫେରି ମୋହଗ୍ରସ୍ତ ହୋଇଯାଏ । ଯଦି ଉଭୟଙ୍କର ଏକତ୍ର ଅବସ୍ଥା ସ୍ଥାୟୀ ହୋଇଯାଏ ତେବେ ରଜ୍ଜୁଗୁର୍ଜରୀ ତା'ର ଭୂମିକା ପରିବର୍ତ୍ତନ କରିଦିଏ । ବ୍ୟକ୍ତିର ମନରେ ପାର୍ଥିବ ବସ୍ତୁ ପ୍ରତି ଅନାସକ୍ତ ଭାବ ସୃଷ୍ଟି କରାଏ । କାମ, କ୍ରୋଧ, ଲୋଭ, ମୋହ, ମାୟା ଆଦି ଇନ୍ଦ୍ରିୟଗଣଙ୍କ ପ୍ରତି ସାବଧାନ କରାଇ ସତ୍ୟର ସନ୍ଧାନରେ ଗତି କରିବାକୁ ବ୍ୟକ୍ତିକୁ ଯଥେଷ୍ଟ ପ୍ରେରଣା ଯୋଗାଇଦିଏ । ଏହି ପ୍ରେରଣାରେ ଉତ୍ସାହିତ ହୋଇ ବ୍ୟକ୍ତି ଧିରେ ଧିରେ ଆଧ୍ୟାତ୍ମିକ ରାସ୍ତାରେ ଯାତ୍ରା ଆରମ୍ଭ କରେ ଓ ବୈରାଗ୍ୟ ପ୍ରକରଣ କ୍ରିୟାରେ ସିଦ୍ଧି ପ୍ରାପ୍ତ ହୋଇ ବ୍ରହ୍ମାନୁଗାମୀ ହୋଇଥାଏ । ସୁ, କୁ ର ସଂଜ୍ଞା ନିରୂପଣ କରିବାକୁ କ୍ଷମ ହୋଇଯାଏ । ବ୍ୟକ୍ତିର ମନରେ ପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା କରିଦେଇ ଏକ ହିତୈଷୀ ବନ୍ଧୁର କର୍ତ୍ତବ୍ୟ ପାଳନ କରିଥାଏ । ବୈରାଗ୍ୟ ପ୍ରକରଣ କର୍ମର କର୍ମଫଳକୁ ପ୍ରତି ମୁହୂର୍ତ୍ତରେ ଗଚ୍ଛିତ ରଖି ତାହାର ପ୍ରଭାବକୁ ଶରୀରର ଅନ୍ୟାନ୍ୟ କୋଷକୁ ପ୍ରେରଣ କରିଦିଏ । ଫଳରେ ସମସ୍ତ କୋଷ ଲୌହର ମାନ୍ୟତା ପ୍ରାପ୍ତ ହୋଇ ତେଜସ୍ୱୀ ସର୍ବବୃହତ୍ ଚୁମ୍ବକ "ପ୍ରଭୁ"ଙ୍କ ଆଡ଼କୁ ଆକର୍ଷିତ ହୋଇ ଯାଆନ୍ତି । ତେଣୁ ବ୍ୟକ୍ତି ପାର୍ଥିବ ବସ୍ତୁ ସଂସାର ପ୍ରତି ପୂର୍ଣ୍ଣବୈରାଗ୍ୟ ପ୍ରାପ୍ତ ହୋଇ ବ୍ରହ୍ମଙ୍କ ପ୍ରତି ଅନୁରାଗୀ ହୋଇଯାଏ ।

(କ୍ରମଶଃ)



# କଲ୍ୟାଣ ଦେଲି ତୋତେ

କଲ୍ୟାଣକର ଢ଼ାଳିଦିଅ ଶିରେ
କରୁଣା ସହସ୍ର ଧାରା ।
ତୁମ ପାଦପଦ୍ମ ପୀଠେ ସ୍ଥାନ ମିଳୁ
ଜନ୍ମ ଜନ୍ମାନ୍ତର ସାରା ।।

***ଭକ୍ତ ଏବଂ ଭଗବାନ, ଦାସ ଏବଂ ପ୍ରଭୁ, ଶିଷ୍ୟ ଏବଂ ଗୁରୁ, ପ୍ରଥମର ଅଭାବରେ ଦ୍ୱିତୀୟର ଆବଶ୍ୟକତା ବା କ'ଣ ? ସେହିପରି ଦ୍ୱିତୀୟର ଅବର୍ତ୍ତମାନରେ ପ୍ରଥମର ସତ୍ତା ବା କେଉଁଠି ? 'କ'ଣ' ଏବଂ 'କେଉଁଠି'ର ସହଯୋଗରେ 'କିପରି' ଓ 'କାହିଁକି'ର ଉଦ୍ଭବ । ଭକ୍ତ କିପରି ଭଗବାନଙ୍କର ଦର୍ଶନ କରେ, ଦାସ କିପରି ପ୍ରଭୁଙ୍କର ସେବା ପରିଚର୍ଯ୍ୟାକରେ ଏବଂ ଶିଷ୍ୟ କିପରି ଗୁରୁଙ୍କୁ ସନ୍ତୁଷ୍ଟ କରିପାରେ ? ଏ ସକଳ ପ୍ରଶ୍ନର ଉତ୍ତର ମିଳେ 'କାହିଁକି' ? ରେ । ଭଗବାନ କାହିଁକି ଭକ୍ତକୁ ସୁରକ୍ଷା ପ୍ରଦାନ କରନ୍ତି ? ପ୍ରଭୁ କାହିଁକି ଦାସକୁ କଲ୍ୟାଣ ଦିଅନ୍ତି ? ଗୁରୁ କାହିଁକି ଶିଷ୍ୟର ମଙ୍ଗଳ ବିଧାନ କରନ୍ତି ? ଆତ୍ମୋପଲବ୍ଧିର ଦର୍ଶନରୁ, ସେବା ପରିଚର୍ଯ୍ୟାର ସୁଫଳରୁ ଏବଂ ସନ୍ତୋଷଭାବର ଚରମାବସ୍ଥାରୁ ଗୁରୁ ହୁଅନ୍ତୁ, ପ୍ରଭୁ ହୁଅନ୍ତୁ, ଭଗବାନ ହୁଅନ୍ତୁ ଶିଷ୍ୟ/ଦାସ/ଭକ୍ତକୁ ହୃଦୟଙ୍ଗମ କରି ଅମାପ କଲ୍ୟାଣ ସହସ୍ର ଧାରାରେ ବର୍ଷାକରି ଯାଆନ୍ତି । ଯୁଗପୁରୁଷ ସ୍ୱର୍ଣ୍ଣକ୍ଷେତ୍ରାଧୀପ ଠାକୁର ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ର 'ଚରମ'ର ପ୍ରଥମ ସଂଖ୍ୟାରୁ ଏଯାବତ୍ ଅକୁଣ୍ଠିତ କରୁଣାକଲ୍ୟାଣର ଅମୃତଧାରା ଅଗଣିତ ଭକ୍ତ/ଦାସ/ଶିଷ୍ୟଙ୍କୁ ଅବାରିତ ଭାବରେ ଦେଇ ଚାଲିଛନ୍ତି ଏହି ସ୍ତମ୍ଭ : 'କଲ୍ୟାଣ ଦେଲି ତୋତେ' ମାଧ୍ୟମରେ–***

'ଚରମ'ରେ ! ଧନ ମୋର !

ମୋ କୋଳରୁ ଗଲାବେଳେ ମୋତେ କଥା ଦେଇଥିଲୁ, ଯେତେ ବାଧା ବିଘ୍ନ ଆସିଲେ ବି ମୋରି ଆଡ଼କୁ ନଜର ଦେଇ ସବୁ ସହି ନେବୁ ଓ ଧର୍ମପକ୍ଷୀ ସାଜି ମୋର କାମ ବାହିନେବୁ । କିନ୍ତୁ ଆଜି ତୁ କେଉଁ ଅବସ୍ଥାରେ ପହଞ୍ଚିଲୁ ? ଆଳସ୍ୟ, ଅବିଶ୍ୱାସ, ଭାବଡହଳାପଥ ଆଦି କଣ୍ଟକିତ କ୍ରିୟା/କର୍ମର ଶିକାର ହୋଇ ତନୁ, ମନ କ୍ଷୀଣ କରିଦେଲୁ ? ଅବଶ ହୋଇଗଲୁ ? ଭିତରେ ଅନାସ୍ଥାଭାବକୁ ଗୋଟାକରିଦେଇ ନିଷ୍କ୍ରିୟ ହୋଇଗଲୁ ? ଆଜିଯାଏ, ଯେଉଁମତ, ଯେଉଁପଥ, ଯେଉଁଆଚରଣ ଦେଲି କୌଣସିଟିକୁ ଅଭ୍ୟାସ କଲୁନାହିଁ । ଯାହା ତ କଲୁ, ଏବେ ଅଯଥା ଅନୁତାପ କରି ନିଜର ଅଧିକ କ୍ଷତି କାହିଁକି କରୁଛୁ ? ଧନଟା ପରା ! ଚିନ୍ତା କରନା । ମୁଁ ପରା ଛାଇପରି ତୋ ପାଖେ ପାଖେ ଅଛି, ମନ ଊଣା କାହିଁକି କରୁଛୁ ? 'ଆଜି' ସିନା ଚାଲିଗଲା । ହେଲେ, 'କାଲି' ତ ଅଛି । ମୁଁ ତୋତେ ବତେଇ ଦେଇଥିବା କ୍ରିୟା, କର୍ମ, ଆଚରଣକୁ ଅଭ୍ୟାସ କରିବାକୁ ଆଜି ପୁଣିଥରେ ସଂକଳ୍ପ କର । ସଂଗେ ସଂଗେ ଆରମ୍ଭ କର । ଦେଖିବୁ । ସବୁ ଧୀରେ ଧୀରେ ମନେ ପଡ଼ିଯିବ । ତୁ ତୋର ସ୍ଥିତି ଫେରି ପାଇବୁ ।

ବାବୁ ରେ ! କାଳଚକ୍ରର ଶାଣିତ ଧାରରେ କାହାରି ନିସ୍ତାର ନାହିଁ । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ମାନବ ଯେଉଁ କର୍ମ କରି ପକାଏ, ତା'ର ଫଳାଫଳ ଭୋଗ ଯେ କେତେ ଭୟଙ୍କର ତାହା ସେ ବୁଝିପାରେ ନାହିଁ, ଜାଣିପାରେ ନାହିଁ । ତେଣୁ ଏଥରକ କେତୋଟି ମୁଖ୍ୟ କୁକର୍ମ ଓ ତାହାର ଫଳାଫଳ କହୁଛି । ମନ ଦେଇଶୁଣ ।

ଶୁଣିସାରି ସେଗୁଡ଼ିକୁ ଯତ୍ନରେ ମାନସପଟରେ ସାଇତି ରଖିବୁ, ସତର୍କ ହେବୁ, ଘରେ ଘରେ, ଦ୍ୱାରେ ଦ୍ୱାରେ ବୁଲି ତୋର ପ୍ରିୟ ଭାଇଭଉଣୀ, ମା, ମାଉସୀ, ବନ୍ଧୁ, ପରିଜନମାନଙ୍କୁ ବୁଝାଇ ଦେବୁ । ସାବଧାନ କରିଦେବୁ । ଯାହାର ଶ୍ରଦ୍ଧା ଓ ବିଶ୍ୱାସ ହେଲା, ସେ ଗ୍ରହଣ କରିବ । ଯାହାର ଇଚ୍ଛା ନ ହେଲା ସେ ହେୟଜ୍ଞାନ କରିବ । କିନ୍ତୁ ଭବିଷ୍ୟତରେ ତୁ ଭାଇ ହିସାବରେ ସତର୍କ କରିନାହୁଁ ବୋଲି କେହି ତୋତେ ଦୋଷ ଦେଇ ପାରିବେ ନାହିଁ ।

ଅସଂଖ୍ୟ ପାପକର୍ମ ଭିତରେ ଚାରୋଟି କର୍ମ ମୁଖ୍ୟ ସ୍ଥାନ ନେଇଥାଏ । ଯେଉଁଗୁଡ଼ିକର କ୍ଷମା ନାହିଁ । ସେଗୁଡ଼ିକ ହେଲା ୧.ଗୋହତ୍ୟା, ୨.ବ୍ରହ୍ମହତ୍ୟା, ୩. ନାରୀ ବା କାମିନୀ ହତ୍ୟା, ୪.କୃତଘ୍ନତା । ଜଣେ ଗୋହତ୍ୟା କଲେ ଯେତିକି ପାପ ଅର୍ଜନକରେ, ନାରୀ ହତ୍ୟାକଲେ ତା'ର ଦୁଇଗୁଣ ପାପଭାର ନିଏ । କାମିନୀ ହତ୍ୟାରେ ଯେତିକି ପାପଭାର ଆସେ, ବ୍ରହ୍ମହତ୍ୟାରେ ତା'ର ଦୁଇଗୁଣ ପାପ ସୃଷ୍ଟି ହୁଏ । ବ୍ରହ୍ମହତ୍ୟାକାରୀର ପାପଭାର ଯେତେ ହୁଏ, କୃତଘ୍ନ ଲୋକର ବ୍ରହ୍ମହତ୍ୟାପାପର ଚାରିଗୁଣ ପାପଭାର ହୁଏ । ଏଥିରକ ପ୍ରତି ପର୍ଯ୍ୟାୟ ସଂପର୍କରେ ସାମାନ୍ୟ ସୂଚନା ଦେଉଛି, ମନେରଖ ।

**ଗୋହତ୍ୟା :** ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଯିଏ ଗୋରୁ ମାରିଥାଏ ବା ମାରିବାର କାରଣ ହୋଇଥାଏ, ତାକୁ ଗୋହତ୍ୟା ପାପ ଲାଗେ । ଗୋରୁଙ୍କ ଲାଳନପାଳନରେ ତ୍ରୁଟି କରି ସେମାନଙ୍କୁ ଅନାଦର, ହେୟଜ୍ଞାନ କଲେ ଗୋହତ୍ୟା ଦୋଷ ଲାଗେ । ଏହି ଦୋଷ ଯାହାକୁ ଲାଗିଥାଏ, ସେ ଦେହାନ୍ତରେ କ୍ରମାଗତ ଏକଶତ ଆଠବାର ଦରିଦ୍ର ଘରେ ଜନ୍ମ ନିଏ । ପ୍ରତି ଜନ୍ମର ଆରମ୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ଅକଥନୀୟ କଷ୍ଟ, ରୋଗ, ଯନ୍ତ୍ରଣା ଭୋଗ କରେ । ସମାଜରେ ଘୃଣିତ ଅବସ୍ଥାରେ ରହି ଅତି କଷ୍ଟରେ ଜୀବନ ବିତାଇବାକୁ ବାଧ୍ୟ ହୁଏ । ବୃଷଭ ବା/ଓ ବଳଦ ପିଠିରେ ଭାର ଲଦି ଖରାରେ ଯିଏ ସେମାନଙ୍କୁ ଯନ୍ତ୍ରଣାଦିଏ, ଏହି ଗୋହତ୍ୟା ଦୋଷର ଶହେଗୁଣ ପାପ ଭୋଗ କରେ । ତା ହସ୍ତରେ ଅନ୍ନ ଓ ଜଳ, ବିଷ୍ଠା ଓ ମୂତ୍ର ସମ ହୋଇଥାଏ । ପିତୃ ଏବଂ ଦେବ ପୂଜାଅର୍ଚ୍ଚନାରେ ତାହାର ଅଧିକାର ନ ଥାଏ ।

**ନାରୀହତ୍ୟା :** ଯିଏ ନାରୀ ହତ୍ୟା କରେ ବା ଅନ୍ୟଦ୍ୱାରା କରାଏ, ତାକୁ ଏହି ପାପ ଗ୍ରାସ କରେ । କାମିନୀ ପ୍ରତି ଯେ ବଳାତ୍କାର କରେ ବା ଅନ୍ୟ ଦ୍ୱାରା ବଳାତ୍କାର କରାଏ ତାକୁ ମଧ୍ୟ ଏହି ଦୋଷ ଲାଗିଯାଏ । ପର ସ୍ତ୍ରୀ, ଝିଅ, ବୋହୂମାନଙ୍କ ପ୍ରତି ଯିଏ ପାପ ନଜର ଦିଏ ସେ ବି ଏହି ଦୋଷର ଶୀକାର ହୁଏ । ନାରୀମାନଙ୍କୁ ନିର୍ଯ୍ୟାତନା ଦେଇ ସେମାନଙ୍କ ଆଖିରୁ ଲୋତକ ଝରିବାର କାରଣ ଯିଏ ହୁଏ, ସେ ମଧ୍ୟ ନାରୀହତ୍ୟା ପାପୀ ହିସାବରେ ବିଚାରର ସମ୍ମୁଖୀନ ହୁଏ । ଗୁରୁସ୍ତ୍ରୀଙ୍କ ପ୍ରତି ଯିଏ ଏହି ଭାବ ପୋଷଣ କରେ ତାକୁ ନାରୀହତ୍ୟା ପାପର ଶହେଗୁଣ ପାପ ଗ୍ରାସ କରେ । ନିଜ ସ୍ତ୍ରୀକୁ ଉପେକ୍ଷା କରି ପରସ୍ତ୍ରୀ ପ୍ରତି ଯିଏ ଆସକ୍ତ ହୁଏ, ତାକୁ ଗୁରୁସ୍ତ୍ରୀ ହରଣର ଦୋଷ ଲାଗେ । ଏହି ପାପର ଭାଗୀଦାର ଯେଉଁମାନେ ହୁଅନ୍ତି ସେମାନେ ଷାଠିଏ ହଜାର ବର୍ଷ ପର୍ଯ୍ୟନ୍ତ କାଳସୂତ୍ରରେ ପଡ଼ନ୍ତି । ଅକଥନୀୟ, ଅସହ୍ୟ ଯନ୍ତ୍ରଣା ଭୋଗ କରନ୍ତି । ଏହା ଭୋଗ କରି ସାରିବା ପରେ ଶହେ ଆଠ ଜନ୍ମ ଶୂକର (ଘୁଷୁରି) ଯୋନିରେ ଧରାପୃଷ୍ଠକୁ ଆସନ୍ତି ଓ ଅଭକ୍ଷ ଭକ୍ଷଣ କରନ୍ତି । ଶୂକର ଜନ୍ମ ଶେଷ ପରେ ସାତଥର ସର୍ପ ଯୋନିରେ ଜନ୍ମ ଗ୍ରହଣ କରନ୍ତି । ତା ପରେ ଯାଇ ସେମାନଙ୍କର ପ୍ରାୟଶ୍ଚିତ ହୋଇଥାଏ ।

**ବ୍ରହ୍ମହତ୍ୟା :** ବ୍ରାହ୍ମଣ (ଯିଏ ବ୍ରହ୍ମ ଉପଲବ୍ଧି କରିଛି ବା ସିଦ୍ଧବଂଶର ଦାୟାଦ ରୂପରେ ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଛି) ମାନଙ୍କୁ ଯିଏ ହତ୍ୟା କରେ ବା ହତ୍ୟାର କାରଣ ହୋଇଥାଏ, ସିଏ ଏହି ବ୍ରହ୍ମହତ୍ୟା ପାପରେ ଘାଣ୍ଟି ହୁଏ । ବ୍ରାହ୍ମଣ ମାନଙ୍କୁ ଅସମ୍ମାନ କରି ଯିଏ ନିଜ ଗୃହରୁ ବାହୁଡ଼ାଇ ଦିଏ ସିଏ ମଧ୍ୟ ଏହି ଦୋଷର ଶୀକାର ହୁଏ । ଗୁରୁ, ବ୍ରାହ୍ମଣ, ବୈଷ୍ଣବ, ଅତିଥିଙ୍କୁ ଉପଯୁକ୍ତ ସମ୍ମାନ ସହ ଯିଏ ସତ୍କାର ନ କରେ ସେ ବ୍ରହ୍ମହତ୍ୟା ପାପର

ଭାଗୀଦାର ହୁଏ । ଅତିଥିମାନଙ୍କ ପ୍ରତି ଯିଏ ଛଳନାପୂର୍ଣ୍ଣ ବ୍ୟବହାର କରେ ତାକୁ ବ୍ରହ୍ମହତ୍ୟା ପାପର ଫଳ ଭୋଗ କରିବାକୁ ପଡ଼େ । ନିଜର ବୈଭବ, ଧନ, ସଂପତ୍ତି, ବିଦ୍ୟାସଂପଦ, ବାହୁବଳର ଅହଂକାରରେ ଅନ୍ଧ ହୋଇ ଯିଏ ଅତିଥି ମାନଙ୍କୁ ଅବମାନନା କରେ ସିଏ ବ୍ରହ୍ମହତ୍ୟାକାରୀ ଭାବରେ ବିବେଚିତ ହୁଏ । ନିଜର ସ୍ୱାର୍ଥ ହାସଲ ପାଇଁ ହେଉ ବା ଗର୍ବ, ଅହଂକାର, ପରଶ୍ରୀକାତରତା, ହିଂସାର ପ୍ରଭାବରେ ହେଉ ଯିଏ ଅତିଥିମାନଙ୍କର କ୍ଷତି କରେ ବା ଅନ୍ୟ ମାଧ୍ୟମରେ କରାଏ, କ୍ଷତି ଚିନ୍ତା କରେ ତାକୁ ମଧ୍ୟ ବ୍ରହ୍ମହତ୍ୟାକାରୀ କୁହାଯାଏ । ଏହି ହତ୍ୟାକାରୀ ଯେଉଁ ମୁହୂର୍ତ୍ତରେ ଅତିଥି ଅବମାନନା କରେ, ଠିକ୍ ସେହି ମୁହୂର୍ତ୍ତରେ ଅତିଥିଙ୍କ ସମସ୍ତ ପାପକର୍ମକୁ ଗ୍ରହଣ କରେ ଓ ତା'ର ନିଜର ସଞ୍ଚିତ ସମସ୍ତ ପୁଣ୍ୟଫଳ ଅତିଥିଙ୍କୁ ପ୍ରାପ୍ତ ହୋଇଯାଏ । ଏହି ପର୍ଯ୍ୟାୟର ପାପୀମାନଙ୍କୁ କୌଣସିଠାରେ ନିସ୍ତାର ମିଳେ ନାହିଁ । ଏମାନଙ୍କ ହସ୍ତରୁ ଦେବ, ପିତୃ ଜଳ ମଧ୍ୟ ଗ୍ରହଣ କରନ୍ତି ନାହିଁ । ଏମାନଙ୍କୁ ସ୍ପର୍ଶ କଲେ ସ୍ପର୍ଶକାରୀଙ୍କୁ ମଧ୍ୟ ଅନେକ ଯନ୍ତ୍ରଣା ଭୋଗ କରିବାକୁ ହୁଏ । ଏହି ଦୋଷୀମାନଙ୍କୁ ଲକ୍ଷ୍ମୀ ତ୍ୟାଗ କରନ୍ତି । ଏମାନେ ଧନହୀନ, ପୁତ୍ରହୀନ, ଭାର୍ଯ୍ୟାହୀନ ହୋଇ ଅନେକ ଯନ୍ତ୍ରଣା ଭୋଗ କରନ୍ତି । ଦେହାନ୍ତରେ କ୍ରମାଗତ ସାତଜନ୍ମ ହସ୍ତୀ ବଂଶରେ ଜନ୍ମ ହୁଅନ୍ତି । ହସ୍ତୀ ଜନ୍ମର ଶେଷରେ ଶୂକର (ଘୁଷୁରି) ଜନ୍ମ ସାତଥର ନେବାପରେ ଲକ୍ଷେ ବର୍ଷ ଘୋର କୁମ୍ଭୀପାକ ନର୍କରେ ପଡ଼ନ୍ତି । କୁମ୍ଭୀପାକ ନର୍କ ଭୋଗପରେ ଶହେବର୍ଷ ପର୍ଯ୍ୟନ୍ତ ମଳକୀଟ ହୁଅନ୍ତି । ଏହାପରେ ସାତଥର ମନୁଷ୍ୟ ଜନ୍ମ ପାଇ ଚିର ଦରିଦ୍ର ହୁଅନ୍ତି । ଭିକ୍ଷାକରି ବହୁତ ଦୁଃଖରେ ଜୀବନ ଅତିବାହିତ କରନ୍ତି । ତେବେ ଯାଇ ପାପମୁକ୍ତ ହୁଅନ୍ତି ।

କୃତଘ୍ନ : ଉପର ବର୍ଣ୍ଣିତ ସମସ୍ତ ପାପଠାରୁ କୃତଘ୍ନତା ଭୀଷଣ ଭାବରେ ଭୟଙ୍କର । ଏହି ପାପର କ୍ଷୟ ଆଦୌ ହୋଇ ପାରେନା । କୃତଘ୍ନତା ଷୋହଳ ପ୍ରକାରର । ତାହାର ଲକ୍ଷଣ ଓ ଫଳାଫଳ କହୁଛି ମନ ଦେଇ ଶୁଣ୍ । ଯେଉଁ ବ୍ୟକ୍ତି ପ୍ରତିଜ୍ଞା, ସତ୍ୟ କରି ସତ୍ୟ ଭଙ୍ଗ କରେ ସେ କୃତଘ୍ନ ଅଟେ । ନିଜର ଧର୍ମ ଯିଏ ରକ୍ଷା ନ କରେ ସେ କୃତଘ୍ନ ହୁଏ । ପ୍ରତିଜ୍ଞା ପାଳନରେ ଅବହେଳା, ଦାନ କରିବାରେ କୁଣ୍ଠିତ ହେବା, ନିଜର କୁଟୁମ୍ବ ରକ୍ଷା, ପ୍ରତିପୋଷଣ କରିବାରେ ବ୍ୟାଘାତ କରିବା, ଗୁରୁଦେବ, ଦ୍ୱିଜମାନଙ୍କର ସେବାରେ ତ୍ରୁଟି କରିବା, ପରର ଧର୍ମପାଳନରେ ବାଧା ସୃଷ୍ଟି କରିବା, ଉପକୃତ ହୋଇଥିବା ବ୍ୟକ୍ତିକୁ ଘୃଣା କରିବା, ତା'ର ଉପକାରକୁ ଭୁଲିଯିବା, ଉପକାରୀ ସହିତ ଛଳନାପୂର୍ଣ୍ଣ ବ୍ୟବହାର କରିବା, ଅସମ୍ମାନ କରି ତାକୁ ହଇରାଣ କରିବା, ତା'ର ବିରୁଦ୍ଧାଚରଣ କରିବା ବା ଅନ୍ୟଦ୍ୱାରା କରାଇବା ଆଦି କର୍ମ କରୁଥିବା ବ୍ୟକ୍ତି କୃତଘ୍ନ ଅଟେ । ନିଜର ଦାନ ବା ଅନ୍ୟର ଦାନ ହେଉ, ଦାନଦ୍ୱାରା ସୃଷ୍ଟି କରାଯାଇଥିବା ଅନ୍ୟର ବୃତ୍ତିକୁ ଯିଏ ନଷ୍ଟ କରାଏ ବା ନିଜେ କରେ ସେ କୃତଘ୍ନ ଭାବରେ ଚିତାରର ସମ୍ମୁଖୀନ ହୁଏ । ଅନ୍ୟ ପାଇଁ ଉଦ୍ଦିଷ୍ଟ ଦାନକୁ ଏକ ମାଧ୍ୟମ ଭୂମିକାରେ ରହି ଗ୍ରହଣ କରିବା ପରେ ଯେ ତାହାକୁ ଯଥାସ୍ଥାନରେ ପଠାଇ ନ କରି ଆତ୍ମସାତ୍ କରିଦିଏ ତାକୁ ମହାକୃତଘ୍ନ କୁହାଯାଏ । ସେହିପରି ବାର୍ତ୍ତା ଗ୍ରହଣ କରି ଯିଏ ତାହାକୁ ପ୍ରାପକଙ୍କ ନିକଟରେ ନ ପହଞ୍ଚାଏ ସେ କୃତଘ୍ନ ପାପକର୍ମର ଫଳ ଭୋଗ କରିବାକୁ ବାଧ୍ୟ ହୁଏ । ଯେଉଁ ଲୋକ ପରର ବା ନିଜର କୀର୍ତ୍ତି ନଷ୍ଟ କରେ, କରାଏ ବା କରିବାକୁ ଉଦ୍ୟମ କରେ ସେ କୃତଘ୍ନ ହୁଏ । ଦ୍ୱିଜ, ଗୁରୁ ବା ଅନ୍ୟର ଦ୍ରବ୍ୟ ଯେ ହରଣ କରେ, କରାଏ, କରାଇବାକୁ ଉଦ୍ୟମକରେ ସେ ମହାପାପୀ କୃତଘ୍ନର ପରିଚୟ ବହନ କରେ । ପିତା, ମାତା, ଗୁରୁଜନ, ଗୁରୁଦେବ, ଗୁରୁପତ୍ନୀ, ଏମାନଙ୍କୁ ଯିଏ କଟୁକଥା କହି ଦୁର୍ବ୍ୟବହାର କରେ,ହେୟଜ୍ଞାନ କରେ, ଉଚ୍ଚଭାଷା, ଉଗ୍ରକଣ୍ଠରେ ଦୁଷ୍ଟକଥା କହି ମନରେ ଆଘାତ ସୃଷ୍ଟି କରାଏ ସେ କୃତଘ୍ନ ପାମର ଅଟେ । କାମ, କ୍ରୋଧର ଭୟରେ, ଅର୍ଥ ଲୋଭରେ ଯିଏ ମିଥ୍ୟା ସାକ୍ଷୀ ହୁଏ ସେ କୃତଘ୍ନ ଦୋଷର ଶିକାର ହୁଏ । ସଭାରେ ନିଜର ସ୍ୱାର୍ଥ, ଗର୍ବ, ଅହଂରେ ଯିଏ ପକ୍ଷନେଇ ମିଥ୍ୟାକୁ ସମର୍ଥନ କରୁଥାଏ ସେ କୃତଘ୍ନ ହୋଇ କାଳସୂତ୍ରର ସମ୍ମୁଖୀନ ହୁଏ । ଯେଉଁମାନେ ଧର୍ମ କର୍ମ ବିନାଶ କରି ଗୁରୁଗ୍ରହଣ କରି ଗୁରୁ ପ୍ରଦତ୍ତ କ୍ରିୟା କର୍ମ

ପାଳନ କରନ୍ତି ନାହିଁ, ସେମାନେ ମହାକୃତଘ୍ନ ଅଟନ୍ତି । ନାସ୍ତିକ ହୋଇ ଯିଏ ବ୍ରହ୍ମ ନିନ୍ଦା କରନ୍ତି, ବ୍ରହ୍ମ ଉପାସକ, ବ୍ରହ୍ମ ଅନୁରକ୍ତ ବ୍ୟକ୍ତିମାନଙ୍କୁ ଉପହାସ କରନ୍ତି ସେମାନଙ୍କ ପ୍ରତି ଅସଦାଚରଣ କରନ୍ତି ସେମାନଙ୍କୁ କୃତଘ୍ନତା ମାତୃହରଣ, ବ୍ରହ୍ମହତ୍ୟା ଆଦି ଦୋଷ ଏକ ସମୟରେ ଲାଗିଥାଏ । ଏମାନଙ୍କର ପ୍ରାୟଶ୍ଚିତ ନାହିଁ । ତେଣୁ ଅପରାଧର ଫଳ ଭୋଗଂକରିବାକୁ ବାଧ ହୁଅନ୍ତି । ନିଜର ବା ନିଜ ଆତ୍ମୀୟମାନଙ୍କର ଦୋଷ, ଅପରାଧ ପାପକୁ ଲୁଚାଇବାକୁ ଯାଇ ଯିଏ ଛଳନା ପୂର୍ଣ୍ଣ ମିଥ୍ୟା ଭାଷା ପ୍ରୟୋଗ କରି ନିଜର ମଧୁର ବଚନରେ ଅନ୍ୟକୁ ପ୍ରତାରିତ କରେ ସେ କୃତଘ୍ନତାର ଚରମ ସୀମାରେ ପହଞ୍ଚିଯାଏ । ତା' ପାପର ପ୍ରାୟଶ୍ଚିତ ହେବାପାଇଁ ଅନେକ କଳ୍ପ ଲାଗିଯାଏ ।

ତୁ ସେହିପରି କିଛି କର୍ମ କରି ଦେଇଛୁ ବୋଲି ଭୟଭୀତ ହୋଇ ଯାଉଛୁ କି ? ଆଦୌ ଭୟ କରନା । ଚିନ୍ତା କରନା । ମୁଁ ତୋତେ ବତାଇ ଦେଇଥିବା କର୍ମ ଧାରାକୁ ଶ୍ରଦ୍ଧା, ନିଷ୍ଠା ଓ ଭକ୍ତିର ସହ ପାଳନ କରିଯାଆ, ଦେଖିବୁ ! ପ୍ରାୟଶ୍ଚିତ ନ ଥିବା ସମସ୍ତ କୁକର୍ମ ଫଳ ଆପେ ଜଳିଯିବ । ତୁ ଶୁଦ୍ଧ, ପବିତ୍ର ହୋଇଯିବୁ । କିନ୍ତୁ ସେହି ଧ୍ୱଂସମୁଖୀ କୁକର୍ମରୁ ନିଜକୁ ଦୂରେଇ ରଖିବାକୁ ଦୃଢ଼ ସଂକଳ୍ପ କର ।

ଚରମରେ ! ବାଉଳା ମୋର ! ଏଥରକ ଏତିକିରୁ ରହୁଛି । ଆସନ୍ତାଥରକୁ 'କୃତଘ୍ନତା'ର ଆଉ କିଛି ପର୍ଯ୍ୟାୟ ଓ କୃତଘ୍ନ ବ୍ୟକ୍ତିର ପାପାର୍ଜିତ ଫଳାଫଳ ବୁଝାଇ ଦେବି । ଧନ ରେ ! ଆଉ ସମୟ ନାହିଁ । କାଳସୂତ୍ରର ଗତି ପ୍ରଖରରୁ ପ୍ରଖରତର ହୋଇଗଲାଣି । ଯୁଗ ମୀମାଂସା ଖୁବ୍ କମ୍‌ଦିନ ବାକି । ତେଣୁ ରେ ମୋର ଅଳିଅଳ ଦୁଲାଳ ! ଚଞ୍ଚଳମତି ଅଭ୍ୟାସ ତ୍ୟାଗ କର । ବିଚଳିତ ହୁଅନା । ସ୍ଥିର ହୋଇ ମୋ ଆଡ଼କୁ ନଜର ଦେଇ ସତର୍କ, ଖୁବ୍ ସତର୍କ ହୋଇ ଯାଆ । ବିଶ୍ୱାସ ରଖ, ପ୍ରଥମରୁ ମୁଁ ତୋ ପାଖରେ ଥିଲି, ଏବେ ଅଛି, ଆଗକୁ ରହିବି । ତେଣୁ ପଛକୁ ନ ଚାହିଁ ଆଗକୁ ଲକ୍ଷ୍ୟ ରଖି ଆଗେଇ ଚାଲ ।

ତୋର ସର୍ବ ଶୁଭ ମନାସି ରହୁଛି
ତୋର
ଚିର ମଙ୍ଗଳାକାଂକ୍ଷୀ
'ପିତା'

❋❋❋

ଈର୍ଷା ନିଆଁ ଜାଳି ଅନ୍ତଃକରଣେ,
ତତ୍ତ୍ୱ ଉପଦେଶ ମୁଖେ ବଖାଣେ ।
କଥାରେ ଏକ ତ କାମରେ ଏକ,
ଚିନ୍ତାରେ ଆରେକ ଦୁଃଖ ଅନେକ ।।

ଶାଖା ସତ୍‌ସଙ୍ଗରୁ ଦୂରେଇ ରହି,
ନିଜସ୍ୱାର୍ଥ ଧନ୍ଦା ନେଉଛ ବାହି ।
ଚରମ ବାରତା ଦେଉଛି କହି,
ଶାଖା ଛାଡ଼ିଗଲେ ବଞ୍ଚିବ ନାହିଁ ।।

# କେଶବ କୈବଲ୍ୟ କଣିକା

"ହରି ବିମୁଖ ପ୍ରାଣୀ ଯେତେ । ସେ ଥାନ୍ତି ପଶୁଙ୍କ ସଂଗତେ ।।
ତାହାଙ୍କୁ ମୋହେ ବିଷ୍ଣୁ ମାୟା । ବିଷୟାରସେ ବଢ଼େ ସ୍ପୃହା ।।
–ଶ୍ରୀମଦ୍‌ଭାଗବତ, ଜଗନ୍ନାଥ ଦାସ

*ଏହି ଦୁସ୍ତର ବିଷ୍ଣୁମାୟାରୁ ଏବଂ ତଜ୍ଜନିତ ମୋହ ପାଶରୁ ରକ୍ଷା ପାଇବା ପାଇଁ ଦିବ୍ୟ କୈବଲ୍ୟ କଣିକା ପ୍ରଦାନ କରନ୍ତି ଠାକୁରେ । ସଂଗୃହୀତ କୈବଲ୍ୟ କଣିକାରୁ ସୁନିର୍ବାଚିତ କେତୋଟି କୈବଲ୍ୟ ବାଣୀ ପ୍ରତି ସଂଖ୍ୟା 'ଚରମ'ରେ ନିୟମିତ ପ୍ରକାଶ ହୋଇ ଆସୁଛି । ଏ ସବୁର ଚିନ୍ତନ, ଆଚରଣରେ ସଫଳକାମୀ ପ୍ରତ୍ୟେକ ବ୍ୟକ୍ତି ସାଧନା ପଥରେ ଅଗ୍ରଗାମୀ ହୋଇ ପାରିବେ ।*

୧। ଗୁରୁ ଗ୍ରହଣ କରି, ବିଶେଷତଃ ଗୁରୁବାରେ ଆମିଷ ଭୋଜନ କରିବା ଆଦୌ ଉଚିତ ନୁହେଁ । ଆମିଷଭୋଜନ ସାତ୍ତ୍ୱିକ ଭାବର ବିରୁଦ୍ଧାଚରଣ କରେ । ସିଦ୍ଧ ଶରୀର ହୋଇଥିଲେ, ଆମିଷ ଭୋଜନ କରି ମଧ୍ୟ ଚଳାଇ ନେଇ ପାରନ୍ତ ।

୨। ଯେଉଁମାନେ (ଗୁରୁକ୍ଷେତ୍ର: ଆଶ୍ରମରେ) ଅଧିକ ଦିନ ରହୁଛନ୍ତି ବା ଆଶ୍ରମ କାର୍ଯ୍ୟ କରୁଅଛନ୍ତି, ସେମାନେ ସେମାନଙ୍କର ନିଜସ୍ୱ ଭାବଧାରାରେ ଚଳୁଛନ୍ତି । କାହାରି କଥା ଶୁଣୁ ନାହାନ୍ତି । ଏହାଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହେଉଛି । ଗୁରୁକ୍ଷେତ୍ରର ପବିତ୍ରତା ନଷ୍ଟ ହେଉଛି ।

୩। ତୁମମାନଙ୍କ ମଧ୍ୟରେ ପରସ୍ପର ସମାଲୋଚନା ହେବା ଆଦୌ ଉଚିତ ନୁହେଁ । ସମାଲୋଚନା ଆମ ପଟୁ ବାହାରିବା ଭଲ । ଏହା ଦ୍ୱାରା ତୁମମାନଙ୍କର ମଙ୍ଗଳ ହେବ ।

୪। ସବୁ କିଛି କଥା ଆମ ଆଗରେ ଆମକୁ କହିବ ନାହିଁତ ଆଉ କାହାକୁ କହିବ ? ସବୁ ପ୍ରକାର କଥା ଆମକୁ ନ କହି ଗୋପନ କରି ମନରେ ଜମାଇ ରଖିଲେ, ତୁମ ଭିତରେ ଜମାଟ ବାନ୍ଧିଥିବା ଭାବର ପରିବର୍ତ୍ତନ ହେବ କିପରି ? ଶେଷରେ ଅବ୍ୟକ୍ତ ମୋହ ପାଶରେ ଆବଦ୍ଧ ହୋଇ ଏ କୂଳ ସେକୂଳ ଦୁଇକୂଳ ହରାଇବ !!

୫। ସାଧନ ଭଜନ, ଜପଧ୍ୟାନ, ଅଭ୍ୟାସ କର୍ମଧାରା ବ୍ୟତୀତ ଜୀବ ଚେତନଶୀଳ ହୋଇ ପାରିବ କିପରି ? ଚେତନଶୀଳ ନହେଲେ ଜୀବର ଉଦ୍ଧାର ହେବ କିପରି ??

୬। ଜୀବ ନିଜର ଭୁଲ୍ ବାରି ବାଛି ପାରେ ନାହିଁ । ଅନ୍ୟର ଭୁଲ୍ ବାରିବାରେ ଓ ବାଛିବାରେ ସେ ସଦା ସର୍ବଦା ବ୍ୟସ୍ତ । ତା'ର ଆପଣାର ଭୁଲତ୍ରୁଟି କିନ୍ତୁ ଅନ୍ୟମାନେ ବାରି ପାରନ୍ତି ଓ ଧରି ପାରନ୍ତି ।

୭। ଅନ୍ୟର ଦୋଷ ଦୁର୍ଗୁଣ ସବୁବେଳେ ଧରିଲେ, ତୁମେ ସେହି ସବୁ ଦୋଷଦୁର୍ଗୁଣର କବଳରେ ପଡ଼ି କ୍ରମଶଃ ଦୋଷଦୁଷ୍ଟ ହୋଇଯିବ ।

୮। ସମାଲୋଚନାର ପର୍ଯ୍ୟାୟ ଦୁଇ ପ୍ରକାର । ଗୋଟିଏ ସୁସମାଲୋଚନା ଓ ଅନ୍ୟଟି କୁସମାଲୋଚନା । ଯେ ଯେଉଁଭଳି ସମାଲୋଚନା କରିବ, ସେ ଠିକ୍ ସେହିଭଳି ହେବ ହିଁ ହେବ ।

୯। ବିଷୟ ଜଗତରେ ନାରୀର ପ୍ରାଧାନ୍ୟ ରହିଛି । ନାରୀ ଭିତରେ ବନ୍ଧନର ଶକ୍ତି ରହିଛି । ବନ୍ଧନ ଯାହା ପାଖରେ ଅଛି, ସଂଚାରିଣୀ ଶକ୍ତି ମଧ୍ୟ ତା'ଠାରେ ଅଛି । ଆଧ୍ୟାତ୍ମିକ ଜଗତରେ ମଧ୍ୟ ନାରୀର ଭୂମିକା ରହିଛି ।

୧୦। ସାଂସାରିକ ଜୀବନରେ ମା' ନିକଟରେ ସ୍ନେହର ବନ୍ଧନ ଓ ବାପାଙ୍କଠାରେ ରହିଛି ଭୟର ଶାସନ । ଆଧ୍ୟାତ୍ମିକ ଜୀବନରେ ଶ୍ରୀଗୁରୁଙ୍କ ଠାରେ ଉଭୟ ସ୍ନେହର ବନ୍ଧନ ଓ ଭୟର ଶାସନ ରହିଛି ।

୧୧। ଶାରୀରିକ ଶକ୍ତି ଓ ବୋଧଶକ୍ତିର ଅଭାବରୁ ଜୀବ ଧୈର୍ଯ୍ୟହରା ହୋଇ ପଡ଼େ । ଫଳତଃ ସେ ପରିବାରର କଷଣ ଓ ସମାଜର କଷଣ ସହିବା ପାଇଁ ଅକ୍ଷମ ହୁଏ ।

୧୨। ଶରୀର ସନ୍ଦେହୀ । ସନ୍ଦେହୀ ଶରୀର ମଧ୍ୟରେ ବୋଧ ଶକ୍ତିର ଅଭାବ ହେତୁ ଜୀବ ଭିତରେ ଈର୍ଷା ଓ ଅବିଶ୍ୱାସ ଭାବ ସୃଷ୍ଟି ହେଉଛି । ଏହା ହେବା ମଧ୍ୟ ସ୍ୱାଭାବିକ । ଅପର ପକ୍ଷରେ ସନ୍ଦେହଦ୍ୱାରା ମସ୍ତିଷ୍କର ବ୍ୟାୟାମ ହୁଏ । ମସ୍ତିଷ୍କର ବ୍ୟାୟାମ ନହେଲେ, ଜିଜ୍ଞାସା ମନୋବୃତ୍ତିର ଉଦ୍ରେକ ହୁଏ ନାହିଁ ।

୧୩। ନିଜର ଦୃଢ଼ତା ଥିଲେ, ପରୋକ୍ଷରେ ଶୂନ୍ୟସତ୍ତାଙ୍କୁ ଜଣାଇଲେ, ସେ ନିଶ୍ଚୟ ଶୁଣିବେ । ଗୁରୁଙ୍କ ନିକଟରେ ବା କୌଣସି ସାଧୁ ପୁରୁଷଙ୍କ ନିକଟରେ ଜୀବ ପ୍ରତ୍ୟକ୍ଷ ଭାବରେ ଜଣାଏ । ଭାବର ଦୃଢ଼ତା ଥିଲେ, ପରୋକ୍ଷ ଭାବରେ ଗୁରୁଙ୍କୁ ନିଜର ସମସ୍ୟା ଜଣାଇ ଫଳ ଅବଶ୍ୟ ପାଇ ପାରିବ ।

୧୪। ଜୀବ ଭିତରେ ବହୁଭାବ ଥିବାରୁ ଜୀବ ବିଭିନ୍ନ ଭାବନେଇ ନିୟନ୍ତ୍ରିତ ହେଉଛି । ଯାହାଫଳରେ ଜୀବ ଏକମୁଖୀ ହୋଇ ପାରୁନାହିଁ । ଏକଭାବରେ ଦୃଢ଼ତା ଆସିଲେ, ଏକମୁଖୀ ହେବା ସମ୍ଭବ ।

୧୫। କ୍ଷରିତ ଜ୍ଞାନ କେବଳ ସଂସ୍କୃତରେ ଆସେ । ଗଦ୍ୟ ଆକାରରେ ଆସେ ନାହିଁ । ବିଭିନ୍ନ ମହାପୁରୁଷ ଯେଉଁ ବାଣୀମାନ ଗଦ୍ୟ ଆକାରରେ ପ୍ରଦାନ କରିଅଛନ୍ତି, ତାହା ସେମାନଙ୍କର କ୍ଷରିତ ଜ୍ଞାନ ନୁହେଁ । ତାହା ବରଂ ସେମାନଙ୍କର ଜ୍ଞାନର ପରାକାଷ୍ଠା ।

୧୬। ଯେଉଁମାନେ ଜୀବନଥିବା ପର୍ଯ୍ୟନ୍ତ (ଜୀବ ଯିବା ପର୍ଯ୍ୟନ୍ତ) ଗୁରୁଦତ୍ତ ବୀଜମନ୍ତ୍ର ଜପୁଥିବେ, ପରଜନ୍ମରେ ତାହା ତାଙ୍କର ବିସ୍ମରଣ ହେବ ନାହିଁ । ଯିଏ ଯେଉଁ ଭାବରେ ଆସୁପଛକେ ସର୍ବଦା ବୀଜମନ୍ତ୍ର ଜପିଜପି ଆସିବା ଉଚିତ । ମନ୍ତ୍ରଜପଦ୍ୱାରା ଭାବର ଉଦୟ ହୁଏ, ହେବ ।

୧୭। ସୀମିତ ମସ୍ତିଷ୍କ ଓ ସୀମିତ ବିଚାର ନେଇ ବିସ୍ତୃତ ବିଚାରକୁ ମାପି ପାରିବ କିପରି ? ସାଗର ଅନନ୍ତ, ନଦୀ କ୍ଷୁଦ୍ର । ନଦୀ କେବେହେଲେ ସମୁଦ୍ରକୁ ମାପି ପାରିବ ନାହିଁ । କିମ୍ବା ମାପିବାର କଳ୍ପନା ମଧ୍ୟ କରିପାରିବ ନାହିଁ । ସେହିପରି ଜୀବ ତା'ର ସୀମିତ ଚିନ୍ତାଧାରାର ସୂତ୍ର ନେଇ ସ୍ରଷ୍ଟାଙ୍କର ବିରାଟ ନିଷ୍ପତ୍ତିର ସୂତ୍ରକୁ ଧରି ପାରିବ ନାହିଁ ।

୧୮। ବଦ୍ଧଜୀବ ଗୃହୀତ ଫଳକୁ କିମ୍ବା ଆଗାମୀ ଫଳକୁ ଜାଣି ପାରୁ ନ ଥିବାରୁ, ନିଜର ବିଚାରରେ ଦୃଢ଼ ରହୁଛି । ଯୁକ୍ତିତର୍କ ବାକ୍‌ବିତଣ୍ଡା ମଧ୍ୟ କରୁଛି । ତେଣୁ ଜୀବ ଅଧୋପତନର ସମ୍ମୁଖୀନ ହେଉଛି ।

୧୯। ଜୀବ ଯାହା ସବୁ ଗୃହୀତ ଫଳନେଇ ଆସିଥାଏ, ଯଦି ସଦାଚାରରେ ଏକମୁଖୀ ଭାବରେ ସତ୍‌ସଙ୍ଗକୁ କିମ୍ବା ଗୁରୁକ୍ଷେତ୍ରକୁ ଆସେ, ତା' ଭିତରେ ଥିବା ଗୃହୀତ ଫଳ ଶୀଘ୍ର ଶୀଘ୍ର ପ୍ରକାଶ ପାଏ । ଗୃହୀତ ଫଳ ପ୍ରକାଶ ପାଇବା ଫଳରେ ଜୀବର ଉପସ୍ଥିତ ସ୍ଥୂଳ ଶରୀରରେ ଅଧିକ ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ଭୋଗ ହୁଏ । ଦୁଃଖଶୋକ ଯନ୍ତ୍ରଣା ଯେତେ ଅଧିକ ହେବ, ତାହା ଈଶ୍ୱରଙ୍କର ବିଚାରରେ ସଂସ୍କାର । ଏହା ଜୀବ ଜାଣିପାରେ ନାହିଁ କି ବୁଝିପାରେ ନାହିଁ ।

୨୦। ବିଶୃଙ୍ଖଳାର ସମାଧାନ ପାଇଁ ବ୍ୟାକୁଳତା ଆସୁଛିକି ? ବ୍ୟାକୁଳତା ଆସିଲେ, ସମାଧାନ ଦିଗରେ ବାରମ୍ବାର ଚେଷ୍ଟା କଲେ, ସମାଧାନର ପଥ ସୁଗମ ହୁଅନ୍ତା । କ୍ଷେତ୍ରରୁ ମଧ୍ୟ ଶାଖାମାନଙ୍କ ସହିତ ଯୋଗାଯୋଗ ରହିଲେ ହୁଅନ୍ତା ।

❀❀❀

# ପୁରାଣପୃଷ୍ଠାରୁ : ଗଳ୍ପାଂଶ - 'ତୁଳସୀ...କଥନ'ର ମୀମାଂସା ଖଣ୍ଡ

ପିଣ୍ଡତତ୍ତ୍ୱ ମତାନୁସାରେ ଜୀବ ଯୋଗମାର୍ଗରେ ବ୍ରହ୍ମାଣ୍ଡର ସକଳ ତତ୍ତ୍ୱ ଆପଣା ପିଣ୍ଡରେ ଅନୁଭବ କରିପାରେ । ଅଚେତନ ଜୀବ ମଧ୍ୟରେ ଏ ପ୍ରକ୍ରିୟା ସଂଘଟିତ ହେଉଥିଲେ ମଧ୍ୟ, ସେ ତାହା ଅନୁଭବ କରିପାରେ ନାହିଁ । ଶବ୍ଦ ଏବଂ ରବ୍ଦ ସୃଷ୍ଟିହୋଇ ବ୍ୟାପକ ହେବା ଅବସ୍ଥାକୁ 'ନାରଦ' କୁହାଯାଏ । ଯୋଗୀ ଯୋଗମାର୍ଗରେ ବହୁଦୂରପଥ ଅତିକ୍ରମ କରିବାପରେ ବେଦଚାରିଅଙ୍ଗ ଆତ୍ମାନୁଭୂତିରେ ଆଣି ଓଲଟ ବ୍ରହ୍ମଙ୍କୁ ସୂକ୍ଷ୍ମରେ ଅନୁଭବକରେ । ଏହି ଅନୁଭୂତ ଅବସ୍ଥା ହିଁ 'ନାରାୟଣ' ବୋଲି ଏହି ଗଳ୍ପାଂଶରେ କଥିତ । ଯୋଗୀର ଯୋଗକ୍ରିୟା ପରିପକ୍ୱ ଅବସ୍ଥାରେ ଉପନୀତ ହୋଇ ସୂକ୍ଷ୍ମାନୁଭୂତି ପ୍ରବଣ ହେଲେ ପିଣ୍ଡରାଜ୍ୟରେ 'ତୁଳସୀ'ର ଜନ୍ମ ହୁଏ ଓ ବରପ୍ରାପ୍ତି ମଧ୍ୟ ହୋଇଥାଏ । ଅବଶ୍ୟ ଏହା ଯୋଗାରୂଢ଼ ଅବସ୍ଥାର ପର୍ଯ୍ୟାୟକ୍ରମିକ କ୍ରିୟା ଅଟେ ।

ଏହି ଗଳ୍ପାଂଶରେ ପିଣ୍ଡ ମଧ୍ୟସ୍ଥ ବ୍ରହ୍ମଦଣ୍ଡରେ ଅବସ୍ଥିତ ଚକ୍ର ସମୂହର ଅଧିଷ୍ଠାତା ଚୈତନ୍ୟପୁରୁଷଙ୍କୁ ଚକ୍ରବର୍ତ୍ତୀରାଜା ଧର୍ମଧ୍ୱଜ ବୋଲି କୁହାଯାଇଛି । ସେ ସତ୍ୟବ୍ରତ ଏବଂ ଦୃଢ଼ ପ୍ରତିଜ୍ଞ । ଯୋଗୀ ଯୋଗ ମାର୍ଗରେ କୁଣ୍ଡଳିନୀ ଜାଗ୍ରତ କରାଇ ଚକ୍ରଭେଦ ନିମନ୍ତେ ସତ୍ୟ, ନିଷ୍ଠା ଓ ଦୃଢ଼ ପ୍ରତିଜ୍ଞାର ସହିତ ଅଗ୍ରଗତି କରିଥାଆନ୍ତି । ପତ୍ନୀ ମାଧବୀ ବୋଇଲେ ଚିତ୍ତର ଦ୍ୱାଦଶରଙ୍ଗନାୟିକାକୁ ବୁଝାଯାଏ । ଏହା ଚିତ୍ତକୁ ସୂକ୍ଷ୍ମରେ ପରିବର୍ତ୍ତନ କରେ । ଗନ୍ଧମାର୍ଦ୍ଦନ ପର୍ବତ ବୋଇଲେ ଭୃଷଙ୍ଗ ଚେତା ବା ଜଡ଼ଚେତାବସ୍ଥା । ଯୋଗମାର୍ଗରେ ଗତିଶୀଳ ଥିବା କାଳରେ ବହୁ ସମୟରେ ଯୋଗୀ ଚିତ୍ତର ବୃତ୍ତି ଜାଲରେ ପଡ଼ି ଜଡ଼ତା ଅନୁଭବ କରେ । ଏକଶତ ସମ୍ବତ୍ସର ଅର୍ଥାତ୍ ପ୍ରାଣାୟାମ ସୂତ୍ରରେ ଚାନ୍ଦ୍ରାୟଣ ଓ ସୂର୍ଯ୍ୟାୟଣ ସହିତ କୁଣ୍ଡଳିନୀର ସୂକ୍ଷ୍ମ ମିଳନଜାତ ତ୍ରିବେଣୀ ତୀର୍ଥକୁ ବୁଝାଇ ଥାଏ । ପିଣ୍ଡ ତତ୍ତ୍ୱରେ ରତିକ୍ରୀଡ଼ା ବୋଇଲେ ଯୋଗୀର ବାହ୍ୟ ଇନ୍ଦ୍ରିୟ ସଂଯମ ଫଳରୁ ଅନ୍ତଃକରଣରେ ଆତ୍ମରତି ଅର୍ଥାତ୍ ପ୍ରାଣାୟାମସୂତ୍ରରେ ପ୍ରାଣବାୟୁ ଓ ତ୍ରିକୂଟସ୍ଥ ସୂକ୍ଷ୍ମପୁରୁଷର ମିଳନଜାତ ଆନନ୍ଦକୁ ବୁଝାଇଥାଏ । ଏହି ଆନନ୍ଦ ସୂକ୍ଷ୍ମ ବୀଜରେ ଭ୍ରୂଣ ଅବସ୍ଥାରେ ଯୋଗୀର ଚିତ୍ତରାଜ୍ୟରେ କ୍ରମଶଃ ବୃଦ୍ଧିପ୍ରାପ୍ତ ହୁଏ । ଏକଶତଦେବସମ୍ବତ୍ସର ଅର୍ଥ ବ୍ରହ୍ମଦଣ୍ଡ ମଧ୍ୟସ୍ଥ ଆନନ୍ଦରସ ଚକ୍ରଭେଦ କାଳରେ ଊର୍ଦ୍ଧ୍ୱଗାମୀ ହୋଇ ଏକଶତବାର ଆଜ୍ଞାଚକ୍ରରେ ଆଘାତ କରିବାକୁ ବୁଝାଯାଏ । ଯୋଗୀ ଯୋଗ ମାର୍ଗରେ ଅବିଚଳିତ ଥିଲେ ବାହ୍ୟଇନ୍ଦ୍ରିୟଜ୍ଞାନ ରହିତ ଅବସ୍ଥାରେ ଏହା ସଂଘଟିତ ହୋଇଥାଏ ଏବଂ ଅନୁଭବ କରିପାରେ । କାର୍ତ୍ତିକ ପୂର୍ଣ୍ଣିମା କହିଲେ ଜୀବବ୍ରହ୍ମ ଏବଂ ପରଂବ୍ରହ୍ମଙ୍କର ପୂର୍ଣ୍ଣ ମିଳନ ଅବସ୍ଥାରେ ଉଦୟ ହେଉଥିବା ପୂର୍ଣ୍ଣଜ୍ଞାନ ଅବସ୍ଥାକୁ ହିଁ ବୁଝିବାକୁ ହୁଏ । ଭୃଗୁପୁତ୍ର (ଶୁକ୍ର) ବାର ତ୍ରିବେଣୀର ଅଧୀରାଚେତାକୁ ବୋଲାଯାଏ । 'ଗର୍ଭରୁ ସୁନ୍ଦରୀ କନ୍ୟା ଜାତ ହେବା'ର ଅର୍ଥ ହେଉଛି ଯୋଗୀର ଆତ୍ମରତି ବୃଧ୍ୱନା ଚେତାରେ ମିଶି ସ୍ଥିତପ୍ରାଜ୍ଞ ଅବସ୍ଥା ଆଣିବା । ଏହା ଚିତ୍ତରାଜ୍ୟରୁ ଜାତ ହୋଇ ଯୋଗୀ ପିଣ୍ଡରେ ଓଜସ୍ୱୀ ଶରୀର ଦେଖାଏ । ଚକ୍ଷୁରୁ ଜ୍ୟୋତିତେଜ ବାହାରେ । ଉଭୟ ସୂକ୍ଷ୍ମରେ ମିଶିଲେ ସ୍ଥୂଳଭାଗର ହାନି ଘଟାଏ । ଯୋଗୀ ଆମସ୍ଥ ଅବସ୍ଥାରେ ସୂକ୍ଷ୍ମଭାବରେ ବିହ୍ୱଳ ହୋଇ ଅଧିକରୁ ଅଧିକ ନୀରବତା ଅବଲମ୍ବନ କରେ, ବହୁଜନ ସମାଗମ ଓ ବହୁକଥନରେ ଅସନ୍ତୋଷ ପ୍ରକାଶ କରେ । ପାଦଦେଶରେ ପଦ୍ମଚିହ୍ନ ବୋଇଲେ ପିଣ୍ଡତତ୍ତ୍ୱମତରେ ଓଲଟବୃକ୍ଷରୂପକ ଶରୀରର ସହସ୍ରାରର ପଦ୍ମକୁ ବୁଝାଯାଏ । ଯୋଗୀର କୁଣ୍ଡଳିନୀ ଶେଷଚକ୍ରରେ ଉପନୀତ ହେଲେ ପୂର୍ଣ୍ଣଜ୍ଞାନୋଦୟ ହୋଇଥାଏ ଓ ବ୍ରାହ୍ମୀ ଅବସ୍ଥା ପରିପକ୍ୱ ହୋଇ ବ୍ରହ୍ମଦର୍ଶନ ସମ୍ଭବ ହୁଏ । 'ତୁଳସୀ' କହିଲେ ଅତୁଳନୀୟ ବ୍ରହ୍ମଜ୍ଞାନ ସମ୍ଭୂତ ଯୋଗମାର୍ଗର 'ଚରମ' ଅବସ୍ଥା । ବଦରିକା ବନ ବୋଇଲେ ଆଜ୍ଞାଚକ୍ର । ଯୋଗୀ ଯୋଗାରୂଢ଼ ଅବସ୍ଥାରେ ଚିତ୍ତବୃତ୍ତି ନିରୋଧ କରି ଚୈତନ୍ୟ ପୁରୁଷଙ୍କୁ ଆଜ୍ଞାଚକ୍ରରେ ପରମପୁରୁଷଙ୍କ ସହିତ ମିଳିତ କରିପାରେ । 'ଶ୍ରୀମନାରାୟଣଙ୍କୁ ପତିରୂପେ ପାଇବା' ଅର୍ଥ

ହେଉଛି ଯୋଗମାର୍ଗର ଚରମାବସ୍ଥାରେ ଓଲଟବ୍ରହ୍ମଙ୍କ ସହିତ ସମ୍ମିଳିତ ହୋଇ ପରମାନନ୍ଦ ଲାଭ କରିବା । 'ଏକଲକ୍ଷ ଦେବବର୍ଷ' ବୋଇଲେ ପରମାନନ୍ଦ ପ୍ରାପ୍ତି ନିମନ୍ତେ 'ଲୟ ଓ ଭାବ'ର ଏକାଗ୍ରତା ନିମନ୍ତେ ନିୟମିତ ଯୋଗ, ଧ୍ୟାନ, ଜପାଦି କରଣକୁ ବୁଝାଇଥାଏ । 'ଉର୍ମି'ର ଚେତାଦ୍ୱାରକୁ ଗ୍ରୀଷ୍ମକାଳ ବୋଲି ଏଠାରେ କୁହାଯାଇଛି । 'ପଞ୍ଚଅଗ୍ନି' ବୋଇଲେ ହୃଦଚକ୍ରରୁ ଲିଙ୍ଗଚକ୍ର ପର୍ଯ୍ୟନ୍ତ ସ୍ଥାନ । ଯୋଗୀ ସମାଧିର ପଞ୍ଚମ ପାଦରେ ଅବସ୍ଥାନ ଅବସ୍ଥାକୁ ଏଠାରେ ସୂଚନା ଦିଆଯାଇଛି । ଯୋଗ ପ୍ରକ୍ରିୟାର ସମାଧିସ୍ତରର ଅବସ୍ଥାରେ ଯୋଗୀ ଏହା ଅନୁଭବ କରେ । ଯୋଗୀ 'ଯମଜ' କାଳରେ ପଦାର୍ପଣ କଲେ, ବୈଖାରୀୟ ସ୍ନାୟୁ କୋଷ ପରିପୂର୍ଣ୍ଣ ସ୍ଥିରଅବସ୍ଥାରେ ଯେଉଁ ଶୀତଳତା ଅନୁଭବ କରେ, ତାହାକୁ ଶୀତ ଋତୁ ଏବଂ ଆନୁଷ୍ୟକାଳହେତୁ ମାନସିକସ୍ତରରେ ଯେଉଁ ସୂକ୍ଷ୍ମ ଶୀତଳ ଭାବ ଅନୁଭବ କରେ ତାହାକୁ ଶୀତଳଜଳ ବୋଲି ଏଠାରେ କୁହାଯାଇଅଛି । ଯୋଗୀର ତତ୍ପର ଅବସ୍ଥାରେ ଉଜାଣୀ କାଳକୁ ବର୍ଷାଋତୁ (ତତ୍ତ୍ୱକ୍ଷରିତ ଅବସ୍ଥା), ଏକାଗ୍ରଚିତ୍ତଲକ୍ଷ୍ୟର ମନୋଭାବ ଅବସ୍ଥାକୁ ଶ୍ମଶାନ (ବୈରାଗ୍ୟ) ଏବଂ ଚିତ୍ତବର୍ଷଣ ତତ୍ତ୍ୱଜ୍ଞାନକୁ ଜଳଧାରା ବୋଲି ବର୍ଣ୍ଣନା କରାଯାଇଛି । ଚୈତନ୍ୟ ସହସ୍ରାଗାରରେ ପହଞ୍ଚିଲେ, ଯୋଗୀ କୋଡ଼ିଏଟି ସୋପାନ ଯୋଗମାର୍ଗରେ ଅତିକ୍ରମ କରେ । ଏହାକୁ କୋଡ଼ିଏ ହଜାର ବର୍ଷ ବୋଲି କୁହାଯାଇଛି । ସ୍ନାୟୁକୋଷରେ ଏହା ଘଟିଥାଏ । ଏହି ସମୟରେ ଯୋଗୀ 'ଫଳ ଆହାର' କର୍ମଫଳ ଭୋଗରୁ ତ୍ୟାଗବ୍ରତରେ ବ୍ରତୀ ହୁଏ । ଶରୀର ଶୁଷ୍କ ହୋଇଯାଏ । ଫଳରେ ଯୋଗୀ ପୁଣି ତିରିଶ ଗୋଟି ସୋପାନକୁ ଉଠିଯାଏ ଏବଂ ଶୁଷ୍କ ଶରୀରରେ ଥିବା ହେତୁ ଶୁଷ୍କପତ୍ର ଆହାର କରିବା ବୋଲି ଏଠାରେ ଦର୍ଶାଯାଇଅଛି । ଏହି ଅବସ୍ଥାରେ ଯୋଗୀ ସହସ୍ରାରେ ଧଳା, ହଳଦିଆ ବର୍ଣ୍ଣର ଜ୍ୟୋତିଃ ଦର୍ଶନ କରନ୍ତି । କିନ୍ତୁ ତହିଁରେ ସନ୍ତୁଷ୍ଟ ନ ହୋଇ ଯୋଗ ମାର୍ଗରେ ଆହୁରି ଆଗକୁ ଚାଲନ୍ତି । ଏହାପରେ ଯୋଗୀ ଚାଳିଶ ସୋପାନ ଅତିକ୍ରମ କରନ୍ତି । ଏହାକୁ ଚାଳିଶ ହଜାର ବର୍ଷ ବୋଲି ଦର୍ଶାଇ ଦିଆଯାଇଛି । ଏହି ଅବସ୍ଥାରେ 'ପବନ ଆହାର' ଅର୍ଥାତ୍ ପ୍ରାଣାୟାମ ସୂତ୍ରର ସପ୍ତମ ପାହାଚରେ ପ୍ରାଣବାୟୁ ନିୟନ୍ତ୍ରଣ ସୂତ୍ର ମତରେ ଦିବ୍ୟଜ୍ଞାନ ଉଦୟହୁଏ । ଏହି ସୋପାନ ଏଥିପାଇଁ ଉଦ୍ଦିଷ୍ଟ । ଚାଳିଶ ସୋପାନରେ ଯୋଗୀ ସହସ୍ରାରେ ନୀଳବର୍ଣ୍ଣର ଜ୍ୟୋତିଃ ଦର୍ଶନ କରନ୍ତି । ଦଶହଜାର ବର୍ଷ କହିଲେ ସହସ୍ରଦଳର ଜ୍ଞାନଅଙ୍ଗକୁ ବୁଝାଏ । ଯଥା:- (୧) ଆସ୍ୱୃତ, (୨) ବିମ୍ବିକା, (୩) କଶନ, (୪) ଚାରୁଁ, (୫) ପ୍ରଶ୍ରୀକ୍ଷା, (୬) ନିମ୍ବା, (୭) ଠକର୍ଣ୍ଣ, (୮) ବଳିବ୍ରହ୍ମ, (୯) ଉଜାଣି ଏବଂ (୧୦) ଗଚ୍ଛନ୍ଦ । ଯୋଗୀ ଏ ସକଳ ଦଶଜ୍ଞାନାଙ୍ଗ ସାଧନ ପରେ ସର୍ବଦା ବ୍ରହ୍ମକୁ ଲୟ ରଖେ । ଏହି ଜ୍ଞାନାଙ୍ଗ ସାଧନ କାଳରେ ସମାଧି ପାଦର ଚତୁର୍ଥ ଅବସ୍ଥା ଅତିକ୍ରମ କଲେ, ଯୁକ୍ତ ଖେଚରୀମୁଦ୍ରା ପଡ଼େ । ଯୋଗୀ ଏହି ମୁଦ୍ରାରେ ଏକାଗ୍ରଚିତ୍ତରେ ପଦ୍ମପାଦରେ ଲୟ ରଖି ମନ୍ତ୍ରଜପରେ ଆମଗ୍ନ ହୋଇ ଖାଦ୍ୟ ଗ୍ରହଣ କରେ ନାହିଁ । ମାତ୍ର ଖେଚରୀ ମୁଦ୍ରାରେ ଥାଇ ସହସ୍ରା ଦେଇ ବ୍ରହ୍ମଦଣ୍ଡର ଆନନ୍ଦରସ ପାନ କରି କ୍ଷୁଧାତୃଷା ନିବାରଣରେ କ୍ଷମ ହୋଇଥାଏ । ଏହି ଅବସ୍ଥାକୁ ଯୋଗୀର ନିରାହାର ଅବସ୍ଥା ବୋଲି କୁହାଯାଇଅଛି ।

ଏହାପରେ ଯୋଗୀର ପିଣ୍ଡଜ୍ଞାନ ଲାଭପରେ ଏକସ୍ୱର ଚୈତନ୍ୟ ଅବସ୍ଥା ଜାଗରିତ ହୁଏ । ଏହାକୁ 'ଏକପାଦରେ ଉଭା ହେବା' ବୋଲି କୁହାଯାଇଛି । 'ଅନ୍ୟ କେଉଁଆଡ଼େ ଦୃଷ୍ଟି ନିକ୍ଷେପ ନ କରିବାର ଅର୍ଥ ହେଉଛି ଇନ୍ଦ୍ରିୟଗ୍ରାହ୍ୟ ବିଷୟ ପ୍ରତି ବିମୁଖ ଏବଂ ବିଷୟାସଂସାର ପ୍ରତି ଆନ୍ତରିକ ବୈରାଗ୍ୟ ଭାବର ଉଦୟ ହେବା । 'ମନକୁ ଧ୍ୟାନ' କରିବା ବୋଇଲେ ଏକାଗ୍ରତାର ସହିତ ଚୈତନ୍ୟକୁ ଲୟ କରିବା ।

ଜୀବବ୍ରହ୍ମ ମଧ୍ୟରେ ଲୁଚି ରହିଥିବା ପରମବ୍ରହ୍ମ 'ପଶ୍ୟତି'ରୁ ନାଭିଦଉଆତ୍ମା ସୃଷ୍ଟିକରିବା ଅବସ୍ଥାକୁ 'ବେଦପତି' ବ୍ରହ୍ମା ବୋଲି କୁହାଯାଇଛି । ବଦରିକା ବନ ବା ଆଜ୍ଞାଚକ୍ରରେ ପରମ ବ୍ରହ୍ମ ସ୍ୱରୂପ ତ୍ରିକୂଟସ୍ଥ ଜ୍ୟୋତିଃଆତ୍ମାକୁ ଯୋଗୀ ସୂକ୍ଷ୍ମତଃ ଧ୍ୟାନଚକ୍ଷୁରେ ଦର୍ଶନ କରିବାକଥା ଏଠାରେ ଉଲ୍ଲେଖ ଅଛି । 'ବରଦାନ'ର ଅର୍ଥ ଏଠାରେ ଯୋଗୀର ଶ୍ରେଷ୍ଠତ୍ୱ ପ୍ରକାଶ ଅବସ୍ଥାକୁ ଲକ୍ଷ୍ୟ କରି କୁହାଯାଇଛି ।

ଗୋଲକ ବୋଇଲେ ଯୋଗୀର ଯୁକ୍ତତ୍ରିକୂଟ ବା ଗୋଲହାଟ । 'ତୁଳସୀ ଗୋପିକା' କହିଲେ ଯୋଗୀର ଯୋଗମାର୍ଗର ଏକ ନିର୍ଦ୍ଦିଷ୍ଟ ସୋପାନରେ ସୃଷ୍ଟ ଗୋପୀ ଭାବ । ରାଧା-ରାସେଶ୍ୱରୀ ବୋଇଲେ ଯୋଗକର୍ମଧାରା । ଶ୍ରୀକୃଷ୍ଣଙ୍କ ସହିତ ଏକତ୍ର ହେବା ଅର୍ଥ ହେଉଛି, ଆତ୍ମାରୂପୀ ଶ୍ରୀକୃଷ୍ଣଙ୍କ ସହିତ ଅଷ୍ଟରନ୍ଧ୍ରାଗୋପୀଭାବାପନ୍ନ ଭକ୍ତଯୋଗୀର ଭକ୍ତିଭାବର ଏକତ୍ରୀକରଣ ହେବା । ଯୋଗୀ କର୍ମଧାରା ଅଭ୍ୟାସ ସୂତ୍ରରେ ଭକ୍ତି ଭାବର ଉଦ୍ରେକ କରାଇ ଜ୍ଞାନପଥରେ ଗତିକରି ଆତ୍ମା ସହିତ ମଳିତ ହେବାର ଧାରାଭ୍ୟାସ ନକଲେ ମାୟା ବନ୍ଧନରେ ପଡ଼େ । ଫଳରେ ମାୟାଚକ୍ରରେ ଜୀବକୋଷର ଶୋଧନ ଆବଶ୍ୟକ ହୁଏ । ଏହାକୁ ଏଠାରେ 'ମର୍ତ୍ତ୍ୟଧାମରେ ନରଦେହ ଲାଭ ପାଇଁ ଅଭିଶାପ' ବୋଲି କଥିତ ହୋଇଅଛି ।

ବୈକୁଣ୍ଠ ବୋଇଲେ ମସ୍ତକର ଉପରିଭାଗ ତ୍ରିକୂଟ । ଏହା ରାଧାକୃଷ୍ଣଙ୍କର ମିଳନସ୍ଥଳ ଗୋଲକ ଅଟେ । ଚତୁର୍ଭୁଜ ବିଷ୍ଣୁ ହୃଦଚକ୍ରରେ ଲକ୍ଷ୍ମୀଙ୍କ ସହ ଅବସ୍ଥାନ କରୁଅଛନ୍ତି । କିନ୍ତୁ ଅତୁଳନୀୟ ବ୍ରହ୍ମଜ୍ଞାନ ସମ୍ଭୂତ ତୁଳସୀ ହୃଦଚକ୍ରରେ ଜ୍ୟୋତିଃ ଦର୍ଶନ ନିମନ୍ତେ ମନ ନବଳାଇ ଓଲଟବ୍ରହ୍ମ ସ୍ୱରୂପ ନାରାୟଣଙ୍କୁ ପାଇବା ଆଶା ପୋଷଣ କରନ୍ତି । ଯୋଗୀ ସେହିପରି ଯୋଗମାର୍ଗରେ ବିଭୂତି ବା ସିଦ୍ଧିରେ ମନ ନବଳାଇ ବ୍ରହ୍ମ ଉପଲବ୍ଧି ଓ ବ୍ରହ୍ମତ୍ୱପ୍ରାପ୍ତି ପାଇଁ ଅଧିକରୁ ଅଧିକ ଯୋଗାଭ୍ୟାସ କରନ୍ତି ।

ସୁଦାମା ବୋଇଲେ ଗର୍ବ, ଅହଂକାର ଆଦି ନ ଥିବା ଓ ନିଜକୁ ଛୋଟ ମନେକରୁଥିବା ଜୀବର ମାନସିକ ଅବସ୍ଥା । 'ଦନୁନରପତିବଂଶ' ବୋଇଲେ ବୀରେନ୍ଦ୍ରିୟ ଗୃହ । ଶଙ୍ଖଚୂଡ଼ ହେଉଛି ତମ ଓ ରଜଗୁଣମିଶ୍ରିତ ସତ୍ୟ ଓ ନ୍ୟାୟ । ଯୋଗୀ ଯୋଗମାର୍ଗରେ ଗତିକରି ବୀରେନ୍ଦ୍ରିୟ ଗୃହର ଦ୍ୱାର ରୁଦ୍ଧ କରି ସତ୍ୟେନ୍ଦ୍ରିୟ ଗୃହର ଭାବ ଓ ଗୁଣ ସମୂହକୁ ବିକାଶ କଲେ, କ୍ରମପର୍ଯ୍ୟାୟରେ ବ୍ରହ୍ମଜ୍ଞାନ ଲାଭର ପଥ ଉନ୍ମୁକ୍ତ ହୁଏ । କଣ୍ଠଚକ୍ରର ବୈରାଗ୍ୟସମତାକାକ ଶ୍ମଶାନଭୂମିରୂପକ ଜ୍ଞାନବିଜ୍ଞାନକୁ ଶିବ କହନ୍ତି । ଜାତିସ୍ମର ବୋଇଲେ ଚୈତନ୍ୟବ୍ରହ୍ମକୁଟକୋଷ । ଯୋଗୀର ଜ୍ଞାତ ଅବସ୍ଥାରେ ଏହା ସୂକ୍ଷ୍ମରେ ଖେଳେ । ସତ୍ୟେନ୍ଦ୍ରିୟଗୃହର ଦ୍ୱାର ଉନ୍ମୁକ୍ତ ନ ହେଲେ ବ୍ରହ୍ମଜ୍ଞାନଲାଭର ପଥ ଖୋଲେ ନାହିଁ ।

ବୃକ୍ଷରୂପ ହେବାର ଅର୍ଥ କଳ୍ପବୃକ୍ଷ ସଦୃଶ କଳ୍ପନାବାଳର ସତ୍ୟାସତ୍ୟ ଉପଲବ୍ଧିର ଅବସ୍ଥା । ମସ୍ତକର ଅଷ୍ଟପାଟବଂଶୀଙ୍କର ବ୍ରହ୍ମଙ୍କ ସହିତ କ୍ରୀଡ଼ାବସ୍ଥା । ଅଷ୍ଟଭଞ୍ଜକ ସ୍ନାୟୁକୋଷ ମିଳନକୁ ବୃନ୍ଦାବନ କୁହାଯାଏ । ସତ୍ୟନିଷ୍ଠମତିର ଅବସ୍ଥାକୁ ବୃନ୍ଦାବତୀ କୁହାଯାଏ ।

ଶ୍ରୀରାଧାଙ୍କର ଷୋଡ଼ଶ ଅକ୍ଷର ମନ୍ତ୍ର ବୋଇଲେ ଯୋଗୀ ଆଜ୍ଞାଚକ୍ରରେ ଯନ୍ତ୍ରଦ୍ୱାରା ଦର୍ଶନ କରୁଥିବା ମନ୍ତ୍ର । ଏହା ଯୋଗୀର ଲଲାଟଦେଶରେ ଦୃଶ୍ୟମାନ ଏବଂ ଅନୁଭବ ହୁଏ । ଏହି ମନ୍ତ୍ର, ଯନ୍ତ୍ରଅବସ୍ଥାରେ ଥାଏ । ଯୋଗୀ ଯୋଗାରୂଢ଼ ଅବସ୍ଥାରେ ଅନୁଭବ ସୂତ୍ରରେ ଏହା ଜାଣିପାରେ । ତା'ପରେ ମନ୍ତ୍ରସୂତ୍ରରେ ଏହା ହରିଦ୍ରାବର୍ଣ୍ଣର ଅକ୍ଷର ସ୍ୱରୂପରେ ଦୃଷ୍ଟିକୁ ଆଣିପାରେ ।

❀❀❀

## 'ମହାଗୁପ୍ତ ପଦ୍ମକଳ୍ପ': ରୁ ଅଚ୍ୟୁତଙ୍କ 'ଚୁମ୍ବକବାଣୀ'ର ସହଜ ସଂକ୍ଷିପ୍ତ ସରଳ ବ୍ୟାଖ୍ୟା :

ନାମ ଭଜନେ ନକର ହେଳା...........କଣ୍ଠେ କରି ଜପମାଳା ।।୧।।

ମାୟା ସଂସାରର ଗତି ଅତିବିଚିତ୍ର । ମାୟା ସଂସାରରେ ମାୟାବୀ ଜୀବ ବିଷୟାଙ୍ଗଜାଳ ଜାଲରେ ପଡ଼ି ନାମ ଭଜନ କରିବା ପାଇଁ ଭୁଲିଯାଏ । ମହାପୁରୁଷ ଅଚ୍ୟୁତାନନ୍ଦ ଏଠାରେ ପିଣ୍ଡତତ୍ତ୍ୱରେ କହୁଛନ୍ତିଯେ, ପିଣ୍ଡର ଅନ୍ତ ସମୟ ନିକଟତର ହେଲାଣି । ରେ ମୂଢ଼ ! ଏକଥା ଥରେ ହେତୁକରି ଗୁରୁନାମ ଭଜନ କର । ପିଣ୍ଡରେ ଥିବା ଜୀବ ଭୟବ୍ୟାକୁଳ ହୋଇ ଗୁରୁଗ୍ରହଣ ଏବଂ ଧାରାଧାରଣ କରି ଦୃଢ଼ ପଦକ୍ଷେପ ନେଇଛି । ସାଧନ ପ୍ରକ୍ରିୟାରେ ଆଗେଇ ଚାଲିଛି । ଅହର୍ନିଶି ଧ୍ୟାନର ବଜ୍ରଷ୍ଟି କ୍ରିୟାଯୋଗ ଆରମ୍ଭ କରି ସୂର୍ଯ୍ୟାଣୀ ଚନ୍ଦ୍ରାଣୀ ସ୍ନାୟୁରେ ଉପନୀତ ହୋଇଛି । ବଜ୍ରଷ୍ଟି କ୍ରିୟାରେ ଅଭ୍ୟାସ କଲେ, ତୁଣ୍ଡଜପ ବନ୍ଦ ହୋଇ କଣ୍ଠରେ ଜପମାଳା ଖୋଲିଯାଏ । ଘପୁରୀ କୋଷରେ ନାମ ଠୁଳ ହୋଇଯାଏ । ଏହି ସମୟରେ ଯୋଗୀ କଣ୍ଠଜପ ଆରମ୍ଭ କରେ । କଣ୍ଠ ଜପ ସମୟରେ ତ୍ରିକୂଟ ସନ୍ଧିରେ 'ପାଦପଦ୍ମ'ରେ ଲୟ ସ୍ଥିର ରହେ ।

କାଳିଆ ବୋଦା ଯୋବରା ........... ଖାଇବେ ତାଙ୍କୁ ବିମଳା ।।୨।।

ଧାରଣା ସମୟରେ ଯୋଗୀର ବିଜେନ୍ଦ୍ରିୟ କୋଷ (ରଜ ଓ ତମ)ର ପ୍ରଭାବରୁ ଭାବର ବର୍ଣ୍ଣ କଳା ହୋଇଯାଏ । ଅଭ୍ୟାସ କ୍ରିୟା ସକ୍ରିୟ ହୋଇ ପୁଣି ନିଷ୍କ୍ରିୟ ହୋଇଯାଏ । ଯୋବରା ବା କୁପ୍ରବୃତ୍ତି ତଦ୍ୱାରା ସକ୍ରିୟ ହୁଏ । ଯୋଗୀ ସ୍ଥିତପ୍ରଜ୍ଞ ଅବସ୍ଥାରେ ନ ପହଞ୍ଚିବା ପର୍ଯ୍ୟନ୍ତ ଏହି ପରିଣତି ଭୋଗ କରେ । ଘୋଷାଜ୍ଞାନ ଠାବେ ଠାବେ କହିପକାଏ । ଏହି ଅବସ୍ଥାରେ ସାଧନାର ସୂତ୍ରକ୍ରିୟାରେ ସେ ଧରାପଡ଼ିଯାଏ । ପିଣ୍ଡରେ ଅର୍ଦ୍ଧୁରୀକୋଷ ଓ ସ୍ନାୟୁ କୁମ୍ଭୀପାଟୁଆ ଅଟନ୍ତି । ମାଂସ ବୋଇଲେ ମା'ର ଅଂସ । ପ୍ରକୃତିର ଅଂଶ ସୁଭାବ ଓ ଶୁଦ୍ଧ ଅଟେ । ଏହା ଷଡ଼ରିପୁଙ୍କୁ ବୁଝାଏ । ଏହି ଅବସ୍ଥାରେ ସଂଯମ ହୋଇଗଲେ, କୋଷ ଶୁଦ୍ଧି ହୋଇଯାଏ । ଯୋଗମାୟା କବଳରେ ରହିଯାଏ । କ୍ଷତିକାରକ ହୁଏ ନାହିଁ । ଯୋଗମାୟା ପଥ ଦେଖାଏ । ଯୋଗୀର ଆତ୍ମତନ୍ମୟନ ପଥ ସୁଗମ ହୁଏ ।

ଭକ୍ତମାନେ ମେଳ ହେବେ ........... ପଚାରୁଥିବେ ଶାରଳା ।।୩।।

ପିଣ୍ଡତତ୍ତ୍ୱରେ ଭକ୍ତଗଣ ବୋଇଲେ ସତ୍ୟେନ୍ଦ୍ରିୟ ବୃତ୍ତି ସକଳ । ଏହି ଅବସ୍ଥାରେ ବ୍ରହ୍ମଚର୍ଯ୍ୟର ସତ୍‌କ୍ରିୟା ଅଭ୍ୟାସ କରି ଉଚ୍ଚାରଣ କରି ଚାଲିଲେ, ତୁଣ୍ଡର ଶୁଦ୍ଧିକରଣ ହୁଏ । ଆଚରଣ ମାର୍ଗ ଧିର ମନ୍ଥର ହୋଇଯାଏ । ରତ୍ନବଟ ବ୍ରହ୍ମକ୍ରୋଟରନ୍ଧ୍ରକୁ ବୁଝାଏ । ଭାବ ଯେତେ ଦୃଢ଼ ହୁଏ, ତାହା ସେତେ ଅଧିକ ଭକ୍ତିପୂର୍ଣ୍ଣ ଅଂଶ ସୃଷ୍ଟି କରେ । ସୁଭାବସମୂହ ବ୍ରହ୍ମକ୍ରୋଟରେ ଠୁଳ ହୋଇଯାଆନ୍ତି । ଗୁରୁଦତ୍ତ ବୀଜମନ୍ତ୍ରର ଅକ୍ଷରତତ୍ତ୍ୱ ଓ ବ୍ରହ୍ମଏକାକ୍ଷର ଚୈତନ୍ୟସ୍ୱରୂପ ଅନୁଭବ ସମୟରେ ଲାଲବର୍ଣ୍ଣ ଓ ଧବଳବର୍ଣ୍ଣ ଆଲୋକ ଚେତା ଏବଂ ଲୟରେ ଦୃଶ୍ୟମାନ ହୁଏ । ଏହି ପର୍ଯ୍ୟାୟରେ ଶାରଳା 'ଯାହାଙ୍କୁ ଶୁଦ୍ଧମାୟା ପିଣ୍ଡତତ୍ତ୍ୱରେ କହନ୍ତି' ପରୀକ୍ଷା କରନ୍ତି । ଯୋଗୀ ସତ୍‌ମାର୍ଗରେ ତଳକୁ ଖସି ପୁଣି ଉପରକୁ ଉଠିବାପାଇଁ ଆଗୁସାର ହୋଇଯାଏ । ସତ୍ୟେନ୍ଦ୍ରିୟବୃତ୍ତି ସଫଳତା ବା ବିଫଳତାର ନିଷ୍ପତ୍ତିରେ ଯୋଗୀ ହୃଦୟରେ ଦୃଢ଼ ଭକ୍ତିଭାବ ତୋଳେ ।

ସଦ୍‌ଗୁରୁ ସେବିଥିଲେ ........... ଦେବୀ ମୋଡ଼ିବେଟି ଗଳା ।।୪।।

ଯେଉଁ ଭକ୍ତ ଗୁରୁପ୍ରଦତ୍ତ ମନ୍ତ୍ର, ଧାରା, ଆଦେଶ, ଆଜ୍ଞା ପାଳନରେ ନିଷ୍ଠା ରଖିଥିବେ, ସେମାନେ ଏହି ଅବସ୍ଥାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ପିଣ୍ଡରେ ବ୍ରହ୍ମକ୍ରୋଟର ଚେତାସୂତ୍ର ଅନୁଭବ କରି ନପାରିଲେ, ଏହି ପର୍ଯ୍ୟାୟରେ ତାହା କୋଷବଦ୍ଧ ହୋଇ ରହିଯାଏ ଏବଂ ପରଜନ୍ମରେ ପର୍ଯ୍ୟାୟକ୍ରମରେ ସକ୍ରିୟ ହୋଇ ଉଠେ ଓ ଜୀବ ତାହା ଅବଶ୍ୟ ଭୋଗକରେ ।

ପ୍ରଭୁ ସଙ୍ଗେ ସଙ୍ଗୀ ହୋଇ ........... ସେମାନେ ଦେଖିବେ ଲୀଳା ।।୫।।

ଯୋଗୀର କୁଣ୍ଡଳିନୀ ଜାଗ୍ରତ ହୋଇ ''ରୟିକ୍ରୋଚୟ'' ସ୍ନାୟୁରେ ପହଞ୍ଚିଲେ, ଅଂଶୀୟ ପିଣ୍ଡତତ୍ତ୍ୱଜ୍ଞାନ କ୍ଷରିତ ହୁଏ । ଜୀବବ୍ରହ୍ମ ପରଂବ୍ରହ୍ମ ସହିତ ଯୋଗ ନ ହୋଇ ଲୁଚକାଳି ଖେଳିଲା ଭଳି ମହୀ ଅର୍ଥାତ୍ ପିଣ୍ଡରେ ଭକ୍ତ ବା ଶୁଦ୍ଧକୋଷ ସହିତ ପିଣ୍ଡରେ ଅଗ୍ରୋହୀକ ଜ୍ଞାନକୋଷ ପର୍ଯ୍ୟନ୍ତ ଯିବାଆସିବାରେ ଲୟ ଓ ଭାବ ରକ୍ଷା କରି ଚାଲିଥାଏ । ସମାଧିର ତୃତୀୟ ପାଦରେ ଜ୍ୟୋତିଃର ଆଂଶିକ ରୂପ ଚେତାଘଟରେ ଅନୁଭବ ହୁଏ । ଯେଉଁ ଯୋଗୀ ଅନୁଭବରେ ବୁଡ଼ି ରହିଥାଆନ୍ତି ସେ ଉର୍ଦ୍ଧ୍ୱକନ୍ତିକ ସ୍ନାୟୁ, ଧୂର୍ମ୍ମ, କୌଶିକ ସ୍ନାୟୁ ଦ୍ୱାରା ପିଣ୍ଡରେ ଜ୍ୟୋତିଃଲୀଳା ଦର୍ଶନ କରି ପାରନ୍ତି ।

ପାଷାଣ୍ଡ ହୋଇବେ ରୁଣ୍ଡ ......... ବଳରାମ ଚକାଡ଼ୋଳା ।।୬।।

ସମାଧି ସୋପାନରେ ''ସଂଖ୍ୱିକୁଶ୍ୱ ସ୍ନାୟୁକୋଷ''ରେ ଅବସ୍ଥାନ କଲାପରେ ଜୀବ (ଯୋଗୀ)ର ବିଜେନ୍ଦ୍ରିୟ କୋଷ ନିଷ୍କ୍ରିୟ ଅବସ୍ଥାରେ ଥାଏ । ଯୋଗୀ କୁଣ୍ଡଳିନୀ ମାର୍ଗରେ ମଧ୍ୟସ୍ଥଳରେ ପହଞ୍ଚି ସଦ୍‌ଅନୁଷ୍ଠାନାଦିରେ ଚାଲିଥାଏ । ଏହି ଅବସ୍ଥାରେ ରଜଃ ଓ ତମ ଉଭୟ ଗୁଣର ସମ୍ମିଶ୍ରଣରେ ''ଅହଂତ୍ୱ'' ବୃତ୍ତି ସକ୍ରିୟ ହୁଅନ୍ତି । ସତ୍‌ଗୁଣରେ ପ୍ରବେଶ କରି ସେମାନେ ଜିଦ୍‌ଖୋର ହୋଇଉଠନ୍ତି । ଏହା ଫଳରେ ପ୍ରତ୍ୟେକ ସ୍ଥଳରେ ଦୃଢ଼ ପଦକ୍ଷେପ ନିଅନ୍ତି । ଖାଦ୍ୟ ଛାଡ଼ି ନିରାହାର ରହିବା, କୁକଥା, କୁଦୃଷ୍ଟି, କୁଭାଷା ଛାଡ଼ି ସ୍ୱଭାବର ତମବୃତ୍ତି ଧାରଣ କରନ୍ତି । ଯଥା: ଏହା କରିବୁ ହିଁ କରିବୁ । ଏତିକି ମାତ୍ର ମନ୍ତ୍ର ଜାଣିବୁ । ଏହି ଲୟରେ ରହିବୁ । ଫଳରେ ଧର୍ମଧ୍ୱନିର ପାଷାଣ୍ଡ ଭାବ ରଖନ୍ତି । ପଥ ସୁଗମ ପାଇଁ ଯୋଗମାର୍ଗର ସଂରକ୍ଷଣୀ ରକ୍ଷାକର୍ତ୍ତ୍ରୀ ଯୋଗମାୟା । ସେ ଯୋଗୀର ଏହି ଅବସ୍ଥାରେ ପାଷାଣ୍ଡଭାବକୁ ଦମନ କରି ସତ୍ୟ, ନ୍ୟାୟ, ଶାନ୍ତି, କ୍ଷମାଦି ସତ୍ୟେନ୍ଦ୍ରିୟ ବୃତ୍ତିର ଦୃଢ଼ତାରେ ଶୀତଳ ନିଷ୍ଠା ପ୍ରଦାନ କରନ୍ତି । ଏହା ଫଳରେ ଯୋଗୀର ମନୋଭାବ ସରୁ (ତୀକ୍ଷ୍ଣ) ହୋଇଯାଏ । ଗତି, କଣ୍ଠ, ସ୍ୱର, କାର୍ଯ୍ୟାଦି ସକଳବିଷୟ ତୀକ୍ଷ୍ଣ ଅବସ୍ଥାକୁ ଆସିଯାଏ । ଯୋଗୀ ବାହ୍ୟଜ୍ଞାନଶୂନ୍ୟ ହୋଇଯାଏ । ଏହି ଅବସ୍ଥାରେ ଚେତନା ଜ୍ୟୋତିଃବ୍ରହ୍ମଃର ରୂପ ନୀଳ (କୃଷ୍ଣ) ଓ ଧବଳ (ବଳରାମ) ବର୍ଣ୍ଣର ଜ୍ୟୋତିଃ ଦ୍ରୁତଗତିରେ ଅନୁଭବ ହୁଏ । ଏହି ଅବସ୍ଥାରେ ଜୀବପରମର ଲୀଳାଖେଳା ସ୍ପଷ୍ଟ ଅନୁଭବ କରିପାରେ ।

କାଠମାଳିଆ ଭକତ.......ତାଙ୍କୁ ଖାଇବେ ମଙ୍ଗଳା ।।୭।।

ଯୋଗୀ ଭକ୍ତିଭାବରେ ଦୃଢ଼ ହୋଇଗଲେ, ପୂର୍ବର ମ୍ଳେଚ୍ଛମାଳା ଗଳାରୁ ଓହ୍ଲାଇପକାଇ, ସତ୍ୟ, ନ୍ୟାୟ, ଧର୍ମ, ନିଷ୍ଠା, ସେବା, ତ୍ୟାଗ, ଶାନ୍ତି, ଦୟା, କ୍ଷମାଦିର ଶୁଷ୍କ କାଠମାଳା ଗଳାରେ ପକାଏ । ଗୁରୁଦତ୍ତ ମନ୍ତ୍ର, ଉପଦେଶ, ଆଚରଣକୁ ଝୁଲା କରି କାନ୍ଧରେ ପକାଏ । ପିଣ୍ଡର ସୂକ୍ଷ୍ମକୋଷଗୁଡ଼ିକ ମଧ୍ୟ ସବଳ ହୋଇଉଠନ୍ତି । ସତ୍ୟେନ୍ଦ୍ରିୟ ସ୍ନାୟୁରୂପକ ଧର୍ମର ଚିତା କପାଳରେ ମାରିଲେ, ମନରୁ କୁଚିନ୍ତା ଦୂରୀଭୂତ ହୁଏ । ସୁଚିତା ଧାରଣ କରି ସୁଚେତା ହୋଇ ରହେ । ସମାଧି ସ୍ତର ପରେ ଧର୍ମଧ୍ୱଜା ରୂପକ ଛତା ଧରି ପୂର୍ଣ୍ଣ ବୈରାଗ୍ୟରେ ବସି ରହେ । ଯୋଗୀ ଏକଲୟରେ ବସିଥିବା ଅବସ୍ଥାରେ ମହାମାୟା ପରୀକ୍ଷା କରନ୍ତି । ଯୋଗୀ ଜ୍ଞାନତତ୍ତ୍ୱରେ ଉତ୍ତୀର୍ଣ୍ଣ ହେଲେ ମହାମାୟା ଆଗକୁ ପଥ ଦେଖାନ୍ତି । ଏହି ସମୟରେ କୁଣ୍ଡଳିନୀ ବୈସୃଷ୍ଠ ସ୍ନାୟୁ ଯୋଗୀର ସହାୟକ ହୁଏ ।

ମାଛ ମାଂସଖିଆ ଭକ୍ତ............. ରକ୍ତ ଶୋଷି ମୋଡ଼ି ଗଳା ।।୮।।

ସ୍ଥିତପ୍ରାଜ୍ଞ ଏବଂ ଦାର୍ଢ୍ୟତାଭକ୍ତି ଅବସ୍ଥାରେ ପହଞ୍ଚିଲେ, ଯୋଗୀ ମାଛ, ମାଂସାଦି ଆମିଷଦ୍ରବ୍ୟ ଧାରଣ କରେ ନାହିଁ । ମାଂସ ଅର୍ଥାତ୍ ମାଆର ଅଂସ ବା ପ୍ରକୃତି । ପ୍ରକୃତି ହେଉଛି ମାଆ । ତାହାର ସହଯୋଗୀ ମାଛ ଅର୍ଥାତ୍ ଷଡ଼ରିପୁ । ଏହି ଶତ୍ରୁମାନେ ମ୍ଳେଚ୍ଛ ରୂପକ ଖାଦ୍ୟ ଗ୍ରହଣ କରନ୍ତି । ତେଣୁ ଜୀବ ଆଚରଣ କରିପାରେ

ନାହିଁ । ଆସୁରୀ ଭାବର ବଶବର୍ତ୍ତୀ ହୋଇ ପଥଭ୍ରଷ୍ଟ ହୋଇଯାଏ । ଉତ୍ତେଜିତ କ୍ରିୟା ସୃଷ୍ଟି କରିବାରେ ଆମିଷ ସାହାଯ୍ୟ କରେ । ଧ୍ୟାନରୁ ସମାଧି ପର୍ଯ୍ୟନ୍ତ ମାଛ ମାଂସ ବର୍ଜନ ହୋଇଯାଏ । ଯୋଗୀ ପୂର୍ଣ୍ଣ ଆଚାରୀରେ ପରିଣତ ହୁଏ । ସମାଧି ସ୍ତରରେ ଗ୍ରହଣୀରଜ୍ଜୁର ସ୍ନାୟୁକୋଷ ହରିଦ୍ରାବର୍ଣ୍ଣ ଧାରଣ କରି ତ୍ରିକୂଟକୁ ଆସେ । ତ୍ରିକୂଟରେ ପହଞ୍ଚିବା ପାଇଁ ଯୋଗୀ ଅହର୍ନିଶ ବ୍ରହ୍ମଙ୍କ ସହିତ ବିଚରଣ କରିବା ପାଇଁ ଲକ୍ଷ୍ୟ ରଖେ । ଚଉଷଠି ଯୋଗିନୀ ବା ସ୍ନାୟୁକୋଷ ବ୍ରହ୍ମଙ୍କର ଚାରିପାର୍ଶ୍ୱରେ ଜଗୁଆଳି ଥାଆନ୍ତି । ବିକେନ୍ଦ୍ରିୟ କୋଷ ସୃଷ୍ଟିହେବା ମାତ୍ରେ ସେମାନେ ଭକ୍ଷଣ କରନ୍ତି ।

ହୋଇଗଲେ ଛୟାଳିଶ............ ଦେଖିବ ପ୍ରଭୁଙ୍କ ଲୀଳା ।।୯।।

ଜୀବ ବ୍ରହ୍ମଙ୍କ ସହିତ ମିଶିବା ପାଇଁ ଛୟାଳିଶ ସୋପାନ ଅତିକ୍ରମ କରିବା ଆବଶ୍ୟକ ହୁଏ । ଅଷ୍ଟାଙ୍ଗଯୋଗ, ବାଇଶପାବଚ୍ଛ, ଦଶମହଳ ତତ୍ତ୍ୱଜ୍ଞାନ, ଷଡ଼ପିଣ୍ଡ ତତ୍ତ୍ୱଜ୍ଞାନ (୮+୨୨+୧୦+୬=୪୬) ଅତିକ୍ରମ କରିବା ପରେ ବୃନ୍ଦାବନ ଲୀଳାତତ୍ତ୍ୱ ଅନୁଭବ କରି କଳ୍କୀମନ୍ତ୍ରର ଅକ୍ଷର ତତ୍ତ୍ୱରେ ଯୋଗୀ ଅନବରତ ବୁଡ଼ି ରହେ । ଏହି ପର୍ଯ୍ୟାୟରେ ଯୋଗୀ ଜୀବବ୍ରହ୍ମ ଏବଂ ପରମବ୍ରହ୍ମଙ୍କର ଲୀଳାତତ୍ତ୍ୱ ଦର୍ଶନ କରି ଅନୁଭବରେ ତୋଳିପାରନ୍ତି ।

ଠିକେ ଅଚ୍ୟୁତ କହଇ ............ ବୁଡ଼ିଯିବ ତୋର ଭେଳା ।।୧୦।।

ବାଲ୍ୟକାଳରୁ ଅର୍ଥାତ୍ ଗୁରୁଗ୍ରହଣ ପରେ ଧାରାଧାରଣ କରିବା ଦିନଠାରୁ ସାବଧାନ ହୋଇ ପାଦେ ପାଦେ ଅଭ୍ୟାସ କର୍ମଯୋଗ ଧାରାରେ ସାଧନ କରିବାକୁ, ମହାପୁରୁଷ ଅଚ୍ୟୁତାନନ୍ଦ ଏଠାରେ ସମସ୍ତଙ୍କୁ ଚେତାଇ ଦେଇଅଛନ୍ତି । ସାଧନ ପଥରେ ସାବଧାନ ହେବ, ଧର୍ମଧାରା ଓ କର୍ମଯୋଗରେ ବୁଡ଼ି ରହିବ, ସଂସାରକର୍ମରେ ଲିପ୍ତ ଥିଲେ ସୁଦ୍ଧା ନାମ ସ୍ମରଣରେ ରତ ହେବ । ସିଦ୍ଧି ବା ବିଭୂତି ପାଇଁ ବ୍ୟାକୁଳତା ରଖିବ ନାହିଁ । ଜନ୍ମଜନ୍ମାନ୍ତରବାଦରେ ସବୁ ସିଦ୍ଧ ହେବ । ଯଦି ସଂସାରକର୍ମରେ ବୁଡ଼ି ରହି ସାରାଜୀବନ ବିଷୟାରେ କଟାଇବ, ଦିନକୁ ଦିନ ମ୍ଳେଚ୍ଛକ୍ରିୟା ପିଣ୍ଡ ମଧ୍ୟରେ ଗଚ୍ଛିତ ହୋଇ ତାହା ସଂସ୍କାର କୋଷରେ ପରିଣତ ହୋଇଯିବ । ମାନବ ଜନ୍ମ ଓ ଜୀବନ ସାର୍ଥକ ହେବ ନାହିଁ । ଦୁର୍ଲ୍ଲଭ ମାନବ ଜୀବନର ସାର୍ଥକତା ପାଇଁ ଗୁରୁଗ୍ରହଣକରି, ଧାରାଧାରଣ କରି, ଧର୍ମଧାରା ଓ କର୍ମଯୋଗ ଅଭ୍ୟାସସୂତ୍ରରେ ସାଧନକରି ଗୁରୁଦତ୍ତ ବୀଜମନ୍ତ୍ର ଜପରେ ରତରୁହ । ତା'ନୋହିଲେ ସମସ୍ତ ଭେଳା ବୁଡ଼ିଯିବ । ଭେଳା କହିଲେ ଏଠାରେ ବୃତ୍ତିକୁ ବୁଝିବାକୁ ହେବ ।

❋❋❋

ଜ୍ଞାନ ସଙ୍ଗେ ଯଦି ଭକତି ନ ଥାଏ ।
ଅଜ୍ଞାନଙ୍କ ପରି ଜୀବନ ହୁଏ ।।
ଜ୍ଞାନ ଭକ୍ତି ଏକ ଅଙ୍ଗେ ରହିଲେ ।
ପରମ ପଦଟି ମିଳଇ ଭଲେ ।।



ଯାହାର ଇଚ୍ଛାରେ ଜନମ ଲଭି,
ଖେଳୁଛି ଜୀବ ସୁଖେ ।
ତାହାରି ଇଚ୍ଛା ଅନ୍ତରେ ମାନି,
ପ୍ରକାଶ କର ମୁଖେ ।।

# ତ୍ୟାଗ ହିଁ ଭକ୍ତର ମୁଖ୍ୟ ଭୂଷଣ

*ଭକ୍ତବତ୍ସଳ ଭାବଗ୍ରାହୀ ସର୍ବାନ୍ତର୍ଯ୍ୟାମୀ । ଭକ୍ତର ଭାବ ପ୍ରକାଶ କରିବା ଆବଶ୍ୟକ ହୁଏ ନାହିଁ । ଅନ୍ତର ଦେବତା ସମସ୍ତ ଭାବକୁ ଗ୍ରହଣ କରି ତା'ର ସମସ୍ତ ଇଚ୍ଛା ପୂର୍ଣ୍ଣ କରିଥାନ୍ତି । ସେହିପରି ଯିଏ ପ୍ରକୃତରେ ଭକ୍ତ, ସେ ମଧ୍ୟ ପ୍ରଭୁଙ୍କର ମନକଥା ଠିକ୍ ଭାବରେ ବୁଝିପାରେ । ତା'ର ମାଲିକ ଯାହା ଚାହାଁନ୍ତି ତାହା ପୂର୍ଣ୍ଣ କରିବାକୁ ସେ ନିଜର ଜୀବନକୁ ମଧ୍ୟ ତୁଚ୍ଛ କରି କର୍ମ, କର୍ତ୍ତବ୍ୟର କଠୋରତାକୁ ହସି ହସି ଗ୍ରହଣ କରିନିଏ । କିନ୍ତୁ ଇଷ୍ଟଙ୍କ ମଙ୍ଗଳ ଇଚ୍ଛାକୁ ପୂର୍ଣ୍ଣ କରିବାର ସଂକଳ୍ପ ନେଇ ଯେଉଁ ଭକ୍ତ ବିପଦର ଭଉଁରୀ ଭିତରକୁ ଆପେ ଲମ୍ଫ ଦେଇଥାଏ, ତାକୁ ସତରେ କ'ଣ ସେ ବିପଦ ସ୍ପର୍ଶ କରିପାରେ ? ଆସନ୍ତୁ ଏଥରକ ସେହିପରି ଏକ ଭକ୍ତର ଲୋମହର୍ଷଣକାରୀ ତ୍ୟାଗ, ନିଷ୍ଠା ସ୍ମରଣ କରିବା ଆମର ନିଜ ସ୍ଥିତିର ଆକଳନ କରିବା... ।*

ଦ୍ୱାପର ଯୁଗସନ୍ଧିର ଏକ ନିଷ୍ପତ୍ତିମୁହୂର୍ତ୍ତ । ଧର୍ମସ୍ଥାପନର ସଂକଳ୍ପ ନେଇ ଧରାପୃଷ୍ଠରେ ନିତ୍ୟଲୀଳା କରୁଥିବା ପରମକାରୁଣିକ ଶ୍ରୀକୃଷ୍ଣ କାରଣଜଗତର ନିଷ୍ପତ୍ତିକୁ ସ୍ଥୂଳ ଜଗତରେ ପ୍ରକାଶିତ କରିବା ପାଇଁ ସମ୍ଭାବ୍ୟ ଯୋଜନାରେ ବ୍ୟସ୍ତ । ତ୍ରିହାୟଣୀ ଦ୍ରୌପଦୀଙ୍କ ସ୍ୱୟମ୍ବର ଆସନ୍ନ । ମାତ୍ର ଆର୍ଯ୍ୟାବର୍ତ୍ତର ସର୍ବଶ୍ରେଷ୍ଠ ଯୋଦ୍ଧା ଯୁଗନିଷ୍ପତ୍ତିରେ ସ୍ରଷ୍ଟାଙ୍କର ସଖା ଅର୍ଜ୍ଜୁନ ଏବେ ମଧ୍ୟ ଅଦୃଶ୍ୟ । ସମସ୍ତଙ୍କ ମନରେ ସେଇ ଗୋଟିଏ କଥା ''ପାଣ୍ଡବ ପଞ୍ଚଭ୍ରାତାଙ୍କର ମୃତ୍ୟୁ ଘଟିଛି ।'' କିନ୍ତୁ ମୃତ୍ୟୁନାଥ ହିଁ ଜାଣନ୍ତି ତାଙ୍କ ପ୍ରିୟସଖା କେଉଁଠି କି ଅବସ୍ଥାରେ ଅଛନ୍ତି ? ମାତ୍ର କ'ଣ କରିବେ ? ମର୍ତ୍ତ୍ୟଧାମରେ ତାଙ୍କର ଉପସ୍ଥିତିକୁ କେବଳ ଭରସା କରି ସମସ୍ତେ ଆଜି କର୍ମହୀନ, ସୁବିଧାବାଦୀ ହୋଇ କେବଳ ଆରାମରେ ହିଁ ଦିନ ବିତାଇବାକୁ ବ୍ୟସ୍ତ । କୌଣସି ଦୁଃସାହସିକ କର୍ମରେ ନିଜକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଗଭୀର ଚିନ୍ତାରେ ବୁଡ଼ିଯାଇଛନ୍ତି ଶାଶ୍ୱତଧର୍ମଗୁପ୍ତ ପ୍ରଭୁ ତ୍ରିଲୋକସ୍ୱାମୀ । ଭକ୍ତ ଆଖିକୁ କିନ୍ତୁ ଫାଙ୍କି ପାରିନାହାନ୍ତି ଭକ୍ତବତ୍ସଳ । ଭକ୍ତସଖା ପ୍ରିୟ ଉଦ୍ଧବ ସତେ ଯେପରି ପ୍ରଭୁଙ୍କର ପ୍ରତିଟି ଚିନ୍ତାକୁ ଅନୁଭବ ନୁହେଁ ସ୍ପଷ୍ଟ ଦେଖି ପାରୁଛନ୍ତି । ମ୍ରିୟମାଣ ଭକ୍ତ ଶିରୋମଣି ଆଉ ପ୍ରଭୁଙ୍କୁ ଅଧିକ ଭାବନା ରାଜ୍ୟରେ ବୁଡାଇ ନ ରଖି ପ୍ରାର୍ଥନା କରିଛନ୍ତି, ''ହେ କୃଷ୍ଣ ! ଧରିତ୍ରୀର ଭାର ସମ୍ଭାଳି ଧର୍ମ ପ୍ରତିଷ୍ଠା କରିବାକୁ ଦୃଢ଼ ସଂକଳ୍ପ କରି ଏତେ କଷ୍ଟ ସହ୍ୟକରି ମଧ୍ୟ ଯାହାର ମନରେ ଦିନେ ବି ଦୁଃଖ ବା ଚିନ୍ତାର ଚିହ୍ନ ନ ଥିଲା, ଆଜି କ'ଣ ଏପରି ପରିସ୍ଥିତି ହୋଇଛି ଯେ, ଦୁଷ୍ଟାମିର ହସରେ ଉଚ୍ଛୁଳୁଥିବା ମୁଖଶ୍ରୀ ଝାଉଁଳି ପଡ଼ିଛି ? କୁହ ସଖା ! କ'ଣ ତୁମର ଇଚ୍ଛା ?'' ଭକ୍ତ ପାଖରେ ଧରା ପଡ଼ିଯିବା ପରେ ପ୍ରକୃତିସ୍ଥ ହୋଇଛନ୍ତି ନିତ୍ୟଲାବଣ୍ୟଠାଣିର ଆଧାର ଭଗବାନ କୃଷ୍ଣ । ଆନନ୍ଦରେ ଆଲିଙ୍ଗନ କରିଛନ୍ତି ପ୍ରିୟ ଭକ୍ତ ଉଦ୍ଧବଙ୍କୁ । କେବଳ ପ୍ରକାଶ କରିଛନ୍ତି ତାଙ୍କ ଇଚ୍ଛା । ''ପାଣ୍ଡବ ପଞ୍ଚଭ୍ରାତା ମାଆ କୁନ୍ତୀଙ୍କ ସହ ଏବେ ରାକ୍ଷସବର୍ତ୍ତରେ ଅତି ଦୀନହୀନ ଭାବରେ କାଳାତିପାତ କରୁଛନ୍ତି । ମୁଁ ଚାହୁଁଛି ସେମାନଙ୍କୁ ସେଠାରୁ ଉଦ୍ଧାର କରି ଲୋକଲୋଚନକୁ ଆଣିବା ପାଇଁ । ଦ୍ରୁପଦ ରାଜନନ୍ଦିନୀଙ୍କ ସ୍ୱୟମ୍ବରରେ ଅର୍ଜ୍ଜୁନଙ୍କୁ ହିଁ ଦ୍ରୁପଦଙ୍କର ଜାମାତା କରି ଆର୍ଯ୍ୟାବର୍ତ୍ତରେ ଧର୍ମ ପ୍ରତିଷ୍ଠାର ପ୍ରଥମ ଅଙ୍କ ଆରମ୍ଭ କରିବା ପାଇଁ । କିନ୍ତୁ ରାକ୍ଷସବର୍ତ୍ତକୁ ଯାଇ କିଏ ତାଙ୍କୁ ଉଦ୍ଧାର କରି ଆଣିପାରିବ ? ଯିଏ ଯିବ ସେ ନିଶ୍ଚିତ ରାକ୍ଷସ ମାନଙ୍କର ଆହାର ହେବ ।'' ବାସ୍, ଏହାପରେ ପ୍ରଭୁ ଉଦ୍ଧବଙ୍କୁ ଯିବାକୁ କହି ନାହାନ୍ତି କିମ୍ବା ଉଦ୍ଧବ ନିଜେ ଯାଉଛନ୍ତି ବୋଲି ପ୍ରଭୁଙ୍କୁ ମଧ୍ୟ କହି ନାହାନ୍ତି ।

ଉଦ୍ଧବ ମନେ ମନେ ସଂକଳ୍ପ ନେଇଗଲେ ''ଯଦି ମୋ ପ୍ରଭୁଙ୍କର ଏହି ସାମାନ୍ୟତମ ଇଚ୍ଛା ପୂର୍ଣ୍ଣ କରି ନ ପାରିବି, ତେବେ ଏ ଜୀବନରେ ମୂଲ୍ୟ କ'ଣ ? ତାଙ୍କରି କାମନା ପୂର୍ଣ୍ଣ କରିବାକୁ ଯାଇ ଯଦି ଏ ଦେହର ଅବସାନ ହୁଏ, ତେବେ ତାହାହିଁ ହେବ ଏ ଜନ୍ମର ଶ୍ରେଷ୍ଠ ପୂଜା ।'' ଅନ୍ତର ଦେବତାଙ୍କୁ ସାକ୍ଷୀରଖି ବାହାରି ପଡ଼ିଲେ ଉଦ୍ଧବ । ରାକ୍ଷସବର୍ତ୍ତର ସୀମାରେ ଗଙ୍ଗା ଓ ଯମୁନାର ମଧ୍ୟବର୍ତ୍ତୀ ଜଙ୍ଗଲରେ ଅବସ୍ଥିତ ଆର୍ଯ୍ୟକ ରାଜ୍ୟ କୃଷ୍ଣଙ୍କ ମାତାମହୀଙ୍କର

ପୂର୍ବଜ ରାଜା ଆର୍ଯ୍ୟକଙ୍କ ଶାସନାଧୀନ । ତେଣୁ ତାଙ୍କରି ସାହାଯ୍ୟରେ ହୁଏତ ସେ ପାଣ୍ଡବମାନଙ୍କର ସନ୍ଧାନ ପାଇପାରିବେ । ଏହି ଲକ୍ଷ୍ୟ ନେଇ ସେ ଆସି ପହଞ୍ଚିଗଲେ ଜଙ୍ଗଲ ରାଜ୍ୟ ଆର୍ଯ୍ୟକ ରାଜଧାନୀ ନାଗକୂଟରେ ।

ବିଷ୍ଣୁପାଦେ ସମର୍ପିତ ଭକ୍ତର ଇଚ୍ଛାହିଁ ବିଷ୍ଣୁଙ୍କର ସ୍ଥିତି । ସେ ସଦା ସହଚର । ଉଦ୍ଧବ ନାଗକୂଟରେ ପହଞ୍ଚିବା ପରେ ଅପ୍ରତ୍ୟାଶିତ ଭାବରେ ଏକ ରାକ୍ଷସଶିଶୁ ନିକୁମ୍ଭ ଠାରୁ ସନ୍ଧାନ ପାଇଲେ ପାଣ୍ଡବମାନଙ୍କ ସମ୍ପର୍କରେ । ସମସ୍ତଙ୍କର ବାରଣ ସତ୍ତ୍ୱେ ନିଜର ସଂକଳ୍ପରେ ଦୃଢ଼ ରହି ସେହି ରାକ୍ଷସ ଶିଶୁକୁ ନିଜର ସାଥୀ ରୂପେ ଗ୍ରହଣ କରି ଡେଇଁ ପଡ଼ିଲେ ମୃତ୍ୟୁର ଯନ୍ତାକୁ ।

ସୂର୍ଯ୍ୟାସ୍ତ ହେବା ବେଳକୁ ଉଦ୍ଧବ ନିକୁମ୍ଭ ସହ ଜଙ୍ଗଲର ମଧ୍ୟସ୍ଥଳରେ ପହଞ୍ଚି ସାରିଛନ୍ତି । ନିକୁମ୍ଭର ନିଜ ରାଜ୍ୟ ଏହି ଭୟଙ୍କର ଜଙ୍ଗଲ । ତେଣୁ ସେ ଅନାୟାସରେ, ଅତି ଆନନ୍ଦରେ କ୍ଷିପ୍ର ଗତିରେ ଆଗେଇ ଯାଉଛି । ମାତ୍ର ଉଦ୍ଧବ ଏ କଣ୍ଟକିତ ପଥରେ ଅଭ୍ୟସ୍ତ ନୁହଁନ୍ତି । ତେଣୁ ତାଙ୍କର କୋମଳ ପାଦ ଦୁଇଟି କ୍ଷତବିକ୍ଷତ, ରକ୍ତାକ୍ତ ହୋଇ ଥକି ପଡ଼ିଲାଣି । ମନରେ କିନ୍ତୁ ସେହି କୃଷ୍ଣ, ଗୋବିନ୍ଦ ହରେ ମୁରାରେ । ଅନ୍ତର ଭିତରୁ କେହି ଯେପରି କହି ଦେଉଛି । "ଦଣ୍ଡେ ବିଶ୍ରାମ ନେଇ ଯାଆରେ ଧନ । ଥକି ପଡ଼ିଲୁଣି ।" ଉଦ୍ଧବ ଗୁଙ୍ଗାରି ଉଠୁଛନ୍ତି "ନା ! ଯେ ପର୍ଯ୍ୟନ୍ତ ମୋ ସ୍ୱାମୀଙ୍କର କାର୍ଯ୍ୟ ନ ସରିଛି–ବିଶ୍ରାମ ନେବି ନାହିଁ । ଖଣ୍ଡ ଖଣ୍ଡ ହୋଇ ଝଡ଼ି ପଡୁପଛେ ଏ ଶରୀର । ତଥାପି ବିଶ୍ରାମ ନେବିନାହିଁ ।" ହଠାତ୍ ଦୂରରୁ ଉଛୁଳି ଆସିଲା ଏକ ଭୟଙ୍କର ଶବ୍ଦ । ନିକୁମ୍ଭ ଇଶାରା ଦେଲା "ତୁମ ଶରୀରର ଗନ୍ଧ ରାକ୍ଷସମାନେ ଜାଣି ପାରିଲେଣି । ସେମାନେ ଏକତ୍ର ହୋଇ ଛୁଟି ଆସୁଛନ୍ତି ତୁମକୁ ଭକ୍ଷଣ କରିବାକୁ । ଆଉ କାଳ ବିଳମ୍ବ ନ କରି ଗଛ ଉପରକୁ ଉଠିଯାଅ । କୌଣସି ଅବସ୍ଥାରେ ଗଛତଳକୁ ଓହ୍ଲାଇବ ନାହିଁ । ମୁଁ ଯାଉଛି ।" ଏତିକି କହି ନିକୁମ୍ଭ ଜଙ୍ଗଲର ଘଞ୍ଚ ବୃକ୍ଷରାଜି ସହ ମିଶି ଉଭାନ ହୋଇଗଲା । ରାକ୍ଷସମାନଙ୍କର ଶବ୍ଦ ନିକଟରୁ ନିକଟତର ହୋଇ ଆସିଲା । ଉଦ୍ଧବ ଅଜାଣତରେ କହି ଉଠିଲେ, "ହେ କୃଷ୍ଣ ! ହେ ସଖା ! ସରି ଆସିଲା ମୋର ଏ ଜନ୍ମର ଅଧୁରାକାହାଣୀ । ଆଉ ଅଳ୍ପ ସମୟପରେ ହୁଏତ ରାକ୍ଷସମାନଙ୍କର ଗର୍ଭରେ ଖାଦ୍ୟ ହୋଇ ହଜମ ହୋଇଯିବ । କଚ ଶୁକ୍ରାଚାର୍ଯ୍ୟଙ୍କ ଗର୍ଭରୁ ସିନା ମୃତ୍ୟୁ ସଂଜୀବନୀ ବିଦ୍ୟାରେ ବାହାରି ଆସିଥିଲେ । ମାତ୍ର ମୁଁ କ'ଣ ମୃତ୍ୟୁ ସଂଜୀବନୀ ଶିଖିଛି ଯେ ବାହାରି ପାରିବି ? ଏଠାରେ ଆଉ କିଏ ଅଛି ଯେ, ସଂଜୀବନୀ ବିଦ୍ୟା ଉଚ୍ଚାରଣ କରି ମୋତେ ଉଦ୍ଧାର କରିବ ? ତେଣୁ ହେ ବନ୍ଧୁ ! ଏତିକି ସାହାଯ୍ୟ କର । ତୁମରି କାର୍ଯ୍ୟ ପାଇଁ ଏ ଜୀବନର ଅବସାନ ହେବା ସମୟରେ ତୁମରି ନାମର ହିଁ ଏ ଜିହ୍ୱା ମାତ୍ର ଥରେ ଉଚ୍ଚାରଣ କରୁ । ହଠାତ୍ ସ୍ମରଣ ଆସିଲା ରାକ୍ଷସ ଶିଶୁ ନିକୁମ୍ଭର ନିର୍ଦ୍ଦେଶ । ଶେଷଆଶା ରଖି ଉଦ୍ଧବ ଉଠିଗଲେ ପାର୍ଶ୍ୱସ୍ଥ ଏକ ଗଛ ଉପରକୁ । ନିଜର ଉତ୍ତରୀୟ ସାହାଯ୍ୟରେ ନିଜକୁ ବାନ୍ଧି ରଖିଲେ ଗଛର ଏକ ଡାଳରେ । କିଛି ସମୟପରେ ୨୦ ଜଣ ରାକ୍ଷସ ଆସି ପହଞ୍ଚିଗଲେ ଗଛ ନିକଟରେ । ସାଙ୍ଗରେ ତାଙ୍କର କିଛି ହତଭାଗ୍ୟ ବନ୍ଦୀମନୁଷ୍ୟ । ରାକ୍ଷସମାନେ ଏଥରକ ଗଛ ଉପରକୁ ଚାହିଁ ବିଭତ୍ସ ଭାବରେ ଚିତ୍କାର କରି ନାଚିବାକୁ ଲାଗିଲେ । ଉଦ୍ଦେଶ୍ୟ–ଭୟଭୀତ ହୋଇ ଉଦ୍ଧବ ତଳକୁ ଖସିପଡ଼ିଲେ ସେମାନଙ୍କର ଭୋଜି ହେବ । ଅନେକ ସମୟ ଭୟଭୀତ କରାଇବା ପରେ ଯେତେବେଳେ ଉଦ୍ଧବ ନ ଖସିଲେ, ସେତେବେଳେ ସେମାନେ ଆଉ ସେଥିକୁ ମନ ନ ଦେଇ ସଦ୍ୟ ମିଳିଥିବା ଖାଦ୍ୟ ତିଆରିରେ ଲାଗି ପଡ଼ିଲେ । ତାଙ୍କର ଖାଦ୍ୟ ପ୍ରସ୍ତୁତି ଦେଖି ଉଦ୍ଧବଙ୍କର ଶ୍ୱାସରୁଦ୍ଧ ହୋଇ ଆସୁଥାଏ । ଭୟରେ ସର୍ବାଙ୍ଗ ଥରି ଉଠୁଥାଏ । ଉତ୍ତରୀୟ ଦ୍ୱାରା ଯଦି ଶରୀର ବନ୍ଧନ କରି ନଥାନ୍ତେ ତେବେ ହୁଏତ ସେ ଏତେବେଳକୁ ରାକ୍ଷସମାନଙ୍କର ଆହାର ହୋଇସାରନ୍ତେଣି । ସେ ଗଛ ଉପରେ ଥାଇ ଦେଖୁଛନ୍ତି–ରାକ୍ଷସମାନେ ବଡ଼ ବଡ଼ ପଥର ଖଣ୍ଡ ଆଣି ଗଛମୂଳରେ ଜମା କରିଲେ । ବଡ଼ ବଡ଼ କାଠଖଣ୍ଡ ଦ୍ୱାରା ଅଗ୍ନିସଂଯୋଗ କରି ପଥରକୁ ଗରମ କଲେ । ପଥରଗୁଡ଼ିକ

ଯେତେବେଳେ ଉତପ୍ତ ହୋଇ ଲାଲବର୍ଣ୍ଣ ହୋଇଗଲା, ବନ୍ଦୀ ହୋଇ ରହିଥିବା ଜୀବନ୍ତ ମଣିଷମାନଙ୍କୁ ବଳାତ୍କାର କରି ସେଇ ଉତପ୍ତ ପଥର ଉପରେ ବସାଇ ଦେଲେ । ବର୍ଚ୍ଛା ଓ ପଥର ଖଣ୍ଡ ସାହାଯ୍ୟରେ ତାଙ୍କର ଶରୀରକୁ ଖଣ୍ଡ ଖଣ୍ଡ କରି ପକାଇଲେ । ସେମାନଙ୍କର ଆର୍ତ୍ତ ଚିତ୍କାର ଖୁବ୍ କମ୍ ସମୟରେ ବାୟୁରେ ମିଶିଗଲା । ଶରୀର ନିସ୍ତବ୍ଧ ହୋଇ ରାକ୍ଷସମାନଙ୍କର ଖାଦ୍ୟରେ ପରିଣତ ହୋଇଗଲା । ଏହାପରେ ଶରୀର ଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ଖାଇ ଆନନ୍ଦରେ ନାଚି ଉଠିଲେ ସେଇ ଦୁର୍ଦ୍ଦାନ୍ତ ରାକ୍ଷସମାନେ । ଉପରେ ଉଦ୍ଧବ ଏହି ଦୃଶ୍ୟ ଦେଖି ନିଜକୁ ମଧ ଚିହ୍ନି ପାରିଲେ ନାହିଁ । ସେ ଜୀବନ୍ତ ନା ମୃତ ? ଭୋଜି ପରେ ରାକ୍ଷସମାନେ କ୍ଲାନ୍ତ ହୋଇ ସେହି ଗଛ ମୂଳରେ ହିଁ ଶୋଇଗଲେ । କିନ୍ତୁ ଉଦ୍ଧବ କ'ଣ କରିବେ ? ଭୋକ, ଶୋକ, କ୍ଲାନ୍ତିରେ ସର୍ବାଙ୍ଗ ଥରି ଉଠିଲାଣି । ହୁଏତ ଆଉ ଅଳ୍ପ ସମୟ ପରେ ପ୍ରାଣବାୟୁ ଆପେ ମାଟିଘଟ ଛାଡ଼ି ଚାଲିଯିବ । ତେଣୁ ଜୀବନର ଅନ୍ତିମ ସମୟ ଉପସ୍ଥିତ ଜାଣି ଅତି ଅସ୍ପଷ୍ଟ ସ୍ୱରରେ ଗାଇ ଉଠିଲେ-

''ହେ କୃଷ୍ଣ ଗୋବିନ୍ଦ ହରେ ମୁରାରେ,
ହେ ନାଥ ନାରାୟଣ ବାସୁଦେବ ।''

ତାଙ୍କର ଅସ୍ପଷ୍ଟ ଧ୍ୱନି କିନ୍ତୁ ନିଦ୍ରିତ ରାକ୍ଷସମାନଙ୍କୁ ଜାଗ୍ରତ କରାଇ ଦେଲା । ସେମାନେ ଉଠି ପଡ଼ି ପୁନର୍ବାର ଅଗ୍ନି ସଂଯୋଗ କରି ଭୟଙ୍କର ଧୂମ୍ର କୁଣ୍ଡଳୀ ସୃଷ୍ଟି କଲେ ଉଦ୍ଧବଙ୍କୁ ତଳକୁ ଖସାଇ ଆଣିବାକୁ । ଅପ୍ରତ୍ୟାଶିତ ଧୂମ୍ର କୁଣ୍ଡଳୀରେ ଅସ୍ତବ୍ୟସ୍ତ କ୍ଲାନ୍ତ ଶରୀରଟି ନିଶ୍ଚିତ ମୃତ୍ୟୁ ମୁଖରେ ପଡ଼ିବା ଆଗରୁ ପୁଣିଥରେ ପ୍ରାଣଭରି ଗାଇ ଉଠିଲା ମାଆ ଦେବକୀଙ୍କର ସେହି ପ୍ରିୟ ମନ୍ତ୍ର ''ହେ କୃଷ୍ଣ ଗୋବିନ୍ଦ ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ ।''

ଭକ୍ତର ନିଷ୍ଠା, ଏକାଗ୍ରତା, ତ୍ୟାଗର ପରୀକ୍ଷା ଶେଷ ହେଲା । ଭଗବାନଙ୍କର ହୃଦୟ ଦ୍ରବୀଭୂତ ହେଲା । ହଠାତ୍ ଦୁଇଟି ସ୍ୱର ଉଦ୍ଧବଙ୍କ ଶ୍ରୁତିଗୋଚର ହେଲା । ପ୍ରଥମଟି ''ହେ ମୋର ପ୍ରିୟ ଭକ୍ତ ! ମୁଁ ଥିବାଯାଏ ତୋର କେଶାଗ୍ର କେହି ସ୍ପର୍ଶ କରି ପାରିବେ ନାହିଁ । ମୁଁ ତୋରି ପାଖରେ, ତୋର ଅତି ନିକଟରେ ଅଛି । ଭୟ କରନା । ତୋତେ ଯିଏ ଭକ୍ଷଣ କରିବ ମୁଁ ତା ସହ ଏ ସୃଷ୍ଟିକୁ ଭକ୍ଷଣ କରିଦେବି । ମୁଁ ତୋର କୃଷ୍ଣ, ମୁଁ ତୋର ଗୋବିନ୍ଦ, ମୁଁ ତୋର ନାଥ, ମୁଁ ତୋର ନାରାୟଣ, ମୁଁ ତୋର ବାସୁଦେବ, ମୁଁ ତୋର ସଖା-ଭୟ ନାହିଁ । ମା ଭୈ । ଜାଗିଉଠ୍ । ଦେଖ୍ କ'ଣ ହେଉଛି । ତୋର ସମସ୍ତ କଷ୍ଟ ଶେଷ ହୋଇଛି ।'' ଏହି ଅଭୟ ବାଣୀରେ ଉଦ୍ଧବଙ୍କର ସମସ୍ତ କ୍ଲାନ୍ତି ଦୂର ହୋଇଗଲା । ଆନନ୍ଦାଶ୍ରୁରେ ଗଣ୍ଡସ୍ଥଳ ଭିଜିଗଲା । ପୁଣିଥରେ ଉଚ୍ଚାରଣ କଲେ ''ହେ କୃଷ୍ଣ ଗୋବିନ୍ଦ ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ ।'' ଠିକ୍ ଏହାପରେପରେ ଆଉ ଏକ ଭୟଙ୍କର ସିଂହ ଗର୍ଜନ । ଏଥରକ ଗର୍ଜନରେ ରାକ୍ଷସମାନେ ଭୟଭୀତ ହୋଇ ପରସ୍ପର ପରସ୍ପରକୁ ଚାହିଁଲେ ଏବଂ ଚିତ୍କାର କରି ସଂଗେ ସଂଗେ ସ୍ଥାନ ଛାଡ଼ି ଜଙ୍ଗଲରେ ମିଶିଗଲେ । ଉଦ୍ଧବ ଦେଖିଲେ, ଅତି ଭୟଙ୍କର ବିଭତ୍ସ ଭାବରେ ଚିତ୍ରିତ ହୋଇଥିବା ଏକ ରାକ୍ଷସରାଜା । ପାଖରେ ତାର ସେହି ରାକ୍ଷସଶିଶୁ ନିକୁମ୍ଭ । ନିକୁମ୍ଭ ହାତଠାରି ଗଛ ଉପରକୁ ଦେଖାଇ ଦେଉଛି ରାକ୍ଷସରାଜାଙ୍କୁ । ଘୃଣାରେ ଶିହରି ଉଠିଲେ ଉଦ୍ଧବ । ଭାବିଲେ ''ଏଡ଼େ କୃତଘ୍ନ ଏହି ରାକ୍ଷସ ଶିଶୁ ।'' ଶେଷରେ ରାକ୍ଷସପତିକୁ ଆଣି ମୋତେ ସର୍ମପଣ କରିଦେଲା ।

ରାକ୍ଷସରାଜା ଚିତ୍କାର କରି କହିଲେ, ''ରେ ଉଦ୍ଧବ । ଗଛ ଉପରୁ ତଳକୁ ଚାଲିଆ । ମାଙ୍କଡ଼ ହୋଇ ଗଛରେ କାହିଁକି ବସିଛୁ ? ମୁଁ ତୋତେ ଖାଇବି ନାହିଁ ।'' ଆନନ୍ଦରେ ଅଧିର ହୋଇଗଲେ ଉଦ୍ଧବ । ଏ ସ୍ୱର ତାଙ୍କର ଅତି ପରିଚିତ ମଧମ ପାଣ୍ଡବ ଜ୍ୟେଷ୍ଠଭ୍ରାତା ଭୀମଙ୍କର । ରାକ୍ଷସ ଶିଶୁ ନିକୁମ୍ଭ ପ୍ରତି କୃତଜ୍ଞତାରେ ନଇଁ ପଡ଼ିଲେ

ଏବଂ ଡ଼େଇଁ ପଡ଼ିଲେ ଗଛ ଉପରୁ ରାକ୍ଷସରାଜା ଭୀମଙ୍କର କୋଳକୁ । କହି ଉଠିଲେ ''ହେ କୃଷ୍ଣ ! ସତରେ ତୁମେ ଭକ୍ତ ବତ୍ସଳ ଦୀନ ବାନ୍ଧବ । ଆଜି ପୁଣିଥରେ ତାହା ପ୍ରମାଣ କରିଛ, ଏ ଅକିଞ୍ଚନର ପାଖେ ପାଖେ ରହି ନିଶ୍ଚିତ ମୃତ୍ୟୁରୁ ରକ୍ଷା କରିଛ । ଥଟ୍ଟାକରି ଭୀମ କହୁଥିଲେ ''କୃତଘ୍ନ ! ମୁଁ ତୋତେ ରାକ୍ଷସମାନଙ୍କ ମୁହଁରୁ ରକ୍ଷା କଲି ! ଅଥଚ ତୁ କୃଷ୍ଣର ସ୍ତୁତିଗାନ କରୁଛୁ ?''

ଏହାହିଁ ଭକ୍ତ ଓ ଭଗବାନଙ୍କର ଲୁଚକାଳି ଖେଳ । ଭକ୍ତ ତା'ର ମନକଥା ମୁହଁ ଖୋଲି କହେନାହିଁ କିମ୍ୱା ଭଗବାନ ତାଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାକୁ ଭକ୍ତକୁ କୌଣସି ନିର୍ଦ୍ଦେଶ ଦିଅନ୍ତି ନାହିଁ । ଭକ୍ତର ଅନ୍ତର ବେଦନା, ଇଚ୍ଛାକୁ ଅନ୍ତର୍ଯ୍ୟାମୀ ଭାବରେ ଗ୍ରହଣ କରି ଭଗବାନ ଯେପରି ଭକ୍ତବତ୍ସଳର ପରିଚୟ ଦିଅନ୍ତି, ଭକ୍ତ ମଧ୍ୟ ଠିକ୍ ସେହିପରି ଭଗବାନଙ୍କ ମନକୁ ଗ୍ରହଣ କରିପାରେ ଓ ତାଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାକୁ ତା'ର ମନ, ପ୍ରାଣ, ଶରୀରକୁ ଅକୁଣ୍ଠିତ ଚିତ୍ତରେ ସମର୍ପଣ କରିଦିଏ । ସେତେବେଳେ ଭାବଗ୍ରାହୀ ଛାଇ ପରି ଭକ୍ତର ପାଖେ ପାଖେ ରହି ତା'ର ନିଷ୍ଠା, ତ୍ୟାଗର ପରୀକ୍ଷା ନେବା ସଂଗେ ସଂଗେ ତାକୁ ସମସ୍ତ ବିପଦରୁ ଉଦ୍ଧାର କରି କୋଳେଇ ନିଅନ୍ତି ।

ଆଜି ବିଧିର ବିଡ଼ମ୍ୱନା । ଭକ୍ତ ବତ୍ସଳ, ଭାବଗ୍ରାହୀ ଅନ୍ତର୍ଯ୍ୟାମୀ ଉପସ୍ଥିତ । କିନ୍ତୁ ରାକ୍ଷସବର୍ତ୍ତରେ ନିଜର ଜୀବନ ଉତ୍ସର୍ଗ କରି ତାଙ୍କର ଇଚ୍ଛାକୁ ସାକାର କରିବାକୁ ଉଦ୍ଧବ କାହାନ୍ତି ???

***

ଭାବ ଭକତିରେ ଦେଖାଠାଣି ।
ଅଭ୍ୟାସରେ ବୁଢ଼ି ପିଅ ପାଣି ।।

ନିତି ଆଚରଣ ଚରିବୁଲ ।
ସତ ସଙ୍ଗେ ବସି ଭାବ ତୋଳ ।।

ନିଜ ମଧ୍ୟେ ମଉନ ରହି ।
ଗୁରୁଦ୍ୱାରେ ଆଜ୍ଞା ନିଅତୁ ବାହି ।।

ସଂସାରେ ନିଜର ନୁହନ୍ତି କେହି ।
କୁହନାହିଁ କିଛି ଯାଅରେ ସହି ।।

ଗୁରୁ ପଦାଶ୍ରୟୀ ହୋଇ ସ୍ୱାଧୀନ ଭାବରେ
ଚଳିଲେ ଖାଲରେ ନିଶ୍ଚେ ପଡ଼ିବୁ ବାବୁରେ !!

# ନୀଳଚକ୍ର
## ଚରମର ସଙ୍କେତ

''ନ କଶ୍ଚିଦ୍ କସ୍ୟଚିନ୍ମିତ୍ରମ୍ ନକଶ୍ଚିଦ୍ କସ୍ୟଚିଦ୍ରିପୁଃ ।
ବ୍ୟବହାରେଣ ମିତ୍ରାଣି ଜାୟନ୍ତେ ରିପବ ସ୍ତଥାଃ ।।''

ଅର୍ଥାତ୍, ଏ ସଂସାରରେ କେହି କାହାରି ମିତ୍ର ନୁହଁନ୍ତି ବା ଶତ୍ରୁ ନୁହଁନ୍ତି । ସାଂସାରିକ ବ୍ୟବହାର ଦ୍ୱାରାହିଁ ଜଣେ ଅନ୍ୟଜଣକର ଶତ୍ରୁ ବା ମିତ୍ର ହୋଇ ଥାଆନ୍ତି ।

ଧନରେ, ଏ ସଂସାର ବଡ଼ ବିଚିତ୍ର । ଦୁସ୍ତର ସଂସାର ପଥରେ ପାଦଟାଳି ନିରଙ୍କୁଶ ଭାବରେ ଗତି କରିବା ବଡ଼ ଦୁଷ୍କର । ମଣିଷ ଦେହ ଧରି ତୁମେମାନେ ତ ଜନ୍ମ ହୋଇଛ । ମଣିଷ ଜୀବନ ପାଇଛ । ମଣିଷର ଊର୍ଦ୍ଧ୍ୱସ୍ତରକୁ ଗତି କରିବା ତୁମର ସାଧନା କି ନୁହେଁ ? ମାତ୍ର, ଥରେ କେବେ ଚିନ୍ତା କରିଛ ଯେ ତୁମେ ମଣିଷର ନିମ୍ନସ୍ତରକୁ ଆପଣାର ଖିଆଲି ଖୁସିରେ ଚଳି ଓହ୍ଲେଇ ଗଲଣି ବୋଲି ? ମଣିଷ ଦେହ୍ ଧରି ଅସୁର, ପିଶାଚ ବା ପଶୁପରି ଚଳନିରେ ଚଳିଲେ ବା ବ୍ୟବହାର ଦେଖାଇଲେ, ତା'କୁ କ'ଣ ମଣିଷ କୁହାଯାଏ ?

ମଣିଷର ମାନବିକ ଧର୍ମ ମଧ୍ୟ ବଡ଼ ବିଚିତ୍ର । କହୁଛି, ମନଦେଇ ଶୁଣ । ୧.ମଣିଷକୁ ପ୍ରଶ୍ରୟ ଦେଲେ ମୁଣ୍ଡରେ ଚଢ଼େ । ୨.ଆଦର କଲେ, ଭାବେ ଖୋସାମଦ୍ କରୁଛି । ୩. ସଦ୍‌ଉପଦେଶ ଦେଲେ ମୁହଁ ମୋଡ଼େ । ୪.ଉପକାର କଲେ, ଅସ୍ୱୀକାର କରି କୃତଘ୍ନ ସାଜେ । ୫. ବିଶ୍ୱାସ କଲେ, କ୍ଷତି କରେ ଓ ବିଶ୍ୱାସରେ ବିଷ ଦିଏ । ୬.ଅନ୍ୟର ସୁଖ ଦେଖିଲେ, ହିଂସା ଓ ଈର୍ଷାକରି ପରଶ୍ରୀକାତର ହୁଏ । ୭. ଅନ୍ୟର ଦୁଃଖ ସମୟରେ ସୁଯୋଗ ଉଣ୍ଡି ପ୍ରତିଶୋଧ ନିଏ । ୮.ଭଲ ପାଇଲେ, ଆଘାତ ଦିଏ । ୯.ସ୍ୱାର୍ଥହାସଲ ହେଲେ ବା ନ ହେଲେ, ଦୂରେଇଯାଏ । ୧୦.ଆପଣାର ସ୍ୱାର୍ଥ ସମ୍ଭୋଗକୁ ଠୁଳ କରି ସ୍ୱାର୍ଥପର ସାଜେ । ୧୧.ସମାଜ ଠାରୁ ବହୁ ଭାବରେ ଋଣୀ ହୋଇଥିଲେ ସାମାଜିକ ଋଣ ପରିଶୋଧ କରିବାକୁ କୁଣ୍ଠିତ ହୁଏ । ୧୨.ଗୁରୁଦ୍ୱାର ବା ଗୁରୁକ୍ଷେତ୍ରକୁ ଆସି ଆପଣାର ଆଧ୍ୟାତ୍ମିକ ଓ ପରମାର୍ଥ ପୁଞ୍ଜି ନ ବଢ଼ାଇ ସାଂସାରିକ, ଜାଗତିକ, ପାର୍ଥିବ ଓ ବିଷୟାବିଷ ସମ୍ପର୍କୀୟ ସ୍ୱାର୍ଥ ହାସଲ ନିମନ୍ତେ ଅଡ଼ିବସେ । ଏବେ ତୁମେମାନେ ନିଜ ନିଜକୁ ପରୀକ୍ଷା ନିରୀକ୍ଷା କରି ଏକାକୀ ଏକାନ୍ତରେ ଆତ୍ମ ସମୀକ୍ଷା କରି କହିଲ ଦେଖି ଏସବୁ ମାନବ ଧର୍ମରୁ ତୁମେ ମୁକ୍ତି ପାଇଲଣି କି ? ଯଦି ନ ପାଇଛ, 'ଚରମ ପ୍ରାପ୍ତି' ପଥରେ ଚାଲିବାର ଅଧିକାର ତୁମର ଆସିଲା କେଉଁଠୁ ?

ତେଣୁ, ତୁମ ମନେ ପକାଇ ଦେଉଛି । ବେଳ ଗଡଗଡ ହେଲାଣି । ଆଉ ଆମର ସମୟ ମଧ୍ୟ ନାହିଁ । ବହୁମୂଲ୍ୟ ଦୁର୍ଲଭ ମାନବ ଜନ୍ମ ଓ ଜୀବନକୁ ବ୍ୟର୍ଥ ବିଫଳ କରି ଦିଅନା । ତୁମମାନଙ୍କ ପାଇଁ କେତୋଟି ବିଧାନ ନିମ୍ନରେ ଦେଉଛି । ଯେତେ ଦୁଃଖକଷ୍ଟ କୃଚ୍ଛା ଯନ୍ତ୍ରଣା ଆସୁପଛେ, ଏହି ବିଧାନଗୁଡ଼ିକୁ ଲାଗିପଡ଼ି କାର୍ଯ୍ୟରେ ପରିଣତ କରିବାକୁ ସାଧନା ଚଳାଅ ।

(୧) ଲୋକମାନେ ଅବିବେକୀ ତଥା ସ୍ୱାର୍ଥପର ହୋଇପାରନ୍ତି, ତଥାପି ତାଙ୍କୁ ଭଲ ପାଅ, ସ୍ନେହ କର, ଯଥାସାଧ୍ୟ ସାହାଯ୍ୟ ସହଯୋଗ କର । ଭଗବତ୍ କୃପା ଅବଶ୍ୟ ଲାଭ କରିବ ।

(୨) ତୁମେ ଅନ୍ୟର ଉପକାର କଲେ ମଧ୍ୟ ଲୋକେ ତୁମକୁ ଦୋଷ ଦିଅନ୍ତି । ତଥାପି, ତୁମେ ଅନ୍ୟର ଉପକାର କରିଚାଲ, କାହାରି କ୍ଷତି କେବେ କରନାହିଁ । ଭଗବାନ ତୁମର ମଙ୍ଗଳ କରିବେ ।

(୩) ତୁମେ ଯେତେବେଳେ ଜଣେ ସଫଳ ବ୍ୟକ୍ତି ହୁଅ, ସେତେବେଳେ ଅନେକ କପଟୀମିତ୍ର ଓ ବାସ୍ତବ ଶତ୍ରୁଙ୍କର ଘେରରେ ପଡ଼ିଯାଅ । ତଥାପି, ସଫଳତା ପଥରେ ତୁମେ ବାଧାବିଘ୍ନ ଅତିକ୍ରମ କରି ଆଗେଇ ଚାଲ । ଦୈବୀକୃପା ଲାଭ କରିବ ହିଁ କରିବ ।

(୪) ଆଜିତୁମେ ଅନ୍ୟପାଇଁ ଭଲ କାର୍ଯ୍ୟ କରୁଛ, କାଲି ହୁଏତ ସମସ୍ତେ ତାହା ପାଶୋରି ଯିବେ । ତଥାପି ତୁମେ ଅନ୍ୟର ଭଲପାଇଁ କାମ କରିଚାଲ । ଈଶ୍ୱର ତୁମର ସହାୟ ହେବେ ।

(୫) ଅନେକ କ୍ଷେତ୍ରରେ ତୁମର ସଚ୍ଚୋଟ ପଣିଆ, ସରଳତା, ନିଷ୍କପଟତା, ସ୍ପଷ୍ଟବାଦିତା ପାଇଁ ତୁମେ ଅନ୍ୟର ପରାଜୟ ସ୍ୱୀକାର କର । ତଥାପି, ତୁମେ ସଚ୍ଚୋଟ, ସରଳ, ନିଷ୍କପଟ ଓ ସ୍ପଷ୍ଟବାଦୀ ହୁଅ । ପରାଜୟରେ ମଧ୍ୟ ତୁମେ ନିଶ୍ଚୟ ବିଜୟର ସାତ୍ତ୍ୱିକ ଆନନ୍ଦ ଲାଭ କରିବ ।

(୬) ଲୋକେ ତୁମର ସାହାଯ୍ୟ ଲୋଡ଼ନ୍ତି । ଯେତେବେଳେ ଯାହାକୁ ତୁମେ ସାହାଯ୍ୟ କରିଥାଅ, ଦିନେ ସେମାନେ ତୁମର ଶତ୍ରୁ ସାଜି ଆକ୍ରମଣ କରନ୍ତି । ତଥାପି, ତୁମେ ଅନ୍ୟକୁ ସାହାଯ୍ୟ ଦେବାରେ କଦାପି କୁଣ୍ଠିତ ହୁଅନାହିଁ । ମଙ୍ଗଳମୟ ଭଗବାନ ତୁମର ମଙ୍ଗଳ କରିବେ ।

(୭) ପରହିତ, ବିଶ୍ୱକଲ୍ୟାଣ, ଜନମଙ୍ଗଳ ପାଇଁ ତୁମେ ତୁମ ନିଜ କ୍ଷମତାର ଉପଯୋଗ କର, କିନ୍ତୁ ପ୍ରତିଦାନରେ ତୁମକୁ ଅପମାନ, ଲାଞ୍ଛନା ଓ ଅସମ୍ମାନର ତିକ୍ତତା ମିଳେ । ତଥାପି, ପରହିତ ପାଇଁ ନିଜ କ୍ଷମତାର ସମ୍ପତ୍ତି ବାଣ୍ଟିଚାଲ । ତୁମେ ନିଃସ୍ୱ ହେବ ନାହିଁ । ବିଶ୍ୱପିତା ତୁମ ପାଖେ ପାଖେ ରହିଛନ୍ତି, ରହିବେ ।

(୮) ତୁମେ ବନ୍ଧୁ ବତ୍ସଳ । ଅନେକ ବନ୍ଧୁ ସାଜି ତୁମର ଏହି ଭଲଗୁଣର ସୁଯୋଗ ନେଇ ସ୍ୱାର୍ଥପରତାରୁ ସ୍ୱାର୍ଥ ହାସଲ କରି ସାରିବା ପରେ ମିତ୍ର ଦ୍ରୋହୀ ହୋଇ ତୁମ ସହିତ ଶତ୍ରୁତା ଆଚରଣ କରନ୍ତି । ତଥାପି, ତୁମେ ଏହି ଭଲଗୁଣର ବଶବର୍ତ୍ତୀ ହୋଇ ବନ୍ଧୁ ବତ୍ସଳ ହୋଇ ରହିଥାଅ । ବିଶ୍ୱବନ୍ଧୁ ଭଗବାନ ତୁମ ସହିତ ମିତ୍ରତା ସ୍ଥାପନ କରି ସହାୟକ ନିଶ୍ଚୟ ହେବେ ।

(୯) ତୁମେ ଅନ୍ୟର ଉପକାର ପାଇଁ ଉପକାରୀ ବନ୍ଧୁଙ୍କର ପ୍ରଶଂସା କର । ଏହା ତୁମର କୃତଜ୍ଞତା ଗୁଣର ପରିଚାୟକ । ତୁମ ପ୍ରଶଂସାବାକ୍ୟ ଶୁଣି ଅନେକେ ତୁମକୁ ନିର୍ବୋଧ କହି ଉପହାସ କରନ୍ତି । ଏଥିରେ ତୁମେ ଦୁଃଖିତ ହୁଅ ନାହିଁ । ଉପକାରୀର ଉପକାର ବାର୍ତ୍ତା ପ୍ରଚାର କରିବାରେ ତୁମେ କୁଣ୍ଠିତ ହୁଅ ନାହିଁ । ଦୈବୀ ଶକ୍ତି ତୁମ ପଛେ ପଛେ ରହିଛି, ରହିବ ।

ପ୍ରକୃତ ଅଧ୍ୟାତ୍ମ ସାଧନ ପ୍ରକ୍ରିୟା ଅନ୍ତଃକରଣରେ ହିଁ ହୋଇଥାଏ । ଏହି ସ୍ତରରେ ପହଞ୍ଚିବା ପାଇଁ ଚିତ୍ତ ଶୁଦ୍ଧିର ଓ ପବିତ୍ର ମନର ଆବଶ୍ୟକତା ରହିଛି । ଶୁଦ୍ଧ ଚିତ୍ତ ଓ ପବିତ୍ରମନ ପାଇଁ ଈଶ୍ୱରଙ୍କର ପବିତ୍ର ନାମ ଯେତେ ସମ୍ଭବ ସେତେବେଳେ ମନେ ମନେ ବାରମ୍ବାର ଉଚ୍ଚାରଣ କରିବା ଉଚିତ । ଶ୍ରଦ୍ଧା, ଭକ୍ତି ଓ ନିଷ୍ଠାର ସହିତ ନାମ ଉଚ୍ଚାରଣରେ ବିଶ୍ୱାସ ରଖିଲେ ସବୁ ସମ୍ଭବ ହୋଇପାରେ । ଦହି ଘାଣ୍ଟିଲେ ଯେପରି ଲହୁଣି ବାହାରି ଆସେ, କ୍ଷୀର ଆଉଟିଲେ ଯେପରି ମୋଟା ସର ପଡ଼ିଯାଏ, ନାମ ଉଚ୍ଚାରଣ ଅଧିକରୁ ଅଧିକ  କରିପାରିଲେ, ସେହିପରି ସ୍ନେହ ଭାବ ଗଜୁରି ଉଠେ । ସେହି ଅବସ୍ଥାରେ ବ୍ୟକ୍ତି କେବଳ ସ୍ରଷ୍ଟା ପୁରୁଷଙ୍କୁ ପ୍ରାଣଦେଇ ଭଲ ପାଇପାରେ ଏବଂ ତପ୍ର ସ୍ତରରେ ସ୍ରଷ୍ଟାଙ୍କ ସୃଷ୍ଟିର ଯାବତୀୟ ଜୀବଜନ୍ତୁ, କୀଟପତଙ୍ଗ, ସରୀସୃପ, ସ୍ଥାବର ଜଙ୍ଗମ, ଜୀବନ୍ତ ନିର୍ଜୀବ ସମସ୍ତଙ୍କୁ ଅକାତର ଅକୁଣ୍ଠିତ ସ୍ନେହ ବନ୍ଧନରେ ବାନ୍ଧିପାରେ । ଥରେ ଏହି ସ୍ତରରେ ପହଞ୍ଚି, ଏହି ଭାବରେ ବାନ୍ଧି ହୋଇଗଲେ ଆତ୍ମ ଦର୍ଶନ, ବ୍ରହ୍ମଦର୍ଶନ ଓ ଉପଲବ୍ଧି ଅନୁଭୂତି ଏବଂ ଲୀଳା ଦର୍ଶନ ଆଦି ଯାବତୀୟ ପରମାର୍ଥ ଓ ଆଧ୍ୟାତ୍ମ ସମ୍ପତ୍ତି ଭକ୍ତର ଅଧୀନ ହୋଇଯାଏ । କାରଣ, ସେ ପରା ଭକ୍ତାଧୀନ ଭଗବାନ । ଭଗବାନ ଯେତେବେଳେ ଅଧୀନକୁ ଆସି ଯାଆନ୍ତି, ସେତେବେଳେ ସ୍ୱାଧୀନ ହୋଇ କିଏ ବା କିପରି ଭକ୍ତର ବଳୟ ବାହାରେ ରହିପାରେ ?

❋❋❋

ଏ ସାଧନପଥ ନୁହଁଇ ସରଳ
ବାହ୍ୟ ଆଡ଼ମ୍ବରେ ନାହିଁ ।
କପଟ ସ୍ୱଭାବ ବୃଥା ଅଭିମାନ
ରଖିକେ' ପାଇଛି କାହିଁ ??

ପ୍ରଥମେ ପ୍ରାରବ୍ଧ ତା'ପରେ ଦେହ,
ଦେହ ଦାହ ଭୋଗି ଦିଅଁକୁ କୁହ ।
ଦିଅଁ ଦିଅ ଦିନ ଯାଉଛି ବିତି,
ଦେହ ଭୋଗେ ପ୍ରାରବ୍ଧକୁ ନିତି ।।

# ସଂଘ ସମ୍ବାଦ

*''ଚରମ'' ଚତୁର୍ଥପୁଷ୍ପ : ପ୍ରଥମ ପାଖୁଡ଼ା : ଚତୁର୍ଦ୍ଦଶ ସଂଖ୍ୟା-୨୫ ନଭେମ୍ବର, ୧୯୯୬ (ରାସପୂର୍ଣ୍ଣିମା) ପରମପ୍ରେମମୟ ଭାବଗ୍ରାହୀ ଠାକୁରଙ୍କର ଅପାର କରୁଣା ଏବଂ ଅପାର କଲ୍ୟାଣରୁ ଆନନ୍ଦର ଜୁଆର ଛୁଟାଇ ପ୍ରଥମଥର ପାଇଁ ପତ୍ରସ୍ଥ ହୁଏ ନୂତନ ସଂଯୋଜିତ 'ସଂଘ ସମ୍ବାଦ : ଶାଖା ପରିଚିତି-'କାଳଚକ୍ର'ରେ । ଚତୁର୍ଦ୍ଦଶ ଓ ପଞ୍ଚଦଶ ସଂଖ୍ୟାରେ ଯଥାକ୍ରମେ କ୍ଷିତିଜ୍ୟୋତିଃ ଆଶ୍ରମର ବେଳରପା ଓ କଟିକଟା କେତନୀଶାଖା ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରକାଶ ପାଏ । ପରବର୍ତ୍ତୀ ସଂଖ୍ୟାମାନଙ୍କରେ ଆମେ ତାହା ପ୍ରକାଶ କରି ନ ପାରି ପାଠକ/ପାଠିକା, ଗ୍ରାହକ/ଗ୍ରାହିକାଙ୍କୁ ଅବଗତ କରାଇ ସଂପାଦନା ତରଫରୁ କ୍ଷମା ପ୍ରାର୍ଥନା କରିଅଛୁ । ଚଳିତ ସଂଖ୍ୟାରେ ପୁନର୍ବାର ସେହି ସଂଯୋଜନା.....*

## ଶାଖା ପରିଚିତି : ପ୍ରହରାଜପୁର :

'ଅଚ୍ୟୁତଗୁପ୍ତବ୍ରହ୍ମସଂଘ'ର ଷଷ୍ଠ ଅଧିବେଶନ ତା୧୧।୧।୧୯୯୨ରିଖ, ରବିବାର, ପୌଷମାସ, ଧନୁ୨୮, ପୌଷ୨୨ରେ ପ୍ରହରାଜପୁର ଠାରେ ଅନୁଷ୍ଠିତ ହୁଏ । ସେହିଦିନ ସଂଧ୍ୟାରେ ମୀନଚନ୍ଦ୍ର ୬୦ଦଣ୍ଡ ସମୟରେ ପବିତ୍ର ସନାତନୀ କେତନ ଉତ୍ତୋଳନ ପରେ ଯଥାବିଧି କେତନୀ ସତ୍‌ସଙ୍ଗ ଅନୁଷ୍ଠିତ ହୋଇ ପର୍ଯ୍ୟାୟକ୍ରମରେ ତାହା ସର୍ବ ସାଫଲ୍ୟରେ ଉଦ୍‌ଯାପିତ ହୁଏ । ବିଭିନ୍ନ ଅଞ୍ଚଳରୁ ଶହ ଶହ ଗୁରୁଭାଇଭଉଣୀ ଏବଂ ଠାକୁରଙ୍କର ଭକ୍ତଶିଷ୍ୟ, ଅନୁଗତ ସମେତ ଅଧ୍ୟାତ୍ମବାଦୀ ସତ୍‌ସଙ୍ଗପ୍ରେମୀ ଜନସାଧାରଣ ଏଥିରେ ଏକାଗ୍ରତା ଓ ନିଷ୍ଠାର ସହିତ ଯୋଗଦେଇ ପରମ ଆନନ୍ଦ ଲାଭ କରନ୍ତି । ଏହି କେତନୀ ସତ୍‌ସଙ୍ଗରେ ପ୍ରହରାଜପୁର କ୍ଷିତିଜ୍ୟୋତିଃ ଆଶ୍ରମର କେତନୀଶାଖା ନଂ.୩ ଭାବରେ ଠାକୁରଙ୍କର ବିଧିବଦ୍ଧ ସ୍ୱୀକୃତି ଲାଭ କରି ଉଦ୍‌ଘୋଷିତ ହୁଏ । ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ ତଥା କ୍ଷିତିଜ୍ୟୋତିଃ ଆଶ୍ରମ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ସକଳ ଦିବ୍ୟାତ୍ମା ଗୁରୁଭାଇଭଉଣୀ ଏବଂ ବିଶେଷକରି ପ୍ରହରାଜପୁର ଶାଖା ସହିତ ସଂଶ୍ଳିଷ୍ଟ ସମସ୍ତଙ୍କ ମନପ୍ରାଣ ଓ ହୃଦୟରେ ପବିତ୍ର ସାତ୍ତ୍ୱିକ ଆନନ୍ଦର ଲହରୀ ତୋଳି ଉକ୍ତ କେତନୀଶାଖା ଆତ୍ମପ୍ରକାଶ କରେ ।

ପ୍ରହରାଜପୁର ଶାଖା ଉଦ୍‌ଘାଟନୀ କେତନୀ ସତ୍‌ସଙ୍ଗର ଉଦ୍ୟୋକ୍ତା ଥିଲେ ମୁଖ୍ୟତଃ ଗୌରହରି ଭାଇ, ବୈରାଗୀ ଭାଇ, ବିଶ୍ୱନାଥ ଭାଇ ଓ ଦୈତାରୀ ଭାଇ । ଅବଶ୍ୟ ଶାଖାନ୍ତର୍ଭୁକ୍ତ ଅନ୍ୟାନ୍ୟ ଅନେକ ଗୁରୁଭାଇ ଭଉଣୀ ସାମର୍ଥ୍ୟାନୁପାତରେ ଅକୁଣ୍ଠ ସାହାଯ୍ୟ ସହଯୋଗରେ ଆନନ୍ଦର ମହାସ୍ରୋତରେ ଗୋଟିଏ ଗୋଟିଏ କଲ୍ଲୋଳ ସଦୃଶ ପ୍ରତିଭାତ ହୋଇଥିଲେ କହିଲେ, ସତ୍ୟର ଅପଳାପ ହେବନାହିଁ । ଉଦ୍‌ଘାଟନୀ ସତ୍‌ସଙ୍ଗରେ ଶ୍ରଦ୍ଧେୟ ଗୌରହରି ଭାଇ ଶାଖା ପରିଚାଳକ ଏବଂ ବୈରାଗୀ ଭାଇ ଶାଖା ପୂଜକ ବୋଲି ଠାକୁରଙ୍କ ଆଜ୍ଞା ଆଦେଶରେ ଘୋଷଣା କରାଯାଇଥିଲା । ସେତେବେଳେ ପ୍ରହରାଜପୁର ଶାଖାର ଭାଇଭଉଣୀ ସନ୍ଦେଶପତ୍ରଧାରୀଙ୍କ ସଂଖ୍ୟାଥିଲେ ମାତ୍ର ୨୭ ଏବଂ ଏବେ ସେହି ସଂଖ୍ୟା ପର୍ଯ୍ୟାୟକ୍ରମେ ବୃଦ୍ଧିପ୍ରାପ୍ତ ହୋଇ ୯୭ରେ ପହଞ୍ଚିଛି । ସମ୍ମାନୀୟ ଗୌରହରି ଭାଇ ଜଣେ ନିରଳସ, ଉଦ୍ୟମଶୀଳ, ନିଃସ୍ୱାର୍ଥପର, ବନ୍ଧୁବତ୍ସଳ ଏବଂ ନ୍ୟାୟପରାୟଣ ଆଦର୍ଶସ୍ଥାନୀୟ ବ୍ୟକ୍ତି, ଏହା ସର୍ବଜନବିଦିତ । ସୃଷ୍ଟିଚକ୍ରର ବିଡ଼ମ୍ବନାରୁ କାଳଚକ୍ରାନୁସାରେ ଗୌରହରି ଭାଇ ପର୍ଯ୍ୟାୟଭୋଗ ସୂତ୍ରରେ ରୋଗରେ ପୀଡ଼ିତ ହେବା ପରେ ପରେ ଏବେ ପ୍ରହରାଜପୁର ଶାଖାର ପ୍ରତ୍ୟକ୍ଷ ପରିଚାଳନା ଦାୟିତ୍ୱରେ ବୈରାଗୀଭାଇ ଓ ବିଶ୍ୱନାଥଭାଇ ଠାକୁରଙ୍କ ଆଜ୍ଞା, ଆଦେଶ ଓ ଉପଦେଶକ୍ରମେ ରହି ଅଛନ୍ତି ।

ମହାପୁରୁଷ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କର ଭବିଷ୍ୟ ବାଣୀ ଏ କ୍ଷେତ୍ରରେ ମଧ୍ୟ ସତ୍ୟରେ ପରିଣତ ହୋଇଛି । ଅଚ୍ୟୁତଙ୍କ କୃତ 'ମହାଭବିଷ୍ୟ ଗ୍ରନ୍ଥ'ରେ ସ୍ପଷ୍ଟ ଉଲ୍ଲେଖ ରହିଛି:

"ଶୁଣ ରାମ ତୋତେ କହୁଛି ଥାଇ । କଳିପୀଠ କଥା ଦିଏ ବତାଇ ॥
କଳିରେ କେତନ ପୌଷ ଦିବସ । ଧନୁ ସପ୍ତଗୁଣ ଚାରିରେ ବଶ ॥
ଏହିଦିନ ରାମ ପୀଠ ଉଦ୍ଧାର । ପ୍ରହ୍ରାଜ ଗାଁରେ ଦେବୁ ନଜର ॥
ମୀନଚନ୍ଦ୍ର ଗୁଣ ବିଂଶ ତିନିରେ । ପୌଷ ଏକାଦଶ ବେନି ଗୁଣିରେ ॥
ଶନି ପର ବାସ ଦିବସ ବାର । କେତନ ଉଡ଼ିବ ସେହି ଠାବର ॥
ସନାତନୀ ଧ୍ୱଜା ଉଡ଼ିବ ପୁର । ଉରୁତି ଅନୁଚି କରିଛି ଘର ॥
ଉରୁଚି ଅନୁଚି ଜଗିଛି ବାସ । ଗୁହୀର ଦୁଆରେ ସତ ନିବାସ ॥"

ମହାଭବିଷ୍ୟ ଗ୍ରନ୍ଥାନୁସାରେ ମହାପୁରୁଷ ଅଚ୍ୟୁତଙ୍କର ଏହି ଉଦ୍ଧୃତାଂଶର ଅର୍ଥନ୍ୟାସ ଏଠାରେ ଅବଶ୍ୟ ପ୍ରଣିଧାନଯୋଗ୍ୟ । ଧନୁ ସପ୍ତଗୁଣ ଚାରି ବୋଇଲେ ୭x୪=୨୮ । ଧନୁ ମାସର ୨୮ ଦିନରେ ପ୍ରହରାଜପୁର ସତ୍‌ସଙ୍ଗପୀଠରେ ସନାତନୀ କେତନ ଆସବାୟ ମନ୍ତ୍ରୋଚ୍ଚାରଣ ସହିତ ଉତ୍ତୋଳିତ ହୋଇଥିଲା । ପୌଷ ଏକାଦଶ ବେନି ଗୁଣିରେ ଅର୍ଥାତ୍, ୧୧x୨=୨୨ । ପୌଷ ମାସ ୨୨ ଦିନରେ ଏହି ଶୁଭକାର୍ଯ୍ୟ ଅନୁଷ୍ଠିତ ହେଲା । ଶନିପରବାସ ଦିବସବାର ଅର୍ଥ ଶନିବାରର ପରବର୍ତ୍ତୀ ବାର ରବିବାର । ରବିବାର ଦିନ ସଂଧ୍ୟାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇ ପ୍ରହରାଜପୁର ଶାଖା ଉଦ୍‌ଘାଟନର ବାର୍ତ୍ତା ଘୋଷଣା କରାଗଲା । ଉରୁତି ଓ ଅନୁଚି ନାମକ ଋଷିଦ୍ୱୟ ଦ୍ୱାପର ସଂସ୍କୃତିରେ ପ୍ରଭୁଙ୍କୁ ଆପଣାର ତପଶ୍ଚରଣରେ ସନ୍ତୁଷ୍ଟ କରି ଏହି ବର ମାଗିଥିବାର ପ୍ରମାଣ ମହାପୁରୁଷଙ୍କ ଲେଖନୀନିଃସୃତ ମାଳିକା ମତରୁ ସ୍ପଷ୍ଟତଃ ମିଳୁଅଛି । ଦିବ୍ୟପୁରୁଷ ଅଚ୍ୟୁତ ନିର୍ବିକଳ୍ପ ସମାଧିରେ ଆରୂଢ଼ ହୋଇ ନିରାକାର ବ୍ରହ୍ମଙ୍କ ସହିତ ସଂଯୋଗ ସ୍ଥାପନ କରି କଳିଯୁଗର ପୀଠ ମହାତ୍ମ୍ୟ ସଂଗ୍ରହକରି ପ୍ରିୟଶିଷ୍ୟ ରାମଦାସଙ୍କର ଜିଜ୍ଞାସାବାଚକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ଆଜକୁ ପାଞ୍ଚଶହରୁ ଅଧିକ ବର୍ଷ ପୂର୍ବରୁ ତାଳପତ୍ର ପୋଥୀରେ ଲେଖି ଯାଇଥିଲେ । ଆଜି ତାହା ଅକ୍ଷରେ ଅକ୍ଷରେ ସତ୍ୟରେ ପରିଣତ ହୋଇ ବହୁ ଅନୁସନ୍ଧିତ୍ସୁ ଆଧାତ୍ମିକବାଦୀଙ୍କୁ ଅପାର ଆନନ୍ଦ ପ୍ରଦାନରେ କ୍ଷମ ହୋଇ ପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦ୍ୱାପର ଯୁଗର ଋଷିଦ୍ୱୟ ଉରୁତି ଓ ଅନୁଚି ବର ମାଗିଥିଲେ ଯେ ଏହି ଦିନ ପ୍ରହରାଜପୁରଠାରେ ପୀଠ ଉଦ୍ଧାର ହେବ, ଧର୍ମଧ୍ୱଜା ସନାତନୀ କେତନ ଉଡ଼ିବ ଏବଂ ସତ୍‌ସଙ୍ଗ ଅନୁଷ୍ଠିତ ହେବ । ତାହାହିଁ ହୋଇଛି । ସେଦିନ ପୌଷ କୃଷ୍ଣା ସପ୍ତମୀ ତିଥି ଏବଂ ଉତ୍ତରଭାଦ୍ର ନକ୍ଷତ୍ର ।

କହିବା ବାହୁଲ୍ୟଯେ, ଏହି ପୁଣ୍ୟପୀଠ ଉପରେ ଏବେ ପ୍ରହରାଜପୁର ଶାଖା ଅନୁଷ୍ଠିତ ହୋଇ ଆସୁଅଛି ।

***

ଆମର ଲକ୍ଷ୍ୟ : ଚରମପ୍ରାପ୍ତି